୬ ସୁପର ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟ କାରୁଆନାଙ୍କୁ ହରାଇଲେ ଗୁକେଶ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୯୯ ● ୧୦ ମଇ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-99 ● 10th May 2026, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଘଟଣାର ପୁନରାବୃତ୍ତି ନ ଘଟିବା ନେଇ ଡିଜିପିଙ୍କୁ କଡ଼ା ତାଗିଦ୍

# ବାଲିଅନ୍ତା ଭିଡ଼ ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୫**

**ନ୍ୟୁଜ୍‌ବ୍ୟୁରୋ**



ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ଘଟିଥିବା ଭିଡ଼ ହତ୍ୟା ଘଟଣା ସମ୍ପର୍କରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିବା ପରେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଞ୍ଚ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପାଇଁ ପୋଲିସ ମହାନିର୍ଦ୍ଦେଶକ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଛନ୍ତି। ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ-ଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚ୍ଚେ, ଅତିରିକ୍ତ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ସଞ୍ଜୟ କୁମାର, ଏ.ଡି.ଜି କ୍ରାଇମବ୍ରାଞ୍ଚ୍ ବିନୟତୋଷ ମିଶ୍ର, ପୋଲିସ କମିଶନର ଏସ. ଦେବଦତ୍ତ ସିଂହ ଏବଂ ଡି.ସି.ପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

ବାଲିଅନ୍ତାରେ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା ଘଟଣାରେ ପୋଲିସ ଶନିବାର ଆଉ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିସାରିଛି। ଏହି ମାମଲାରେ ଏବେସୁଦ୍ଧା ୧୧ ଅଭିଯୁକ୍ତ ଗିରଫ ହୋଇସାରିଥିବା ବେଳେ ଗିରଫଦାରୀ ଆହୁରି ବଢ଼ିପାରେ ବୋଲି ସୂଚନା ମିଳିଛି।



ବିଶ୍ୱ ମାତୃ ଦିବସ ଅବସରରେ ମାତୃ ସ୍ନେହର ନିଦର୍ଶନ। (ଫଟୋ : ସମ୍ବାଦ କଳିକା)

## ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଶୁଭେନ୍ଦୁ ଅଧିକାରୀ

**କୋଲକାତା,୯।୫**

ପଶ୍ଚିମବଙ୍ଗ ରାଜନୀତିରେ ଶନିବାର ଏକ ନୂତନ ଯୁଗର ଆରମ୍ଭ ହୋଇଛି। ଦୀର୍ଘ ୧୫ ବର୍ଷର ଟିଏମ୍‌ସି ଶାସନର ଅନ୍ତ ଘଟାଇ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। କୋଲକାତାର ଐତିହାସିକ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ରାଜ୍ୟପାଳ ଆର.ଏନ. ରବି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।



ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱତନ୍ତ୍ର ଭାବେ ଯୋଗ ଦେଇ ଶୁଭେନ୍ଦୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହିତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, (ପୃଷ୍ଠା ୭ରେ)

## ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ

**ଭୁବନେଶ୍ୱର,୯।୫**

**ନ୍ୟୁଜ୍‌ବ୍ୟୁରୋ**

ପ୍ରବଳ ରୌଦ୍ର ତାପ ଯୋଗୁଁ ଆସନ୍ତା ୧୧.୦୫.୨୦୨୬ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଅବଗତ କରାଯିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

## ରାଜ୍ୟରେ ୭ଟି ମହିଳା ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା ନେଇ ବିଚାର କରାଯାଉଛି

**ଭୁବନେଶ୍ୱର,୯।୫**

**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ, ଦେଶ ତଥା ବିଶ୍ୱ ଦୃଷ୍ଟିକୋଣରୁ ଅବଲୋକନ କଲେ ଜନସଂଖ୍ୟା ସହ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟୁଛି। ବର୍ତ୍ତମାନ ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ତଥା ଦେଶରେ ଯୁବପିଢ଼ିଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୦ ଭାଗରୁ ଅଧିକ ରହିଛି। ତେବେ ଆଗାମୀ ଦିନରେ ଏହି ସଂଖ୍ୟାରେ ପରିବର୍ତ୍ତନ ସହ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଯାଉଛି। ଏଣୁ ଆମକୁ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।



ଶନିବାର ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଜନସାଂଖ୍ୟିକ ପରିବର୍ତ୍ତନ ଓ ଆଇନ ବ୍ୟବସ୍ଥା: ଉଦୟମାନ ମାନବୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ନେଇ ଆମ ବିଧି ବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ପଡ଼ିବ। ଏଥିପାଇଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତା, ୬୨ ଜନଜାତି ସମୁଦାୟ, ୧୩ଟି ପିଭିଟିଜି ବର୍ଗଙ୍କ ସ୍ଥିତିକୁ ନଜରକୁ ନେବାକୁ ପଡ଼ିବ। ତେଣୁ ଜନସଂଖ୍ୟା ଦୃଷ୍ଟିରୁ ସବୁ ଜିଲ୍ଲା, ସବୁ ଅଞ୍ଚଳ ଏବଂ (ପୃଷ୍ଠା ୭ରେ)

## ୧୧ରୁ ଭିତର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ମଣତି

**ପୁରୀ,୯।୫**

**ନ୍ୟୁଜ୍‌ବ୍ୟୁରୋ**

ରତ୍ନଭଣ୍ଡାର ପୁଣି ଗଣତି ମଣତି ହେବ। ଦୀର୍ଘ ଦିନ ବ୍ୟବଧାନ ପରେ ଆସନ୍ତା ମେ' ୧୧ ତାରିଖରୁ ଆରମ୍ଭ ହେବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ। ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି।

ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି ମଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ଏବଂ ରବିବାର ଠାକୁରଙ୍କ ହଳଦୀ ପାଣି ନୀତି ରହିଛି। ଏଣୁ ଠାକୁରଙ୍କ ନୀତି କାନ୍ତିରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ସେଥିପାଇଁ ଗଣତି ମଣତି କାର୍ଯ୍ୟ ବନ୍ଦ ରଖାଯାଇଥିଲା। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ଆସନ୍ତା ୧୧ ତାରିଖରୁ ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ। ପରେ ଆଉ କେଉଁ ଦିନ ଗଣତି ମଣତି କାର୍ଯ୍ୟ କରାଯିବ ସେନେଇ ସୂଚନା ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି।

ପୂର୍ବରୁ ଏପ୍ରିଲ୍ ୧୪ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଆରମ୍ଭ କରା (ପୃଷ୍ଠା ୭ରେ)

## ଦେଶର ପରବର୍ତ୍ତୀ ସିଡିଏସ୍ ହେବେ ଏନଏସ ରାଜା ସୁବ୍ରମଣି



**ନୂଆଦିଲ୍ଲୀ,୯।୫**

ଲେଫ୍ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣି ଦେଶର ନୂତନ ସିଡିଏସ ହେବେ। ସେ ତିନୋଟି ସଶସ୍ତ୍ର (ପୃଷ୍ଠା ୭ରେ)

## ଭାଇସ୍ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନ ପରବର୍ତ୍ତୀ ନୌସେନା ମୁଖ୍ୟ



**ନୂଆଦିଲ୍ଲୀ,୯।୫**

ଭାଇସ୍ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନଙ୍କୁ ପରବର୍ତ୍ତୀ ନୌସେନା ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି। ସେ ଆସନ୍ତା (ପୃଷ୍ଠା ୭ରେ)

### ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୫,୨୩୫ (-୩୩) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୯୬୫ (-୩୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୪୨୬ (-୨୫) |

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୫ (+୦)

## ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର,୯।୫**

**ନ୍ୟୁଜ୍‌ବ୍ୟୁରୋ**

ଭାରତର ପ୍ରତିରକ୍ଷା ବିଭାଗ ଦେଶର ସୁରକ୍ଷା ରଣନୈତିକ କ୍ଷମତାରେ ଆଉ ଏକ ଐତିହାସିକ ସଫଳତା ହାସଲ କରିଛି। ଏହି କ୍ରମରେ ଓଡ଼ିଶା ଉପକୂଳର ଡ. ଏପିଜେ ଅବଦୁଲ କଲାମ ଦୀପରୁ ମଲ୍ଟିପଲ୍ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେଡ୍ ରି-ଏଣ୍ଟ୍ରି ଭେହିକଲ୍ (ଏମ୍‌ଆଇଆରଭି)ରୁ ଉନ୍ନତ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି।

ଏହି ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରରେ ଏକାଧିକ ୱାରହେଡ୍ ସଂଯୋଜିତ ହୋଇଥିଲା। ଏହି ୱାରହେଡଗୁଡ଼ିକ ଭାରତ ମହାସାଗର ଅଞ୍ଚଳର ବିସ୍ତୃତ ଭୌଗୋଳିକ କ୍ଷେତ୍ରରେ ଥିବା ଭିନ୍ନ ଭିନ୍ନ ଲକ୍ଷ୍ୟକୁ ସଫଳତାର ସହିତ ଭେଦ କରିଥିଲା। ଏଥିପାଇଁ ଦୁଇ ଦିନ ପୂର୍ବରୁ ବଙ୍ଗୋପସାଗର ଓ ଭାରତ ମହାସାଗର ଅଞ୍ଚଳରେ ଉଡ଼ାଣ ନିଷିଦ୍ଧ ସୂଚନା (ନୋଟାମ) ପ୍ରଦାନ କରାଯାଇଥିଲା। ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ଦ୍ୱାରା ନିୟୋଜିତ ଅନେକ ଭୂମିଭିତ୍ତିକ ଏବଂ ବଙ୍ଗୋପସାଗରରେ ଜାହାଜ-ଆଧାରିତ (ପୃଷ୍ଠା ୭ରେ)



## ସମାଧାନ ଆଡ଼କୁ ଯାଉଛି ମହାନଦୀ ଜଳ ବିବାଦ : ଏଜି

**ଭୁବନେଶ୍ୱର,୯।୫**

**ନ୍ୟୁଜ୍‌ବ୍ୟୁରୋ**

ଛତିଶଗଡ଼ ସହିତ ମହାନଦୀ ଜଳ ବିବାଦ ସମାଧାନ ଆଡ଼କୁ ଯାଉଛି ବୋଲି କହିଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏଜି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ମହାନଦୀ ବିବାଦ ଆଉ ଜଟିଳ ନାହିଁ, ସମାଧାନ ଆଡ଼କୁ ଯାଉଛି। ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ବିବାଦର ସମାଧାନ ନେଇ ଉଦ୍ୟମ ହୋଇଛି। ମହାନଦୀରେ ଜଳ ରାଶି କେତେ ତାକୁ ନେଇ ରିପୋର୍ଟ ଦାଖଲ କରାଯାଇଛି। ୨ ରାଜ୍ୟର ଯନ୍ତ୍ରୀ ୧୫ ଥର ବୈଠକ କରି ତଥ୍ୟଭିତ୍ତିକ ରିପୋର୍ଟ ଦେଇଛନ୍ତି। ଟ୍ରିବ୍ୟୁନାଲ ଦ୍ୱାରା କୌଣସି ଜଳ ବିବାଦର ସମାଧାନ ହୋଇନାହିଁ। କିଛି ଲୋକ ନିଜ ରାଜନୈତିକ ଫାଇଦା (ପୃଷ୍ଠା ୭ରେ)





### ଏକାଳ ପଖାଳ



ବିଜୟ ବିଜୟ ରଥରେ
ବିଜୟ ପଥ ପରିଷ୍କାର
ଷ୍ଟାର୍ଲିଙ୍ଗ୍ ହାତ ଛାଡ଼ି କୁମରଙ୍କ
ନୂଆ ପଥ ଆବିଷ୍କାର
ଏ ରାଜନୀତି ବେପାର
ବର୍ଷା ଯୁଆଡ଼େ ଛତା ସେ ଆଡ଼େ
ଏଇ ପରା ପରିବାର !

## ହର୍ମୁଜ ନିକଟରେ କ୍ରସ୍-ଫାୟାରିଂରେ ବୁଡ଼ିଲା ଭାରତୀୟ ଜାହାଜ



**ନୂଆଦିଲ୍ଲୀ,୯।୫**

ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକା ଓ ଇରାନ ମଧ୍ୟରେ ପୁଣି ସଂଘର୍ଷ ଘଟିଛି। ଉଭୟ ପକ୍ଷର କ୍ରସ୍ ଫାୟାରିଂ (ଗୁଳିଗୋଳା ବର୍ଷଣ) ଯୋଗୁଁ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଏକ କାଠର ମାଲ୍‌ବାହୀ ଜାହାଜରେ ନିଆଁ ଲାଗି ଏହା ବୁଡ଼ି ଯାଇଥିବାବେଳେ ଜଣେ ଭାରତୀୟ ନାବିକଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଚାରିଜଣ ନାବିକ ଆହତ ହୋଇଛନ୍ତି। ଏହି ଘଟଣା ଘଟିଥିବାବେଳେ ଡଙ୍ଗାରେ ଥିବା ଅନ୍ୟ ୧୭ ଜଣ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ରିପୋର୍ଟ ଅନୁଯାୟୀ ମୃତ ନାବିକ ଗୁଜରାଟର ଦ୍ୱାରକା ଜିଲ୍ଲାର ଜାମ ସଲାୟର ବାସିନ୍ଦା। ଜାହାଜଟି ଦୁବାଇରୁ ୟେମେନ ମାଲ ପରିବହନ କରୁଥିଲା। ରିପୋର୍ଟ ଅନୁଯାୟୀ ମୃତ ନାବିକଙ୍କ ପରିଚୟ ଅଲତାଫ ତାଲାବ କେର ଭାବେ ସୂଚନା ଦିଆଯାଇଛି। ୧୮ ଜଣ ନାବିକ ଥିବା ଏହି ଜାହାଜ 'ଅଲ ଫେଜ୍ ନୁର ସୁଲୋମାନି' ଉପରେ ଗୁଳିଗୋଳା ବର୍ଷଣ ଯୋଗୁଁ ପ୍ରଥମେ ଏଥିରେ ନିଆଁ ଯାଇଥିଲା। ଦୁବାଇସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଏହି ଘଟଣା ସମ୍ପର୍କରେ ସୂଚନା ଦେବା ସହିତ ଦୁଃଖ ପ୍ରକାଶ କରିଛି।

ଇଣ୍ଡିଆନ୍ ସେଲିଂ ଭେସେଲ୍ସ ଆସେସିଏସନର ମହାସଚିବ ଆଦମ ଭାୟା କହିଛନ୍ତି, ହର୍ମୁଜ ପ୍ରଣାଳୀ ପାର୍ କରୁଥିବା ସମୟରେ ଭାରତୀୟ (ପୃଷ୍ଠା ୭ରେ)

## ଆସୁଛି ଲଘୁଚାପ : ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୯।୫**

**ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ସମୁଦ୍ର ପତ୍ତନଠାରୁ ଦେଢ଼ କିଲୋମିଟର ଉଚ୍ଚ ଯାଏ ଘୂର୍ଣ୍ଣିବଳୟଟି ବ୍ୟାପିଛି। ଆଗାମୀ ଦିନରେ ଏହା ଆହୁରି ଘନୀଭୂତ ହୋଇ ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ୧୧ ତାରିଖ ବେଳକୁ ଲଘୁଚାପର ରୂପ ନେଇପାରେ। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷେ ଦକ୍ଷିଣ-ପଶ୍ଚିମ ଉତ୍ତର ପ୍ରଦେଶ ଓ ସମୀପବର୍ତ୍ତୀ ଅଞ୍ଚଳରେ ଥିବା ଉପର ବାୟୁ ଘୂର୍ଣ୍ଣିବଳୟ ପରିସରରୁ ପୂର୍ବ ମଧ୍ୟପ୍ରଦେଶ ଓ ଛତିଶଗଡ଼ ଦେଇ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ୍ ଜାରି ରହିଛି। ଏହା ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଉଚ୍ଚରେ ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏଥିଯୋଗୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି। ଆଗାମୀ ୪ ଦିନ ଅର୍ଥାତ୍ ୧୨ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବ।







# 'ଯୋଗ୍ୟ ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନିଶ୍ଚିତ ଭାବେ ସାମିଲ କରାଯିବ'

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

୨୦୧୧ ଜନଗଣନା ଅନୁଯାଇ ବୌଦ୍ଧ ଜିଲା ଜନସଂଖ୍ୟା ୪ ଲକ୍ଷ ୪୧ ହଜାର ହୋଇଥିବା ବେଳେ ସେଥିମଧ୍ୟରୁ ୩ ଲକ୍ଷ ୬୧ ହଜାର ଜଣ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ବିନା ମୂଲ୍ୟରେ ଖାଦ୍ୟାନ୍ନ ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷରେ ଆହୁରି ସହସ୍ରାଧିକ ହିତାଧିକାରୀ ମାଗଣା ଖାଦ୍ୟାନ୍ନ ପାଇବାକୁ ଅପେକ୍ଷା କରିଛନ୍ତି । ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ସେ ନୂତନ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସଭାବନା ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପାତ୍ର ଯୋଗଦେଇ ନୂତନ ହିତାଧିକାରୀ ମାନଙ୍କୁ ଖାଉଟି କାର୍ଡ ବଂଟନ କରିଥିଲେ। ଏହାସହ ଜିଲ୍ଲା ଯୋଗାଣ ବିଭାଗର କାର୍ଯ୍ୟ ସମୀକ୍ଷା ବୈଠକରେ ଯୋଗଦେଇ ଖାଦ୍ୟ ସୁରକ୍ଷା ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ, ହିତାଧିକାରୀମାନଙ୍କୁ ଠିକ୍ ସମୟରେ ଖାଉଟି ସାମଗ୍ରୀ ବଂଟନ ଓ ପାରଦର୍ଶିତାର ସହ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସମୀକ୍ଷା ସମୟରେ ଦିଆଯାଇଥିବା ତଥ୍ୟ ପ୍ରକାରେ ଜିଲ୍ଲାରେ ୨୦୨୫-୨୬ ବର୍ଷ ପାଇଁ ଖରିଫ ଋତୁରେ ୪୪,୮୯୮ ଜଣ ଚାଷୀଙ୍କ ଠାରୁ ୬୨ ଟି ମଣ୍ଡି ଦ୍ୱାରା ୨୦,୭୨,୯୫୫ କୁଇଂଟାଲ ଧାନ କ୍ରୟ ହୋଇଛି । ଯାହକି ଧାର୍ଯ୍ୟ ଲକ୍ଷର ୯୯.୮୫% । ମନ୍ତ୍ରୀ ଏଥିପାଇଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଚଳିତ ରବିଋତୁ ପାଇଁ ୮,୨୯୦ ଜଣ ଚାଷୀ ୨୪ ଟି ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି । ଜିଲ୍ଲାରେ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପି ଏଚ ଏଚ ବର୍ଗରେ ୯୪,୫୪୨ଟି ପରିବାରର ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୫ କିଲୋ ଚାଉଳ ଏବଂ ଅନ୍ତୋଦୟ ଅନ୍ନ ଯୋଜନାରେ ୧୬,୨୩୫ ଟି ପରିବାରଙ୍କୁ ମାସିକ ୩୫ କିଲୋ ଚାଉଳ ଦିଆଯାଉଛି। ସେହିପରି ରାଜ୍ୟ ଯୋଜନାରେ ୩,୩୬୭ ଟି ପରିବାର ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜରେ ପ୍ରତି ହିତାଧିକାରୀଙ୍କୁ ୧୧୪୧୪୪ ଟି କାର୍ଡରେ ମାସିକ ୫ କିଲୋ ଚାଉଳ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି । ଜିଲ୍ଲାର ସର୍ବମୋଟ ୩,୬୧,୩୭୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ବିନା ମୂଲ୍ୟରେ ଖାଦ୍ୟାନ୍ନ ଯୋଗାଇ ଦିଆଯାଉଛି । ଜିଲ୍ଲାର ୯୭% ଖାଉଟି ହିତାଧିକାରୀଙ୍କ ଇ-କେ.ୱାଇ.ସି ଭେରିଫିକେଶନ ସମ୍ପୂର୍ଣ୍ଣ ହୋଇଛି । ଜିଲ୍ଲାରେ ଆଜିର ଦିନରେ ବିଭିନ୍ନ ବିତରଣ କମ୍ପାନୀ ପାଖରେ ଘରୋଇ ଜାଳେଣୀ ଗ୍ୟାସ ସିଲିଣ୍ଡର ୧,୬୧୭ ଟି ବ୍ୟବସାୟିକ ୮୨ ଟି ଏବଂ ୫ କିଲୋ ସିଲିଣ୍ଡର ୧୨୬ଟି ମହଜୁଦ ଅଛି । ସେହିପରି ଜିଲ୍ଲାର ୨୮ ଟି ତୈଳ ବିତରଣକାରୀ କେନ୍ଦ୍ର ମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଡିଜେଲ, ପେଟ୍ରୋଲ ମହଜୁଦ ଅଛି । ଏହାପରେ ମନ୍ତ୍ରୀ ଜିଲ୍ଲାର କୃଷି ଏବଂ ଉଦ୍ୟାନ କୃଷି ବିଭାଗର କାର୍ଯ୍ୟାବଳୀର ସମୀକ୍ଷା କରି ଇଂଟିଗ୍ରେଟେଡ ଫାର୍ମିଂ ଦ୍ୱାରା କୃଷକ ମାନଙ୍କୁ ସମୃଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀଗଣ, ଯୋଗାଣ ବିଭାଗର କର୍ମଚାରୀ ଓ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ସାକ୍ଷାତକାର ଦେଇ ମନ୍ତ୍ରୀ କହିଲେ ଯେ ଜିଲ୍ଲାରେ ଜାଳେଣୀ ଗ୍ୟାସ, ଡିଜେଲ, ପେଟ୍ରୋଲର କୌଣସି ଅଭାବ ନାହିଁ । ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନିଶ୍ଚିତ ଭାବେ ସାମିଲ କରି ବିନା ମୂଲ୍ୟରେ ଚାଉଳ ଯୋଗାଇ ଦିଆଯିବ ।

# ୩୭ ଦିନରେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପଦଯାତ୍ରା

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପାଇଁ ଚାଲିଥିବା ସଚେତନତା ପଦଯାତ୍ରା ଗୁରୁବାର ୩୭ ଦିନରେ ପଦାର୍ପଣ କରିଛି । ଏହା ଏକ ଅଦ୍ଭୁତ ଭାବନାର ସ୍ରୋତରେ ପରିଣତ ହୋଇଛି। ଏହା କେବଳ ପଦଯାତ୍ରା ନୁହେଁ, ବରଂ ଏହା ପୁରୀ ସହର ଓ ସଦରବାସୀଙ୍କ ହୃଦୟର ଅନୁଭୂତି, ନିରବ ବେଦନା ଓ ଅତୁଟ ଆସ୍ଥାର ଏକ ସଂଗଠିତ ଉଚ୍ଚାରଣ। ବଳଗଣ୍ଡି ଭକ୍ତ ସାଲବେଗ ପୀଠରୁ ଗତ ଅପ୍ରେଲ ୧ ତାରିଖ ଉତ୍କଳ ଦିବସ ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପ୍ରତ୍ୟହ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଯାଇ ପହଞ୍ଚିବା ବେଳେ ମନେ ହେଉଛି ପ୍ରତ୍ୟେକ ପଦକ୍ଷେପ ମାଟିକୁ ନୁହେଁ, ଭଗବାନଙ୍କ ପାଦପଦ୍ମକୁ ସ୍ପର୍ଶ କରୁଛି। "ଜୟ ଜଗନ୍ନାଥ" ଧ୍ୱନିରେ ଗୁଞ୍ଜରି ଉଠୁଥିବା ପଥରେ ଭକ୍ତିର ତୀବ୍ରତା ସହିତ ମିଶିଥିଲା ଅଧିକାର ହରାଇବାର ଅନୁଭୂତ ବେଦନା। ଏକ ଏମିତି ମିଶ୍ରଣ, ଯାହା ହୃଦୟକୁ ଛୁଇଁଯାଏ। ଏହି ପଦଯାତ୍ରା ଆଜି ପୁରୀ ସହର ଓ ସଦରବାସୀଙ୍କ ଆତ୍ମାର ସ୍ୱର ହୋଇଉଠିଛି। ଶ୍ରୀଜଗନ୍ନାଥଙ୍କ ପ୍ରତି ଅତୁଟ ଭକ୍ତି ଏବଂ ସ୍ୱାଭାବିକ ଦର୍ଶନ ଅଧିକାର ପ୍ରତି ଗଭୀର ଆକାଂକ୍ଷା ଏହାକୁ ଏକ ସାମୁହିକ ସଂକଳ୍ପରେ ପରିଣତ କରିଛି। ଏଠାରେ ଭକ୍ତି କେବଳ ଭାବନା ନୁହେଁ ଏହା ନ୍ୟାୟ ପାଇଁ ଏକ ଶାନ୍ତ କିନ୍ତୁ ଅଦମ୍ୟ ଆନ୍ଦୋଳନ। ନାରୀ-ପୁରୁଷ, ଯୁବକ-ବୃଦ୍ଧ ସମସ୍ତଙ୍କର ଏକତ୍ର ଅଂଶଗ୍ରହଣ ଏହି ଯାତ୍ରାକୁ ଦେଇଛି ଜୀବନ। ପ୍ରତ୍ୟେକ ମୁହଁରେ ଭକ୍ତିର ଆଲୋକ, ପ୍ରତ୍ୟେକ ହୃଦୟରେ ଏକ ଅଦୃଶ୍ୟ ପ୍ରାର୍ଥନା—"ପ୍ରଭୁ, ଆମକୁ ଆମ ଅଧିକାର ଫେରେଇ ଦିଅ।" ୩୭ ଦିନ ପରେ ମଧ୍ୟ ଏହି ପଦଯାତ୍ରାର ଉତ୍ସାହ ଶିଥିଳ ହୋଇନାହିଁ; ବରଂ ପ୍ରତ୍ୟେକ ଦିନ ସହିତ ଏହା ଆହୁରି ଗଭୀର ହେଉଛି। ଏହା ଏକ ଏମିତି ଯାତ୍ରା, ଯେଉଁଥିରେ ଆସ୍ଥା ଅଶ୍ରୁରେ ଭିଜେ, ବେଦନା ସଂକଳ୍ପରେ ପରିଣତ ହୁଏ ଏବଂ ଅଧିକାର ପାଇଁ ମନୁଷ୍ୟ ନିଜେ ଦୃଢ଼ ହୋଇଉଠେ। ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସରସ୍ୱତୀ ପାତ୍ର, ଶୁକାନ୍ତ ପଣ୍ଡା, ଅରୁଣା ପଟ୍ଟନାୟକ, ମୀନାକ୍ଷୀ ଦାସ, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, କିଶୋର ଦାସ, ସନ୍ଧ୍ୟାରାଣୀ ମିଶ୍ର, ଜଗନ୍ନାଥ ମହାନ୍ତି, ପ୍ରଣତି ରାୟ, ସୂର୍ଯ୍ୟ ନାରାୟଣ ରଥ, ଯାଦବା ବନ୍ଦ ରାୟ, ସନ୍ତୋଷ ସେନାପତି, ରାମକୃଷ୍ଣ ମହାନ୍ତି, ପଙ୍କଜିନୀ ପ୍ରଧାନ, ପ୍ରାନ୍ତସେନି ଜେନା, ରମେଶ ଚନ୍ଦ୍ର ନାୟକ,ମନୋଜ ସାମଲ, ଶୁଭଶ୍ରୀ ମହାରଣା, ଲିନା ଦାସ, ବିପାଶା ସିଂ, ବର୍ଷା ସାହୁ, ବୈଶାଳୀ ପ୍ରଧାନ, ସଞ୍ଜୟ ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, ଅଭିମନ୍ୟୁ ପ୍ରଧାନ, ଇଚ୍ଛା ଦାସ, ରାଜା ମହାନ୍ତି, ଭାରତୀ ମେହେର, ସୁରେନ୍ଦ୍ରନାଥ ରାଉତରାୟ, ଶାଳିନୀ ପ୍ରଧାନ, ଓ ଲିଙ୍ଗରାଜ ସାହୁ,ପ୍ରମୁଖ ସାମିଲ ଥିଲେ ତଥା ସମସ୍ତଙ୍କ ଏକତାବଦ୍ଧ ଅଂଶଗ୍ରହଣ ଏହି ପଦଯାତ୍ରାକୁ ଅଧିକ ଶକ୍ତିଶାଳୀ କରିଥିଲା। ପଦଯାତ୍ରାର ସଂଯୋଜନା ଆବାହକ ସ୍ୱାଧୀନ କୁମାର ପଣ୍ଡା କରିଥିଲେ। ସେ କହିଥିଲେ ଯେ, ଏହି ଯାତ୍ରା ଥମିବ ନାହିଁ, ଯେପର୍ଯ୍ୟନ୍ତ ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିରରେ ଦର୍ଶନ ଅଧିକାର ପୁନଃସ୍ଥାପିତ ନହୋଇଛି। ଏହା କେବଳ ଏକ ଦାବି ନୁହେଁ—ଏହା ଆମ ଆସ୍ଥାର ନ୍ୟାୟସଙ୍ଗତ ଅଧିକାର ପାଇଁ ଏକ ଅବିରତ ପ୍ରାର୍ଥନା ଓ ସଂକଳ୍ପ।

# ୭୦ କୋଟି ଟଙ୍କାର ଗଞ୍ଜେଇ ଜବତ
# ଆଗକୁ ପୋଲିସ ପାଇଁ ନୂଆ ଚ୍ୟାଲେଞ୍ଜ

**କନ୍ଧମାଳ, ନ୍ୟୁଜ ବ୍ୟୁରୋ**

ନିଶା କାରବାର ବିରୋଧରେ କନ୍ଧମାଳ ଏସପି ହରିଶ୍ ବିଶିଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ସ୍ପେସାଲ୍ ଡ୍ରାଇଭ୍ । ୭୦ କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି କନ୍ଧମାଳ ପୋଲିସ୍ । ଜିଲ୍ଲାରୁ ବେଆଇନ୍ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ରୋକିବା ପାଇଁ ଚାଲିଛି ଜୋରଦାର୍ ଅପରେସନ୍ । ୪ ମାସ ମଧ୍ୟରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଚଢ଼ଉ କରି ୬୮ ହଜାର ୭ଶହ ୨୩ କେଜି ୨୬୦ ଗ୍ରାମ୍ ବେଆଇନ୍ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୧୦୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ୍ । ଗିରଫଙ୍କ ମଧ୍ୟରେ ୯୩ ଜଣ ଅଭିଯୁକ୍ତ ପୁରୁଷ ଥିବା ବେଳେ ୧୧ ଜଣ ମହିଳା ଅଭିଯୁକ୍ତ ହୋଇଥିବା ସୂଚନା ମିଳିଛି । ବେଆଇନ୍ ଗଞ୍ଜେଇ ଚୋରା ଚାଲାଣରେ ନିୟୋଜିତ ୩୮ଟି ଗାଡ଼ି ଜବତ କରିଛି ପୋଲିସ୍ । ଯେଉଁଥିରେ ୧୨ଟି ଦୁଇଚକିଆ, ୫ଟି ୩ ଚକିଆ ଓ ୨୧ଟି ୪ ଚକିଆ ଗାଡ଼ି ରହିଥିବା ଜଣାପଡ଼ିଛି । ଏହି ଅପରେସନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ଏବଂ କନ୍ଧମାଳ ଜିଲ୍ଲାକୁ ନିଶାମୁକ୍ତ କରିବା ଆମର ଲକ୍ଷ୍ୟ। ଏଥିସହିତ ଯେଉଁମାନେ ଏହି ନିଶା କାରବାରରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ସମ୍ପତି ବାଜ୍ୟାପ୍ତି କରାଯିବ ବୋଲି କହିଛନ୍ତି ବାଲିଗୁଡ଼ା ଏସଡିପିଓ ସୁଭମ୍ ଭୋଷଲେ ।ଆଗକୁ ଗଞ୍ଜେଇ ଚାଷ ଓ ଚାଲାଣ ରୋକିବା କନ୍ଧମାଳ ପୋଲିସ୍ ପାଇଁ ଅଧିକ ସହଜ ହେବା ନେଇ ଅନୁମାନ କରାଯାଇଛି । ଏଥି ପୂର୍ବରୁ ଜିଲ୍ଲାରେ ମାଓବାଦୀ ମାନଙ୍କ ଦ୍ୱାରା ଏହି ବେଆଇନ୍ କାରବାରକୁ ସୁରକ୍ଷା ମିଳୁଥିଲା ହେଲେ ବର୍ତମାନ ଜିଲ୍ଲାରେ ମାଓ ଗତିବିଧି ଶେଷ ପ୍ରାୟ ଭଳି ସ୍ଥିତି, ପୋଲିସ୍ କୁ ଯଥେଷ୍ଟ ସୁହାଇବା ନେଇ ମଧ୍ୟ ଅନୁମାନ କରାଯାଏ। ହେଲେ ଗଞ୍ଜେଇ ମାଫିଆମାନେ ନିଜର କାରବାରକୁ ସୁରକ୍ଷା ଦେବା ପାଇଁ ନିଜେ ଅଂଟା ଭିଡିବା ନେଇ ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି । ଆଗକୁ ଏହାକୁ ସାମ୍ନା କରିବା ପାଇଁ ମଧ୍ୟ ପୋଲିସ୍ ସଜାଗ ରହିବାକୁ ପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ରବି ଲାବଣ୍ୟଙ୍କ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ ହେବେ ଅଭିନେତା ଓ ଆଦର୍ଶ ଶିକ୍ଷକ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**



ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୯ ତମ ଜୟନ୍ତୀ ସମାରୋହ ଆସନ୍ତା ମେ ୩୦ ତାରିଖରେ ଅନୁଷ୍ଠିତ ହେବ । ଏ ନେଇ ଏକ ପ୍ରସ୍ତୁତି ବୈଠକ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ସ୍ଥିତ ଶ୍ରୀ ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ତଥା ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଗୁପାଳ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବେଣୁଧର ଶରଣ, ବିଶିଷ୍ଟ ସାହିତ୍ୟିକ ଡଃ. ରାଜକିଶୋର ପାଢୀ, ସମାଜସେବୀ କାହ୍ନୁଚରଣ ଦାଶ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, କଲଣ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ତୁହିନାଂଶୁ ରଥ, ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପରିଡା, ସମାଜସେବୀ ଅଭିମନ୍ୟୁ ଧଳ, ସମ୍ଭବ ପତ୍ରିକାର ସମ୍ପାଦକ ଅଖିଳ ସ୍ୱାଇଁ, ଆଇନଜୀବୀ ରାମଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଅତିଥିମାନେ ରବି ଲାବଣ୍ୟଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହିତ ସ୍ୱର୍ଗତ ଲାବଣ୍ୟଙ୍କ ନୀତି, ଆଦର୍ଶ ମୂଲ୍ୟବୋଧର ବାର୍ତ୍ତାକୁ ଅଧିକରୁ ଅଧିକ ଭାବେ ପ୍ରଚାର ପ୍ରସାର କରିବାକୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆଗାମୀ ଜୟନ୍ତୀ ସମାରୋହକୁ କାଏମା ଠାରେ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା । ଜୟନ୍ତୀ ସମାରୋହରେ କଳାକ୍ଷେତ୍ରରେ ଜଣେ ସ୍ୱନାମଧନ୍ୟ ଅଭିନେତା ଏବଂ ଶିକ୍ଷା କ୍ଷେତ୍ରରେ ଜଣେ ଆଦର୍ଶ ଶିକ୍ଷକଙ୍କୁ ରବିଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ସେହିପରି ଲାବଣ୍ୟଙ୍କ ଜୀବନୀ ଉପରେ ଆଧାରିତ ସ୍ମରଣିକା 'ସ୍ୱାଭିମାନ'ର ଚତୁର୍ଥ ଭାଗ ପ୍ରକାଶ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ଖଡିଆଳ ଉପଖଣ୍ଡ ସାସ୍ଥ୍ୟକେନ୍ଦ୍ରରେ
# ଡାକ୍ତର ସମସ୍ୟା, ସାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ନୂଆପଡ଼ା, ନ୍ୟୁଜ ବ୍ୟୁରୋ**

ନୂଆପଡା ଜିଲ୍ଲାର ଖଡିଆଳ ପ୍ରମୁଖ ସହର । ଖଡିଆଳ ଠାରେ ଥିବା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖଡିଆଳ, ସିନାପାଲି, ବୋଡେନ, କୋମନା ଅଂଚଳର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରୁଥିବା ବେଳେ ପଡୋଶୀ ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା, ତୁରେକେଲା, ଖଡିଆଳକୁ ଲାଗିଥିବା ନିକଟସ୍ଥ କଳାହାଣ୍ଡି ଜିଲ୍ଲାର ବୋର୍ଡା ଓ ପଡୋଶୀ ଛତିଶଗଡ଼ ରାଜ୍ୟର ଦେଓଭୋଗ ଅଂଚଳର ଲୋକେ ନିର୍ଭର କରିଥାନ୍ତି । ଦୈନିକ ୩୦୦ ରୁ ୪୦୦ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ଏଠାରେ ନିର୍ଭର କରିଥାନ୍ତି । ହେଲେ ଏହି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ କରିଦେଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ୍ ୧୯ ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବାବେଳେ ଜଣେ ଏମଓ ଇନଚାର୍ଜ ରହିବା କଥା । କିନ୍ତୁ, ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଉଥିବା ଜଣାପଡିଛି । ଡାକ୍ତର ସମସ୍ୟାର ସମାଧାନ ଦାବୀ ନେଇ ଖଡିଆଳ ଅଂଚଳର ସଚେତନ ନାଗରିକ ମାନେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଅଭିଯୋଗ ଅଭିଯୋଗରେ ରହିଯାଇଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ରାଜ୍ୟରେ ଡାକ୍ତର ସମସ୍ୟା ରହିଥିବାରୁ ଏହାର ସମାଧାନ ହୋଇପାରୁନଥିବା ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ଡାକ୍ତର ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

# ବୌଦ୍ଧ ଜ଼ିଲ୍ଲା ଯୁବ କଂଗ୍ରେସ ସଭାପତି
# ହେଲେ ମହେଶ୍ୱର ପ୍ରଧାନ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚ଼ିବ ଓ ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ ମନିଷ ଶର୍ମାଜୀଙ୍କ ଅନୁମୋଦନ କ୍ରମେ ଅଖିଳ ଭାରତୀୟ ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ ସହ -ପ୍ରଭାରୀ ରିୟାନ ରାଜୁ, କୁସୁମ ଟିଗା ଏବଂ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଂଜିତ କୁମାର ପାତ୍ର ବୌଦ୍ଧ ଜ଼ିଲ୍ଲା ନୂତନ ଯୁବ କଂଗ୍ରେସ ସଭାପତି ଭାବେ ମହେଶ୍ୱର ପ୍ରଧାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ମହେଶ୍ୱର ପ୍ରଧାନ ତାଙ୍କର ଏହି ନିଯୁକ୍ତି ପାଇଁ ରାଜ୍ୟ ସଭାପତି ରଂଜିତ ପାତ୍ର, ଓଡିଶା ପିସିସି ସଭାପତି ଭକ୍ତ ଚ଼ରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ ଲାଲ୍ଲୁ, ବୌଦ୍ଧର ପୂର୍ବତନ ବିଧାୟକ ତଥା ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୁଜିତ ପାଢ଼ୀ, ଜ଼ିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ କଲିମ ଖାଁ, ପୂର୍ବତନ ଜ଼ିଲ୍ଲା ସଭାପତି ନାରାୟଣ ପ୍ରସାଦ ପରିଜା, ନବ କୁମାର ମିଶ୍ର, ପୂର୍ବତନ ଯୁବ କଂଗ୍ରେସ ସଭାପତି ଅବଦୁଲ ଅଜିଜ୍ ଖାଁ ଏବଂ ଜ଼ିଲ୍ଲା କଂଗ୍ରେସର ବରିଷ୍ଠ ନେତା ଓ ଜ଼ିଲ୍ଲା କଂଗ୍ରେସ, ମହିଳା, ଯୁବ, ଛାତ୍ର କଂଗ୍ରେସ କର୍ମ କର୍ତ୍ତା ଓ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁ ମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରଛନ୍ତି । ଆଗାମୀ ଦିନରେ କଂଗ୍ରେସ କିପରି ସଂଗଠନ ସୁଦୃଢ଼ ହେବ ତା'ଉପରେ ଦୃଷ୍ଟି ଦେବି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ସାରର ସୁପରିଚାଳନା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଫର୍ଟିଲାଇଜର୍ (ସାର) ପରିଚାଳନା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଚଳିତ ଖରିଫ୍ ଋତୁରେ ସାର କିଭଳି ଭାବରେ ସୁଚାରୁରୂପେ ପରିଚାଳନା କରାଯାଇପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲାରେ ଥିବା ୧୧୮ ଗୋଟି ପ୍ୟାକ୍ସ ଓ ବିତରକ ମାନଙ୍କ ମଧ୍ୟରେ ସାରକୁ ସୁଚାରୁରୂପେ ଚାଷୀଙ୍କ ନିକଟରେ ପହଁଚାଯାଇପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ଚାଷୀ ଯେଭଳି ଭାବରେ ସାର ସୁରୁଖୁରୁରେ ଓ ସରକାରୀ ଦର୍‌ରେ ପାଇପାରିବେ ସେ ବିଷୟରେ ସମସ୍ତେ ଯତ୍ନବାନ ହୋଇ ଚାଷୀଙ୍କୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ବ୍ଲକ ସ୍ତରୀୟ କୃଷି ଅଧିକାରୀ ଓ ବିତରକମାନେ ଉପସ୍ଥିତ ଥିଲେ ।

# ବୌଦ୍ଧରେ ୪୬ ଅଭିଯୋଗ
# ଶୁଣିଲେ ଜିଲ୍ଲାପାଳ ଓ ଏସ୍‌ପି

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ମାସର ପ୍ରଥମ ସପ୍ତାହରେ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ ଶିବିରରେ ଉପସ୍ଥିତ ରହି ଆସିଥିବା ବିଭିନ୍ନ ଅଭିଯୋଗ ଗୁଡିକର ସମାଧାନ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଭା, ଆବାସ ଯୋଜନା, ବ୍ୟକ୍ତିଗତ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ସୁଭଦ୍ରା ଯୋଜନାରୁ ବିତ ମହିଳା, ସାମୁହିକ ସମସ୍ୟା ନେଇ ଶିବିରକୁ ଆସିଥିବା ଦେଖିବାକୁ ମିଳିଥିଲା । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସହଯୋଗ କରିଥିଲେ । ମୋଟ ୪୬ ଟି ଅଭିଯୋଗ ପିକୃତ ହୋଇଥିବାବେଳେ ବ୍ୟକ୍ତିଗତ ସମସ୍ୟା ୪୧ ଓ ଗୋଷ୍ଠୀଗତ ସମସ୍ୟା ୫ଟି ରହିଥିଲା । ୧୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ୨ଜଣଙ୍କୁ ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ମାଗଣାରେ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

# ବାଲେଶ୍ୱରରେ ଯୁଗ୍ମ ଜନଶୁଣାଣି

**ବାଲେଶ୍ୱର, ନ୍ୟୁଜ**



ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୬୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୫୪ ଗୋଟି ବ୍ୟକ୍ତିଗତ ଏବଂ ୦୯ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୦୪ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୩ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ସଂଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଯାତାୟାତରେ ବାଧକ ସାଜିଛି ଅର୍ଜୁନି ନଦୀ
# ବଡମୂଲାବାସୀଙ୍କ ସ୍ୱପ୍ନ ସାକାର କେବେ ?

**ନୂଆପଡ଼ା, ନ୍ୟୁଜ ବ୍ୟୁରୋ**

ବର୍ଷବର୍ଷ ଧରି ନଦୀ ଉପରେ ହେଉନି ସେତୁ । ତେଣୁ ଯାତାୟାତ ସମସ୍ୟା ଭୋଗୁଛନ୍ତି ଲୋକେ । ଖରା ବର୍ଷା ବାରମାସ ନଦୀ ପାଣି ଦେଇ ହେଉଛି ଯାତାୟାତ । ଯେତେ ଅଭିଯୋଗ କଲେ ବି ଫଳ ଶୂନ । କ୍ଷ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ବଡ଼ମୂଲା ଗାଁ ଦେଇଯାଇଥିା ଅର୍ଜୁନି ନଦୀ ଉପରେ ସେତୁ ଟିଏ ନ ଥିବାରୁ ନୂଆପଡା ଏବଂ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଗାଁର ଲୋକେ ସମସ୍ୟା ଭୋଗୁଛନ୍ତି କ୍ଷ ବ୍ଲକ ଅଫିସ କି ଡାକ୍ତରଖାନା ଯିବାକୁ ହେଲେ ବୁଲିବାକୁ ପଡୁଛି । ନିଜ ଜମି ହେଉ କି ଗାଁ ନଦୀପାଣି ଦେଇ ଯିବାକୁ ପଡୁଛି । ଦୁଃଖ ଦେଉଛି ଅର୍ଜୁନି ନଦୀ, ଯାତାୟାତ ଅସୁବିଧାରେ ଦୁଇ ଜିଲା ବାସି । ବ୍ଲକ ଅଫିସ କି ଡାକ୍ତରଖାନା ଯିବାକୁ ହେଲେ ଅଧିକ ବାଟ ପଡୁଛି । ବର୍ଷବର୍ଷ ଧରି ହେନି ସେତୁ, ନଦୀପାଣି ଦେଇ ହେଉଛି ଯାତାୟାତ । ବଡ଼ମୂଲା ଗାଁ ନିକଟ ଦେଇ ଯାଇଥିବା ଅର୍ଜୁନି ନଦୀ । ଏହି ନଦୀରେ ବାରମାସ ପାଣି ଚାଲୁଛି । ହେଲେ ନଦୀ ପାର ହେବାକୁ ପାଣି ଦେଇ ପାର ହେଉଛନ୍ତି ପିଲା ଠୁ ବୁଢ଼ା। କିଏ ସାଇକେଲକୁ ବୋହି ତ କିଏ ଅତି ସାବଧାନରେ ନଦୀ ପାର ହେଉଛନ୍ତି । ଏମିତି ବାରମାସ ନଦୀ ପାର ହୋଇ ଯିବାକୁ ପଡୁଛି । ଖଡ଼ିଆଳ ବ୍ଲକ ଅଫିସ କି ଡାକ୍ତରଖାନା ଯିବାକୁ ହେଲେ ବହୁ ବାଟ ବୁଲି କି ଯିବାକୁ ପଡୁଛି । ଏହି ନଦୀରେ ସେତୁ ହେଲେ ଯାତାୟାତ ସହଜ ହୁଅନ୍ତା। ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବୀ ହୋଇଛି । ଦୁଇ ଜିଲା ସୀମାନ୍ତ ପାଖରେ ଯାଇଥିବା ଅର୍ଜୁନି ନଦୀ ବିଭିନ୍ନ ଗାଁର ଲୋକଙ୍କ ଯାତାୟାତ ପାଇଁ ସେତୁ ଟିଏ ଆବଶ୍ୟକ ହେଉଛି । ହେଲେ ଯେତେ ଦାବୀ ଅଭିଯୋଗ କଲେ ବି ଫଳ ଶୂନ । ନଦୀ ସେପଟେ ଅନେକ ଗାଁ ସାଙ୍ଗକୁ ଖଡ଼ିଆଳ ବ୍ଲକ ସଦରମହକୁମାକୁ ସିଧା ସଳଖ ସଂଯୋଗ ଏବଂ ଚାଷ ଜମି ମଧ୍ୟ ରହିଛି । ସ୍କୁଲ କଲେଜ ପିଲା ମଧ୍ୟ ଯାତାୟାତ ଅସୁବିଧା ଯୋଗୁଁ ବୁଲି କି ଯାଉଛନ୍ତି । ଏହି ନଦୀ ରେ ସେତୁ ଟିଏ ହେଲେ ଲୋକେ ସହଜ ରେ ଯାତାୟାତ କରି୍ବା ପାଇଁ ଅଳ ବାସି ଦାବୀ କରୁଛନ୍ତି କ୍ଷ ଅପରପକ୍ଷ ରେ ଆମେ ଏବାବଦ ରେ ନୂଆପଡା ଏଡିଏମ ସୁବାସ ଚନ୍ଦ୍ର ରଇତଙ୍କୁ ପଚାରିବାରୁ ଆପଣଙ୍କ ଠାରୁ ଖବର ପାଇଛୁ ଅନୁଧ୍ୟାନ କରି ତୁରନ୍ତ ସମସ୍ୟାର ସମାଧାନ କରିବୁ ବୋଲି କହିଛନ୍ତି କ୍ଷ ଦୀର୍ଘ ବର୍ଷ ହେଲା ଯାତାୟାତ ସମସ୍ୟା ଭୋଗୁଛନ୍ତି ବଡମୁଲା ସହ ଆଖପାଖ ଅଂଚଳର ହଜାର ହଜାର ଲୋକ, ହେଲେ ସମସ୍ୟାର ସମାଧାନ ହେଉନି । ପୂର୍ବ ବିଜେଡି ସରକାର ସମୟରେ ଅନେକ ପ୍ରତିଶୃତି ପାଣିର ଗାର ହୋଇ ରହିଯାଇଥିବା ବେଳେ ନୂଆ ସରକାର ଏଥି ପ୍ରତି ଦୃଷ୍ଟି ଦେବେ ବୋଲି ଲୋକେ ଆଶା ବାନ୍ଧିଛନ୍ତି । ହେଲେ କେବେ ପ୍ରଶାସନ ସହ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଉଛନ୍ତି ସେ ଉପରେ ସମସ୍ତଙ୍କ ନଜର ।

# କାଳବୈଶାଖୀ ପ୍ରଭାବରେ ଫିକା ପଡିଲା ରମ୍ଭା ଚନ୍ଦନଯାତ୍ରା

**ରମ୍ଭା, ନ୍ୟୁଜ ବ୍ୟୁରୋ**



ପ୍ରତିବର୍ଷ ପରି ଚଳିତ ବର୍ଷ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ଦ୍ୱିତୀୟ ଦିବସରେ ପହଁଚିଛି। କିନ୍ତୁ କାଳ ବୈଶାଖୀ, ଝଡ଼, ଘୁର୍ଣ୍ଣିବାତ୍ୟା ଯାତ୍ରାକୁ ଫିକା ପକାଇ ଦେଇଛି। ଯାତ୍ରାକୁ ଉପଭୋଗ କରିବା ପାଇଁ ରାଜରାସ୍ତା ପାର୍ଶ୍ୱ ତଥା ସ୍ୱର୍ଣ୍ଣକାତର ଜାଗା ମାନଙ୍କରେ ବହୁ ଉଚ୍ଚତା ସମ୍ପର୍ଣ୍ଣ ତୋରଣ ସାଙ୍ଗକୁ ମେଢ଼ ନିର୍ମାଣ ରାସ୍ତା ପାର୍ଶ୍ୱରେ ଭିନ୍ନ ଧରଣର ମେଢ଼ କରାଯାଇଛି। ଏତଦ ବ୍ୟତୀତ ମିନା ବଜାର, ରାମ ଦୋଳି, ମନୋହର ସାମାନ, ରଙ୍ଗ ବେରଙ୍ଗର ସାମଗ୍ରୀ ବିକ୍ରୟ ହୋଇଥିବା ପରିଲକ୍ଷିତ ହୋଇଛି। ସ୍ଥାନେ ସ୍ଥାନେ ପାଲା, ଦାସକାଟିଆ, ଗୋଟି ପୁଅ ନାଚ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲୁ ରହିଅଛି। ମଦନ ମୋହନଙ୍କୁ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ,ମୃଦଙ୍ଗ, ବାଜା ଦ୍ୱାରା ପହଣ୍ଡି ବିଜେ କରାଯାଇ ସାହିବସ୍ତି ପରିଭ୍ରମଣ କରାଯାଉଛି। ଏହି ଯାତ୍ରା ଚଳିତ ମାସ ୧୦ରିଖ ପର୍ଯ୍ୟନ୍ତ ଚାଲୁ ରହିବା ପାଇଁ ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।

# ରାଉରକେଲାରେ ଯୁଗ୍ମ ଜନ ଶୁଣାଣି ୩୧ ମାମଲା ପଞ୍ଜୀକୃତ

**ରାଉରକେଲା, ନ୍ୟୁଜ**



ଗତ ୪ ତାରିଖ ରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆରଏମସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ମୋଟ ୩୧ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ଓ ୪ଟି ସାମୁହିକ ଅଭିଯୋଗ ଅନ୍ତର୍ଭୁକ୍ତ ରହିଥିଲା। ଏହି ଅବସରରେ ୮ଟି ଅଭିଯୋଗର ସମାଧାନ ଶୁଣାଣି ସ୍ଥଳରେ ହିଁ କରାଯାଇଥିଲା। ଯେଉଁଥିରେ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିବା ବେଳେ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଅଧିକ ଚିକିତ୍ସା ନିମନ୍ତେ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ କମିଶନର ସୁଶ୍ରୀ ଦୀନା ଦସ୍ତର୍ଗୀ, ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।





# ପଥର କୂଅ ଭରସାରେ ରନ୍‌ପୁରବାସୀ:ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିରଗାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗ୍ରାମୀଣ ପରିବାରକୁ ନିରାପଦ ପାନୀୟ ଜଳ ଯୋଗାଇବା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସରକାରଙ୍କ ପକ୍ଷରୁ ଜଳ ଜୀବନ ମିଶନ ଯୋଜନା ରହିଛି । ଏହି ଯୋଜନା ଅନୁଯାୟୀ ଆର୍.ଡବ୍ଲ୍ୟୁଏସ୍.ଏସ୍ ପକ୍ଷରୁ ଜିଲ୍ଲାର ଗ୍ରାମାଞ୍ଚଳରେ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି । କିନ୍ତୁ କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ରନ୍‌ପୁର ଗ୍ରାମରେ ଏହି ଯୋଜନାର ସଫଳ ରୂପାୟନ ହୋଇନଥିବା ଦେଖିବାକୁ ମିଳିଛି । ଗାଁରେ ପ୍ରତ୍ୟେକ ଘରକୁ ପାଣି ପାଇପ୍ ସଂଯୋଗ ହୋଇଛି । କିନ୍ତୁ ଠିକ୍ ଭାବେ ପାଣି ଆସୁନଥିବା ଅଭିଯୋଗ ହୋଇଛି । ବିଶେଷ କରି ଖରାଦିନେ ଗ୍ରାମବାସୀ ପିଇବା ପାଣିରୁ ବଞ୍ଚିତ ହୋଇ ଗାଁ ମୁଖ୍ୟ ରାସ୍ତାରେ ରହିଥିବା ଏକ ପରିତ୍ୟକ୍ତ ପଥର କୂଅ ଉପରେ ନିର୍ଭର କରୁଛନ୍ତି । ଯାହାକି ବିଭିନ୍ନ ସଂକ୍ରାମକ ଓ ପେଟ ରୋଗ ଆଶଙ୍କାକୁ ବୃଦ୍ଧି କରିଛି । ଆଙ୍କୁଶପୁର ପଞ୍ଚାୟତ ଅନ୍ତର୍ଗତ ରନ୍‌ପୁର ଗାଁରେ ତଳ ସାହି, ଉପର ସାହି ଓ ଦଣ୍ଡାସି ସାହିକୁ ମିଶାଇ ୫ଟି ସାହିରେ ୧ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ଅଛନ୍ତି । ପିଇବା ପାଣି ଯୋଗାଣ ପାଇଁ ଗ୍ରାମୀଣ ଜଳ ଯୋଗାଣ ବିଭାଗ ପକ୍ଷରୁ ୩ଟି ନଳକୂପ ଖୋଳାଯାଇଛି । ଘରକୁ ଘର ପାଣି ପାଇପ୍ ସଂଯୋଗ ହୋଇଛି । କିନ୍ତୁ ପାଣି ଆସୁନାହିଁ । ପାଣି ଆସିବା ସମୟରେ ଗୋଟିଏ ମାଠିଆ ପାଣି ଭର୍ତ୍ତି ହେବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି । ୩ଟି ନଳକୂପ ମଧ୍ୟରୁ ୨ଟି ନଳକୂପ ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଛି । ଅନ୍ୟ ଏକ ନଳକୂପରୁ ଲୋ ଭୋଲ୍‌ଟେଜ୍ କାରଣରୁ ପାଣି ଉଠୁନଥିବା ଅଭିଯୋଗ ହୋଇଛି । ଅଚଳ ନଳକୂପ ମରାମତି କ୍ଷେତ୍ରରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯଦ୍ୱାରା ପାଣି ଯୋଗାଣରେ ସମସ୍ୟା ଉପୁଜୁଛି ବୋଲି ଗାଁବାସୀ କହିଛନ୍ତି । ପିଇବା ପାଣି ପାଇଁ ସକାଳେ ଓ ସନ୍ଧ୍ୟା ସମୟରେ ଗାଁର ମହିଳା ଓ ପୁରୁଷ ହାଣ୍ଡି ମାଠିଆ ଧରି କୂଅ ନିକଟରେ ଭିଡ଼ ଜମାଉଛନ୍ତି । ପାଣି ପାଇଁ ଭରସା ପାଲଟିଥିବା ପଥର କୂଅକୁ ମଧ୍ୟ ବାରମ୍ବାର ବ୍ୟବହାର କରିବା ଦ୍ୱାରା ପାଣି ଗୋଳିଆ ହେଉଛି । ଫଳରେ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ଫଳରେ ଗାଁବାସୀ ପିଇବା ପାଣି ପାଇଁ ବର୍ତ୍ତମାନ ଡ଼ହଳ ବିକଳ ହେଉଛନ୍ତି । ଗାଁକୁ ଜାନିବିଲି ପାଣି ଯୋଗାଣ ନେଇ କୌଣସି ପାଇପ୍ ଲାଇନ୍ ବିଛାଯାଇନଥିବା କାରଣରୁ ସମସ୍ୟା ହେଉଥିବା ଗାଁବାସୀ ଅଭିଯୋଗ କରିଛନ୍ତି । ଗତ ବର୍ଷ ନଭେମ୍ବର ମାସରେ ପିଇବା ପାଣି ସମସ୍ୟା ସମାଧାନ ପାଇଁ ଗାଁ ବାସିନ୍ଦାଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା । ସେ ସମୟରେ ପିଇବା ପାଣି ଯୋଗାଣରେ କୌଣସି ସମସ୍ୟା ରହିବନାହିଁ ବୋଲି ବରିଷ୍ଠ ଅଧିକାରୀଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି । ଆଜି ଯାଏଁ ରନ୍‌ପୁର ଗାଁବାସୀଙ୍କୁ ପିଇବା ପାଣି ଯୋଗାଣରେ କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ । ଏଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି ପାନୀୟ ଜଳ ଯୋଗାଣର ସ୍ଥାୟୀ ସମାଧାନ ପାଇଁ ଗାଁ ବାସିନ୍ଦା ଦାବି କରିଛନ୍ତି । ଏ ସମ୍ପର୍କରେ ୱାଟ୍‌କୋ ଜେନେରାଲ୍ ମ୍ୟାନେଜର ବିକାଶ ପାଢ଼ୀ କହିଛନ୍ତି ଯେ, ଉକ୍ତ ବ୍ଲକ୍‌ଟି ଆର୍.ଡ଼ବ୍ଲ୍ୟୁଏସ୍.ଏସ୍ ଅଧୀନରେ ରହିଛି । ବ୍ଲକ୍‌ରେ ରହିଥିବା ଟାଙ୍କିକୁ ପାଣି ଯୋଗାଣ ହେଉଥିବା ସେ କହିଛନ୍ତି ।



# ଚାଷୀଙ୍କ ଅଭିଯୋଗ କେନାଲ ପାଲଟୁଛି ଡ୍ରେନ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଜଳସମ୍ପଦ ବିଭାଗର ଏକ କେନାଲ୍‌କୁ ଉଭୟ ପାର୍ଶ୍ୱରେ ଡଳାଇ କରି ଚାଷ ଜମିକୁ ଜଳ ଯିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନେକ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଠିକାଦାର ଏହାକୁ କାମ କରିବା ପାଇଁ ନେଇଛନ୍ତି । ଶ୍ୟାମସୁନ୍ଦରପୁର ଠାରୁ ଛଗରିଆ ପର୍ଯ୍ୟନ୍ତ ଯାଇଥିବା ଏହି କେନାଲ୍‌କୁ ଠିକାଦାର ଜଣକ ଓସାରକୁ ଅଧା କରି ଡ୍ରେନ୍ କରିଦେଉଥିବାରୁ ଜଳ ଧାରଣର କ୍ଷମତା ସମ୍ପୂର୍ଣ୍ଣ କମିଯିବ । ଫଳରେ ଚାଷ ଜମିକୁ ଯାଉଥିବା ଜଳର ପରିମାଣ କମିଯିବ । ଚାଷୀମାନେ ଆବଶ୍ୟକ ଜଳ ନପାଇବାରୁ ସେମାନଙ୍କର ଚାଷର ଅସୁବିଧା ସୃଷ୍ଟି ହେବା ସହ ଭଲ ଫସଲ ହୋଇପାରିବନାହିଁ । ଯେଉଁ ପରିମାଣରେ ବିଲକୁ ପାଣି ଯାଏ କେନାଲ୍‌ର ଓସାର କମିଯିବା ଫଳରେ ବିଲକୁ ଆବଶ୍ୟକ ପରିମାଣରେ ପାଣି ଯିବନାହିଁ । ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏହି କାମ ଚାଷୀ ଦାବି କରିଛନ୍ତି । ଏଭଳି ଭାବରେ କେନାଲର ଓସାର କମିଗଲେ ଚାଷୀମାନେ ହଇରାଣ ହେବେ ବୋଲି ପରିବେଶବିତ୍ କାଶୀନାଥ ରାଉତରାୟ, ସମାଜସେବୀ ଫକୀର ଖଟୁଆ, ଆଇନଜୀବୀ ବିଦ୍ୟୁଭୂଷଣ ମହାପାତ୍ର ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

# "ପରମ ପ୍ରେମମୟ ପୁରୁଷ" ସମ୍ମାନରେ ସମ୍ମାନିତ ହେଲେ ଅଚ୍ୟୁତାନନ୍ଦ ପତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର "ପ୍ରେମ ପୃଥବୀ" ସାହିତ୍ୟ ପତ୍ରିକା ପକ୍ଷରୁ ପ୍ରଖ୍ୟାତ ଔପନ୍ୟାସିକ ଓ କଥାକାର ଅଚ୍ୟୁତାନନ୍ଦ ପତିଙ୍କୁ 'ପରମ ପ୍ରେମମୟ ପୁରୁଷ ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଛି । ଅଚ୍ୟୁତାନନ୍ଦ ପତିଙ୍କ ଭୁବନେଶ୍ୱର ସ୍ଥିତ କମିଶାଲ ବାସଭବନ ଠାରେ ଆୟୋଜିତ ଏକ ଅନୌପଚାରିକ ଉତ୍ସବରେ ଶ୍ରୀ ପତିଙ୍କୁ "ପ୍ରେମ ପୃଥବୀ"ର ସମ୍ପାଦକ କୈଳାସ ପଣ୍ଡାଙ୍କ ସମେତ ଅନେକ କବି, କଥାକାର, ଔପନ୍ୟାସିକ ଯୋଗଦାନ କରି ସମ୍ମାନିତ କରିଥିଲେ । ଏହି ଉତ୍ସବରେ ଅତିଥିଭାବେ ଯୋଗଦାନ କରି ବିଶିଷ୍ଟ ସ୍ତମ୍ଭକାର ଓ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଶ୍ରୀ ପତିଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ । "ଶମ୍ଭୁ ପୁତ୍ରର କାହାଣୀ"ର ଲେଖକ ଶ୍ରୀ ପତି ଓଡ଼ିଆ ଗଦ୍ୟ ସାହିତ୍ୟରେ ଏକ ସ୍ୱତନ୍ତ୍ର ଯୁଗ ପ୍ରତିଷ୍ଠା କରିଛନ୍ତି ବୋଲି "ସମାଜ"ର ପୂର୍ବତନ ସମ୍ପାଦକ ପ୍ରଭାସ ଆଚାର୍ଯ୍ୟ ଅନ୍ୟତମ ଅତିଥି



ଭାବେ ଯୋଗଦାନ କରି ମତବ୍ୟକ୍ତ କରିଥିଲେ । ବିଶିଷ୍ଟ କଥାକାର ଓ ଔପନ୍ୟାସିକ ପଣ୍ଡିତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଥାକାର ସୁରେଶ ଛୋଟରାୟ, ଯୁଗପ୍ରବର୍ତ୍ତକର ସମ୍ପାଦକ ରାଜେନ୍ଦ୍ର ବର୍ମା, କବି ସଂଯୁକ୍ତା ବଳ, କବି ଚୈତାଳୀ ଖୁଣ୍ଟିଆ, ପ୍ରକାଶକ ବିଜୟ ମହାପାତ୍ର, ଅନ୍ନପୂର୍ଣ୍ଣା ପଣ୍ଡା, ନିରଞ୍ଜନ ନାୟକ, କବି ସରୋଜ ବଳ, ଜ୍ଞାନ ରଞ୍ଜନ ଦାସ, ଉଦୟନାଥ ମହାନ୍ତି ଓ ଶ୍ରୀ ଗୋବିନ୍ଦ ଉପସ୍ଥିତ ରହି ଶ୍ରୀ ପତିଙ୍କ ଗଦ୍ୟ ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ଶେଷରେ ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




# ବୌଦ୍ଧ ସହରରୁ ୩୦ ଗ୍ରାମ୍ ବ୍ରାଉନ୍ ସୁଗାର ସହ ୪ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଭୋର୍ ସମୟରେ ବୌଦ୍ଧ ସହରରୁ ୩୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରାଯିବା ସହ ମାମଲାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି । ଏନେଇ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ ପ୍ରେସ୍‌ମିଟ୍‌ରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ସକାଳ ପ୍ରାୟ ସାଢେ ୫ଟାରେ ବୌଦ୍ଧ ଥାନା ପୋଲିସ ବ୍ରାଉନ୍ ସୁଗାର କାରବାର ହେଉଥିବା ଖବରପାଇ ଜଗଦୀଶପୁର-ବୌଦ୍ଧ ରାସ୍ତାରେ ଚଢ଼ଉ କରି ୪ ଯୁବକଙ୍କ ନିକଟରୁ ୩୦ ଗ୍ରାମ୍ ବ୍ରାଉନ୍ ସୁଗାର ସହ ଗୋଟିଏ ଛୁରୀ, ଗୋଟିଏ ଚ୍ଲିମ୍, ପେପର୍ ରାପର ଓ ୧୫୦୦ ଟଙ୍କା ଜବତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରୁ ପ୍ରୀତମ୍ ଦେହୁରୀ ନାମକ ଜଣେ ଯୁବକ ବୌଦ୍ଧ ସହରରେ ବ୍ରାଉନ୍ ସୁଗାର ଆଣି କାରବାର ଚ୍ଳାଉଥିଲା । ବ୍ରାଉନ୍ ସୁଗାର ପୁଡିଆ ସହ ଘଟଣାସ୍ଥଳରୁ ଗିରଫ ହୋଇଥିବା ଅନ୍ୟ ଯୁବକମାନେ ହେଲେ ବୌଦ୍ଧ ସହରର ପ୍ରଦୀପ କୁମାର ସେଠୀ, ବିଶ୍ୱନାଥ ଭୋଇ ଓ ସତ୍ୟବ୍ରତ ସିଂ ।

# ପାରମ୍ପରିକ ଲୋକକଳାର ସଂରକ୍ଷଣ ପାଇଁ ସଂସ୍କୃତି ମନ୍ତ୍ରୀଙ୍କ ପରାମର୍ଶ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଗ୍ରାମର ମା' ସୁବର୍ଣ୍ଣମୁଖୀ ପାଲା ମଣ୍ଡପ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ବାଦି ପାଲା ମହୋତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପାରମ୍ପରିକ ଲୋକକଳାର ସଂରକ୍ଷଣ ଓ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଉଭୟ ଶ୍ରୋତା ଓ କଳାକାରମାନଙ୍କୁ ସମ୍ବୋଧିତ କରିଥିଲେ । ଗତ ମଇ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ସୌନ୍ଦର୍ଯ୍ୟମୟ ପାଲା କାର୍ଯ୍ୟକ୍ରମର ଦ୍ୱିତୀୟ ରଜନୀରେ ଦୁଇ ପ୍ରତିଷ୍ଠିତ ଗାୟିକାଙ୍କ ମଧ୍ୟରେ କଳାତ୍ମକ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ବିଶିଷ୍ଟ ପାଲା ଗାୟିକା ସୁର ତରଙ୍ଗିଣୀ ସସ୍ମିତା ରାଉତ ଏବଂ ଜ୍ଞାନଶ୍ରୀ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ



ମଧ୍ୟରେ ଚାଲିଥିବା ବାଦି ପାଲା ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ମନ୍ତ୍ରୀ ମହୋଦୟ ମଞ୍ଚରେ ଉଭୟ ଗାୟିକାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଓଡ଼ିଶାର ଏହି ପ୍ରାଚୀନ କଳାକୁ ବଞ୍ଚାଇ ରଖିବାରେ ମହିଳା କଳାକାରମାନଙ୍କର ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ । ମନ୍ତ୍ରୀ କହିଛନ୍ତି ଯେ, ପାଲା ହେଉଛି ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ପ୍ରତୀକ । ସୋଧ ପରି ଏକ ଆଧ୍ୟାତ୍ମିକ ପରିବେଶରେ ପାଲାର ଆୟୋଜନ ସାମାଜିକ ଏକତାକୁ ସୁଦୃଢ଼ କରିଥାଏ । ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନଙ୍କର ହିତ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ସେ ସୂଚନା ଦେଇଥିଲେ । ମା' ସୁବର୍ଣ୍ଣମୁଖୀ ପାଲା କମିଟି ପକ୍ଷରୁ ଆୟୋଜିତ ଏହି ୫ ଦିନିଆ କାର୍ଯ୍ୟକ୍ରମ ମଇ ୯ ତାରିଖରେ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସରପଞ୍ଚ ଅଶୋକ କୁମାର ପଣ୍ଡା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସହସ୍ରାଧିକ ପାଲାପ୍ରେମୀ ଯୋଗ ଦେଇଥିଲେ ।

# ବିପୁଳ ଗଞ୍ଜେଇ ଜବତ:ଜଣେ ଗିରଫ



**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ମୟୁରଭଞ୍ଜ ଜିଲ୍ଲା ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ବହଳଦା ଥାନା ଅନ୍ତର୍ଗତ ଦଳକୀ ଗ୍ରାମଅଞ୍ଚଳରେ ଚଢ଼ଉ କରାଯାଇ ଗଞ୍ଜେଇ ଚାଲାଣ ବେଳେ ଜଣେ ବ୍ୟକ୍ତିଙ୍କୁ ସ୍କୁଟି ସହ ୩ କିଲୋ ୩୦୦ ଗ୍ରାମ୍ ଓଜନର ଗଞ୍ଜେଇ ଜବତ କରାଯାଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଏନେଇ ବହଳଦା ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବେଳେ ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ କରାଯାଇଥିବା ଉକ୍ତ ଚଢ଼ଉରେ ସହ ଉପ-ନିରୀକ୍ଷକ ସୁସାନ୍ତ କୁମାର ନାୟକ, କନେଷ୍ଟବଳ ସୁରେନ୍ଦ୍ର ସୋରେନ, ରାଜେନ୍ଦ୍ର ସେନାପତି, ଲଲାଟେନ୍ଦୁ ଶତପଥୀ, ଫୁଲମଣି ହାଁସଦାଃ ପ୍ରଭୃତି ସାମିଲ୍ ଥିଲେ ।




# କୋରେଇରେ ଜଳସଂକଟ:ସମାଧାନ ଦାବିରେ ଗଣଧାରଣା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

କୋରାଇ ବ୍ଲକ ଅଧିନସ୍ଥ ବିଭିନ୍ନ ଗ୍ରା.ପ.ରେ ଉତ୍କଟ ଜଳସଂକଟରେ ସ୍ଥାୟୀ ସମାଧାନ ନିମନ୍ତେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଏହାର ସମାଧାନ ନହେବାରୁ ଓ.ଜେ.ସି ନେତା ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ୫ ଗୋଟି ପଞ୍ଚାୟତର ଅଭିଯୋଗକାରୀଙ୍କୁ ନେଇ ଗଣଧାରଣା ଦିଆଯାଇଥିଲା । ଏଠାରେ ଏକ ପ୍ରତିବାଦ ସଭାରେ ଯୁବ ନେତା ମନୋରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭାରେ ବରିଷ୍ଠ ସାମ୍ବାଦିକ ଓ ସମାଜ ସେବୀ ଭୁବନମୋହନ ମହାନ୍ତି, ଆଞ୍ଚଳିକ ଯୁବ ପରିଷଦ ନେତା ପଦ୍ମଲୋଚନ ମହାନ୍ତି ଓ, ଜେ.ସି. ନେତା ବିଦ୍ୟାଧର ଯେନା, ଦୀପକ ରଞ୍ଜନ ମହାନ୍ତି ସେକ୍ ମିର୍ଜାବେଗ, ପ୍ରଶାନ୍ତ କୁମାର ଜେନା ଏସ.କେ. ବାବୁ ଖାନ୍ ପ୍ରମୁଖ କୋରାଇ ଅଞ୍ଚଳରେ ମୂଳପାଳ ଠାରେ ୧୨୪ କୋଟି ଟଙ୍କାର ଜଳପ୍ରକଳ୍ପ କାର୍ଯ୍ୟକ୍ଷମ ନହେବ, ବୈତରଣୀ ନଦୀରୁ ବ୍ୟାପକ ବାଲି ଉଠାଣ ଦ୍ୱାରା ଜଳସ୍ତର ନିମ୍ନଗାମୀ ହୋଇଯିବାରୁ ବହୁ ଟ୍ୟୁବ୍‌ୱେଲ୍ ଅଚଳ ହୋଇପଡିଛି ଯାହା ଆର.ଡବ୍ଲୁ.ଏସ୍.ଏସ୍ ଅଧିକାରୀମାନେ ଠିକାଦାର ମାନଙ୍କୁ ହାତକରି ଜଳସଂକଟର ସମାଧାନ କରିବାରେ ବିଫଳକୁ ନେଇ ଦୃଢ଼ ସମାଲୋଚନା କରିଥିଲେ । ଶେଷରେ ଧାରଣାସ୍ଥଳକୁ କୋରାଇ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ ଓ କୋରାଇ ଥାନାର ଆରକ୍ଷୀ ନିରୀକ୍ଷକ ରାକେଶ କୁମାର ତ୍ରିପାଠୀଙ୍କ ନେତୃତ୍ୱର ଏକ ପ୍ରଶାସନିକ ପ୍ରତିନିଧି ଦଳ ଆସି ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ମୁଖ୍ୟ ରାସ୍ତାରେ ନାହିଁ ରୋଡ୍ ଡିଭାଇଡର:ଦୁର୍ଘଟଣା ପରେ ଦୁର୍ଘଟଣା ବଢ଼ିଚାଲିଛି

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ କ୍ରମାଗତ ଭାବେ ବ୍ରିଜ୍, ରାସ୍ତା ଓ ବହୁ ଡ୍ରେନ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ଓ ମରାମତି କାର୍ଯ୍ୟ ଚାଲିଛି । ଦୀର୍ଘ ବର୍ଷ ପରେ ବି ଅଦ୍ୟାବଧି ଧନୁପାଲି ଜେଲ୍‌ଛକ ରାସ୍ତା ସମ୍ପୂର୍ଣ୍ଣ ହୋଇପାରିନାହିଁ । ରାସ୍ତାର ଅନେକ ସ୍ଥାନରେ ଷ୍ଟ୍ରିଟ୍‌ଲାଇଟ୍ ସଂଯୋଗ ହୋଇପାରିନଥିବା ବେଳେ କେତେକ ଜାଗାରେ ଗୋଟିଏ ରାସ୍ତାରୁ ଅପର ପାର୍ଶ୍ୱକୁ ଯିବାପାଇଁ ଅତି ସଙ୍କୁଚିତ ରାସ୍ତା ଛଡାଯାଇଛି । ଫଳରେ ବିଭିନ୍ନ ସମୟରେ ବଡ଼ ବଡ଼ ଗାଡି ଯାତାୟାତ ବେଳେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ରାସ୍ତା ସଙ୍କୁଚିତ କାରଣରୁ ଦୁର୍ଘଟଣା ଘଟିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ସେହିପରି ସମ୍ବଲପୁର ସହରର ପ୍ରମୁଖ ଗୋବିନ୍ଦତୋଳା ଛକର ମୋଡାଣୀ ସ୍ଥାନରେ ପ୍ରାୟ ୨୦୦ ମିଟର ରାସ୍ତାରେ ରୋଡ୍ ଡିଭାଇଡର ନରଖି ଖାଲି ଛଡାଯାଇଛି । ଯଦ୍ୱାରା ଅଧିକାଂଶ ଗାଡ଼ି ଚାଳକ ଟ୍ରାଫିକ୍ ମାର୍କିଙ୍ଗକୁ ମାନୁନଥିବା ବେଳେ, ଅଯଥାରେ ବାରମ୍ବାର ନିରୀହ ଲୋକେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏପରିକି ଗୋବିନ୍ଦତୋଳା ଛକ ଏକ ଦୁର୍ଘଟଣା ପ୍ରବଣ ଚକ୍ର ମାନ୍ୟତା ପାଇଲାଣି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ସମ୍ବଲପୁର ସହରର ବିଭିନ୍ନ ରାସ୍ତାଘାଟର ଅବ୍ୟବସ୍ଥା ନେଇ ବରିଷ୍ଠ ବିଜେପି ନେତା ତଥା ସାଧନାର ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଶ୍ରୀ ପାଣିଗ୍ରାହୀ କ୍ଷୋଭର ସହ ପ୍ରକାଶ କରିଛନ୍ତି ଯେ, ଏହି ଖାଲି ରାସ୍ତା ଅଂଶରେ ସତୀରାଣୀ ଜୀ ମନ୍ଦିର ସାମ୍ନା ଏବଂ ଗୋବିନ୍ଦତୋଳା ଛକ ପାଖ ଡିଭାଇଡର ପାଖରେ ୨ଟି ପାସିଂ ରାସ୍ତା ଛାଡ଼ିଦେଇ, ରାସ୍ତା ମଝିରେ ୨ ଥାକିଆ ଫାଇବର ଡିଭାଇଡର ଲଗାଯାଉ ବୋଲି ଛଅ ମାସରୁ ଉର୍ଦ୍ଧ୍ୱ ସମୟ ଧରି ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଠାରେ ଦୁର୍ଗା ପୂଜା କମିଟି ତଥା ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଥିଲେ ମଧ୍ୟ ମହାନଗର ନିଗମ କର୍ତ୍ତୃପକ୍ଷ ଏ ଦିଗରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି । ଉକ୍ତ ଦାବିପତ୍ରରେ ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ, ଖାଲିଥିବା ରାସ୍ତା ଯୋଗୁଁ ବାରମ୍ବାର ଲୋକେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏହା ସତ୍ତ୍ୱେ ଆଜିଯାଏ ଫାଇବାର ଡିଭାଇଡର ସଂଯୋଗ କରାନଯିବା ଏକ ଦୁର୍ଭାଗ୍ୟ ଜନକ ବିଷୟ । ଗମନାଗମନ କ୍ଷେତ୍ରରେ ସର୍ବନିମ୍ନ ସମସ୍ୟାକୁ ଦୂରୀକରଣ କରିବାରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଉଦାସୀନତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପାଣିଗ୍ରାହୀ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି । ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତର ସହ ବିଚାର ପୂର୍ବକ ସମାଧାନ କରିବା ପାଇଁ ମହାନଗର ନିଗମ ତଥା ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ମଧ୍ୟ ଶ୍ରୀ ପାଣିଗ୍ରାହୀ ଦାବି ଉପସ୍ଥାପନ କରିଛନ୍ତି ।

# ଓଭର ଲୋଡ ବାଲି ବୋଝେଇ ହାଇୱା ଜବତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଲଙ୍କାବାଲିସାହି ଅଞ୍ଚଳରୁ ଓଭର୍ ଲୋଡ୍ ବାଲି ବୋଝେଇ ହାଇୱା ଜବତ କରାଯାଇଛି । ବ୍ରାହ୍ମଣୀ ନଦୀରୁ ଓଭର୍ ଲୋଡ୍ ବାଲି ବୋଝେଇ କରି ନେଇ ଯାଉଥିବା ଏକ ହାଇୱାକୁ ପୋଲିସ ଧରିଥିଲା । ଜବତ ସମୟରେ ଗାଡି ଓଭର୍ ଲୋଡ୍ ଥିବାବେଳେ ଚାଳକ ଜଣକ ଆବଶ୍ୟକୀୟ କାଗଜପତ୍ର ଦେଖାଇପାରିନଥିଲେ । ତେବେ ହାଇୱାକୁ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି ।

# ସ୍ମାର୍ଟ ଭିଲେଜ୍ କୁସୁନପୁର ଚାଷୀମାନଙ୍କର ରାସ୍ତା ଅବରୋଧ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଚାନ୍ଦି ବାଉଁଶମୂଳ ପଞ୍ଚାୟତ ରାଜ୍ୟ ସରକାରଙ୍କ ଦ୍ୱାରା ଏକମାତ୍ର ରାଜସ୍ୱ ଗ୍ରାମ ରୂପେ ଚିହ୍ନଟ ହୋଇଥିବା କୁସୁନପୁର ସ୍ମାର୍ଟ ଭିଲେଜ୍ ଗ୍ରାମବାସୀଙ୍କ ଶ୍ମଶାନ ଓ ଚାଷଜମି ଯିବା ଆସିବା ରାସ୍ତାକୁ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଚଞ୍ଚକତା କରି -୧୮୬ ଓ ୧୮୭ କିସମ ପାଣି ନାଳ ଓ ଖାତା ନଂ-୧୯୯/୦୫ ଓ ପ୍ଲଟ୍ ନଂ-୧୮୬/୩୩୮, ୧୮୭/୩୪୩ ରାଜସ୍ୱ ଏକରେ ଏ୦.୦୨ କିସମ ଘରବାରୀ ପ୍ରଜାର ନାମକୁ ସରକାରୀ ଜାଗାକୁ ନାମ ପରିବର୍ତ୍ତନ କରି ଏହି ପ୍ରଭାବଶାଳୀ ବ୍ୟକ୍ତି ଜଣକ ନିଜ ନାମରେ କରିଥିବାରୁ ଗ୍ରାମର ଶତାଧିକ ବ୍ୟକ୍ତି ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ସମିତି ସଭ୍ୟ ସସ୍ମିତା ସ୍ୱାଇଁ



ସରକାରୀ ଜାଗାକୁ ନିଜ ନାମରେ କରି ବାଡବନ୍ଦୀ କରିଛନ୍ତି । ଦୀର୍ଘ ବର୍ଷ ହେଲା ସେହି ବାଟ ଦେଇ ଗ୍ରାମବାସୀମାନେ ଯାତାୟାତ କରୁଥିଲେ । ଜିଲ୍ଲାପାଳ ମଧ୍ୟ ଉକ୍ତ ସ୍ମାର୍ଟ ଭିଲେଜ୍‌କୁ ଅନେକଥର ଯାତାୟାତ କରିଛନ୍ତି । ସ୍ମାର୍ଟ ଭିଲେଜ୍‌ର ମାନ୍ୟତା ମିଳିବାପରେ କୁସୁନପୁରର ଖାତା ନଂ- ୧୨୫ (ରକ୍ଷିତ), ପ୍ଲଟ୍ ନଂ ଓ ବିଷ୍ଣୁ ଚରଣ ପ୍ରଧାନ, ଗଗନ ପାଢ଼ି, ଶ୍ରୀଧର ପ୍ରସାଦ ରାଉତ, ନରହରି ପରିଡା, ପ୍ରଭାତ ରାଉତ, ସରୋଜକାନ୍ତ ରାଉତ, ଲକ୍ଷ୍ମୀପ୍ରିୟା ପାତ୍ର, ଚିତ୍ତରଂଜନ ପରିଡାଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଚଞ୍ଚକତା କରି ହାତେଇଥିବା ଜମିକୁ ବାତିଲ୍ କରି ସରକାରୀ ନାମରେ ନାମିତ କରିବା ପାଇଁ ଦାବି କରିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ ଶ୍ରୀ / ୩ ବୃ | ଲରବୁ | ମଶ୍ଚ ୧୨ / ଗା ୧୧ |
| ୪ | ୨୩ / ୧୦ | ୧୦ଚ |
| କେ ୫ / ୬ | ୭ | ୯ / ୮ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୦।୦୫।୨୦୨୬, ବୈଶାଖ ଦି୨୮ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୧୫।୫୬** **ଚନ୍ଦ୍ରୋଦୟ- ରାଘ୧।୦୪।୫୧**

**ଅଷ୍ଟମୀ-** ଦିଘ ୩।୦୮ ପର୍ଯ୍ୟନ୍ତ । ଧନିଷ୍ଠା ନକ୍ଷତ୍ର ରାଘ ୧୨।୫୧ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଦିଘ ୧୨।୧୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର ଦିଘ ୧୨।୧୩ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର ଦିଘ ୧୨।୧୩ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡିଆ ଓ ଆମିଷ ଦିଘ ୩।୦୮ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୮ ଗତେ ଦିଘ ୯।୩୬ ମଧ୍ୟେ ଦିଘ୧।୨୦ଗତେ ଦିଘ୧।୫୩ ମଧ୍ୟେ । **ପର୍ବୋତ୍ସବ-** ଉତ୍କଳେ ଭଉଁରୀ ଯାତ୍ରା, ଶ୍ରୀକ୍ଷେତ୍ରେ ହଳଦୀପାଣି, ଶରଣଂ, ବିଶ୍ୱ ମାତୃ ଦିବସ ।



**ମେଷ:** କର୍ମକ୍ଷେତ୍ରରେ କମ୍ ପରିଶ୍ରମ କରିବେ । ଅନ୍ୟମାନଙ୍କ ଠାରୁ ନିନ୍ଦା ପାଇବେ । ଧନ ହାନୀ ଯୋଗ ରହିଛି । ରୋଜଗାର ଅପରିବର୍ତ୍ତିତ ରହିବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ଦେହ ଭଲ ରହିବ ।



**ବୃଷ:** ପାରିବାରିକ ଅବସ୍ଥା ଭଲ ରହିବ ନାହିଁ । ବେପରୁଆ କାର୍ଯ୍ୟ କରି କର୍ମକ୍ଷେତ୍ରରେ ସମାଲୋଚିତ ହେବେ । ଅନିଚ୍ଛା ସତ୍ତ୍ୱେ କର୍ମକ୍ଷେତ୍ରକୁ ଯିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** କଥାବାର୍ତ୍ତା ଦ୍ୱାରା ସବୁରି ପ୍ରିୟପାତ୍ର ହେବେ । ପାରିବାରିକ ଜଞ୍ଜାଳ ବଢିବ । କର୍ମ ପ୍ରାପ୍ତିରେ ବିଳମ୍ବ ଘଟିପାରେ । ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେବେ । ଆୟ ସ୍ଥିର ରହିବ । ଦେହ ଓ ମନ ଭଲ ରହିବ ।



**କର୍କଟ:** ଆପଣଙ୍କର ମନୋଭିଳାଷ ପୂର୍ଣ୍ଣ ହେଲେ ମଧ୍ୟ କୌଣସି କାରଣରୁ ମନରେ କ୍ରୋଧ ଆସିବ । କିନ୍ତୁ କାରଣ ପାଇଁ ପରିବାର ଓ ସହଯୋଗୀଙ୍କ ପାଇଁ ବିଚଳିତ ହେବେ । ଅଯଥା ଖର୍ଚ୍ଚାନ୍ତ ହେବାର ସମ୍ଭାବନା ।



**ସିଂହ:** କଥାବାର୍ତ୍ତାରେ ସଂଯମତା ରକ୍ଷା କଲେ ଅସୁବିଧାରେ ପଡିପାରନ୍ତି । ମାନ ଓ ସମ୍ମାନରେ ଆଞ୍ଚ ଆସିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ରୋଜଗାର ପରିମାଣ ବଢିବ । ମନ ଭଲ ରହିବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ । ଅସହଯୋଗ ଯୋଗୁଁ ବିରକ୍ତି ଲଗିବ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । କୁଟୁମ୍ବେ ଅଶାନ୍ତି । ଅପରାହ୍ନ ଠାରୁ ଆନନ୍ଦ ଲାଗି ରହିବ । ମନ ଅସ୍ଥିର ରହିବ ।



**ତୁଳା:** ପରିଶ୍ରମ ଅନୁସାରେ ଫଳ ପାଇବେ । ପୁରୁଣା କାର୍ଯ୍ୟ ସମାଧାନ ହେବ । ମନ ଭଲ ରହିବ । ଆୟ ଅପେକ୍ଷା ବ୍ୟୟର ପରିମାଣ ଅଧିକ ହେବ । ପରିବାରରେ ସ୍ୱାସ୍ଥ୍ୟ ଚିନ୍ତା ଲାଗି ରହିବ ।



**ବିଛା:** କେତେକ କାର୍ଯ୍ୟ ମନକୁ ଓଜନିଆ କରିବ । ସତର୍କ ନ ହେଲେ ବୃଥା ଅପମାନିତ ହୋଇପାରନ୍ତି । ଆଳସ୍ୟ ପରିହାର କରିବା ଉଚିତ୍ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ଧନୁ:** ଆଜି ଆପଣଙ୍କର ସମସ୍ତ ମନକାମନା ପୂର୍ଣ୍ଣ ହେବ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଆଗରୁ ଘରେ ପରାମର୍ଶ କଲେ ଉଚ୍ଚ ଆଶା ସଫଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ଭ୍ରମଣ ଯୋଗ ରହିଛି ।



**ମକର:** ଶତ୍ରୁ ବଢିବ । ନିଜ ଲୋକ ବିପରୀତ ବ୍ୟବହାର କରିବେ । ଆପଣଙ୍କ ଉନ୍ନତି ପଥରେ ବାଧା ଉପୁଜିପାରେ । ସମସ୍ତ ଆଡକୁ ନଜର ରଖି କାର୍ଯ୍ୟ କରିବେ । ଆୟ ସାମାନ୍ୟ ବଢିବ । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନତା ଅବଲମ୍ବନୀୟ । ଆୟ ଅପେକ୍ଷା ବ୍ୟୟ ବଢିବ । ପରିବାରରେ ସ୍ତ୍ରୀଙ୍କ କଥା ଗ୍ରହଣୀୟ । ବନ୍ଧୁଙ୍କୁ ଦୁଃଖ ଜଣାଇ ଉପକୃତ ହେବେ ।



**ମୀନ:** ପରିଶ୍ରମର ଫଳ କର୍ମକ୍ଷେତ୍ରରେ ଆପଣ ଅନୁଭବ କରିବେ । ଆଶା ଜନକ ଫଳ ଲାଭ କରି ନିଜର ବୈଶିଷ୍ଟ ପ୍ରତିପାଦନ କରିବେ । ପାରିବାରିକ କ୍ଷେତ୍ରରେ ପରିଶ୍ରମ ବୃଦ୍ଧି ପାଇବ । ରୋଜଗାର ଭଲ ହେବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୧।୦୫।୨୦୨୬, ବୈଶାଖ ଦି୨୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୫।୨୮** **ଚନ୍ଦ୍ରୋଦୟ- ରାଘ୧।୩୯।୨୭**

**ନବମୀ-** ଦିଘ ୩।୨୬ ପର୍ଯ୍ୟନ୍ତ । ଶତଭିଷା ନକ୍ଷତ୍ର ରାଘ ୧।୨୮ ପର୍ଯ୍ୟନ୍ତ । **କୁମ୍ଭଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୩।୨୬ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୫ ଗତେ ଦିଘ ୬।୫୫ ମଧ୍ୟେ ଦିଘ ୧୦।୨୭ ଗତେ ଦିଘ ୧।୦୬ ମଧ୍ୟେ । **ପର୍ବୋତ୍ସବ-** ଶରଣଂ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ସୁଧୁରିବ କି ଭାରତ-ପାକିସ୍ତାନ ସମ୍ପର୍କ

ଅପରେସନ ସିନ୍ଦୂରକୁ ବର୍ଷେ ବିତିଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ସରକାରୀ ଯୋଗାଯୋଗ ହୋଇନଥିବା ବେଳେ ଆଲୋଚନା ଆରମ୍ଭ କରିବାକୁ ପ୍ରୟାସ ଚାଲିଛି । ଅବସରପ୍ରାପ୍ତ ସେନା ଜେନେରାଲ ଏବଂ ଅବସରପ୍ରାପ୍ତ କୂଟନୈତିକଙ୍କମାନେ ଏହି କାର୍ଯ୍ୟର ଦାୟିତ୍ୱ ନେଇଛନ୍ତି । ଇଣ୍ଡିଆନ୍ ଏକ୍ସପ୍ରେସର ଏକ ରିପୋର୍ଟ ଅନୁଯାୟୀ ସେମାନେ ଗତ ୩ ମାସରେ ଅତି କମରେ ୨ଟି ଗୁପ୍ତ ବୈଠକ କରିଛନ୍ତି । ରିପୋର୍ଟ ଅନୁଯାୟୀ,ଏହି ବୈଠକ କତାର ଏବଂ ଅନ୍ୟ ଏକ ଏସୀୟ ଦେଶର ରାଜଧାନୀରେ ଅନୁଷ୍ଠିତ ହୋଇଥିଲା । ଯଦିଓ ଏହି ବୈଠକଗୁଡିକ ଆନୁଷ୍ଠାନିକ ନୁହେଁ, ତଥାପି ଅପରେସନ ସିନ୍ଦୂର ପରେ ଏହା ପ୍ରଥମ ଏପରି ପ୍ରୟାସ । ସରକାରୀ ମହଲ ମଧ୍ୟରେ ବଢୁଥିବା ସହମତି ହେଉଛି ଯେ, ଇସଲାମାବାଦ ଏବଂ ରାୱଲପିଣ୍ଡି ମଧ୍ୟରେ ଆଲୋନଚାର ଏକ ଗୁପ୍ତ ଚ୍ୟାନେଲ ଖୋଲା ରହିବା ଉଚିତ୍ । ଇଂରାଜୀ ଖବରକାଗଜଟି ଏହା ମଧ୍ୟ କହିଛି ଯେ, ଏହି ଆଲୋଚନା ଆବଶ୍ୟକତା ଜାତୀୟ ସୁରକ୍ଷା ପରାମର୍ଶଦାତା ଏନଏସଏ ଅଜିତ୍ ଡୋଭାଲଙ୍କ କାର୍ଯ୍ୟାଳୟ ଏବଂ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟକୁ ଜଣାଇ ଦିଆଯାଇଛି । ସୂତ୍ର ଅନୁସାରେ ପାକିସ୍ତାନ ମଧ୍ୟ ଏପରି ଆଲୋଚନା ପାଇଁ ଇଚ୍ଛା ପ୍ରକାଶ କରିଛି ।

ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଭବିଷ୍ୟତରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ପରିସ୍ଥିତିରେ ଉତ୍ତେଜନାକୁ ଆହୁରି ବୃଦ୍ଧି ନକରିବା । ବର୍ତ୍ତମାନ, ଦୁଇ ଦେଶ ମଧ୍ୟରେ ଯୋଗାଯୋଗର ଏକମାତ୍ର ହେଉଛି ପ୍ରତି ମଙ୍ଗଳବାର ଦିନ ଡିଜିଏମଓ ସ୍ତରରେ ଅନୁଷ୍ଠିତ ହେଉଥିବା ସାପ୍ତାହିକ ହଟାଲାଇନ୍ ଆଲୋଚନା । ଭାରତ ବିଶ୍ୱାସ କରେ ଯେ ବ୍ୟାକ-ଚ୍ୟାନେଲ ଯୋଗାଯୋଗ ଏହାର ସ୍ପଷ୍ଟ ସ୍ଥିତିକୁ ଉଲ୍ଲଂଘନ କରେ ନାହିଁ ଯେ ଆତଙ୍କବାଦ ଏବଂ ଆଲୋଚନା ସହବାସ୍ଥାନ କରିପାରିବ ନାହିଁ । ଏହାକୁ ଏକ ଏପରି ପଦ୍ଧତି ଭାବରେ ଦେଖାଯାଏ ଯେଉଁଠାରେ ଭାରତ ସରକାର ସଙ୍କଟ ସମୟରେ ପାକିସ୍ତାନୀ ନେତୃତ୍ୱ ସହିତ ସିଧାସଳଖ କଥା ହୋଇପାରିବେ । ପାକିସ୍ତାନ ବର୍ତ୍ତମାନ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନାରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି । ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ଶକ୍ତି ଯଥେଷ୍ଟ ବୃଦ୍ଧି ପାଇଛି । ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ଣ୍ଣ ସମର୍ଥନ ଉପଭୋଗ କରୁଛନ୍ତି । ଏପରି ପରିସ୍ଥିତିରେ , ଯଦି ଆଉ ଏକ ଆତଙ୍କବାଦୀ ଆକ୍ରମଣ ହୁଏ ତେବେ ଭାରତ ପାଇଁ ଇସଲାମାବାଦ ଉପରେ ଅନ୍ତର୍ଜାତୀୟ ଚାପ ପ୍ରୟୋଗ କରିବା ଚ୍ୟାଲେଞ୍ଜପୂର୍ଣ୍ଣ ହୋଇପାରେ । ତେଣୁ ଭାରତକୁ ସିଧାସଳଖ ଯୋଗାଯୋଗ ବ୍ୟବସ୍ଥା ବଜାୟ ରଖିବାକୁ ପଡିବ । ଭାରତ ଏବଂ ପାକିସ୍ତାନର ସିକ୍ରେଟ୍ ମିଟିଂ ଏକ ଲମ୍ବା ଇତିହାସ ରହିଛି । ୨୦୧୫ରୁ ୨୦୧୮ ମଧ୍ୟରେ, ଏନଏସଏ ଡୋଭାଲ ବ୍ୟାଙ୍କକରେ ତାଙ୍କ ତତ୍କାଳୀନ ପାକିସ୍ତାନୀ ପ୍ରତିପକ୍ଷଙ୍କ ସହ ଅନେକ ବୈଠକ କରିଥିଲେ । ଏପ୍ରିଲ ୩୦ ୨୦୨୫ରୁ ଲେଫ୍ଟନାଣ୍ଟ ଜେନେରାଲ ମହମ୍ମଦ ଅସୀମ ମଲିକଙ୍କୁ ପାକିସ୍ତାନର ନୂଆ ଏନଏସଏ ଭାବରେ ନିଯୁକ୍ତ କରାଯାଇଛି । ଏହା ପାକିସ୍ତାନର ସାମରିକ ଏବଂ ବେସାମରିକ ଶକ୍ତିକୁ ଏକାଠି କରିଛି ଏବଂ ଫିଲ୍ଡ ମାର୍ଶାଲ ମୁନିରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣକୁ ଆହୁରି ବୃଦ୍ଧି କରିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଆହେ ରାମ କୃଷ୍ଣ ଦଶ ଅବତାର
ବ୍ରହ୍ମ ବିନ୍ଦୁ ହୋଇଥାଅ
ହେ ଗୁରୁଦେବ ....... ସିଞ୍ଚୁଥାଅ (୪)
"ମନ କଳ୍ପିତେ ଫଳ ପାଇ
ସଙ୍କଳ୍ପ ସିଦ୍ଧି ସେ ବୋଲାଇ''

**ଦିନବାର ରାତିବାର**

"ଦିନବାର ରାତି ବାର
ନିଜ ବାରକୁ ଜଲଦି ଧର''

ହେ ସୁଧିଜନ ସାବଧାନ, ଦୀନ ଚାଲିଯାଏ ରାତ୍ର ଆସିଯାଏ, ସମସ୍ତେ କିନ୍ତୁ କାର୍ଯ୍ୟ ବ୍ୟସ୍ତ, କିନ୍ତୁ ଏହି ଦିନରାତି ମିଶି ଚବିଶ ଘଣ୍ଟା ତୁମ ପାଇଁ ବଦଳି ଯିବ ନିତ । ଯେଉଁ ଚବିଶକୁ ସେଇ ଚବିଶି, ସେଇ ଚବିଶି ଘଣ୍ଟାରେ ତୁମେ ଧର୍ମ କର, କି କର୍ମ କର କିନ୍ତୁ ତୁମର ଯେଉଁ ବାରାଙ୍ଗୁଳି ବାଇ ବୋହି ଚାଲିଛି ତୁମେ ଟିକେ ତାକୁ ନଜର କର । ଦେଖ ସିଏ କଣ କରୁଛନ୍ତି । କି କର୍ମ କରୁଛନ୍ତି, କି ଧର୍ମ କରୁଛନ୍ତି, କି ମନ୍ତ୍ର ପଢୁଛନ୍ତି । ସେ ହେଲେ ଈଶ୍ୱର । ସେଇ ସ୍ୱର ସହିତ ନିଜକୁ ନିଜେ ମିଶେଇଲେ ହଜେଇଲେ ତୁମେ ଈଶ୍ୱରଙ୍କ ସନ୍ଧାନ ପାଇପାରିବ । ନିଜକୁ ନିୟନ୍ତ୍ରଣ କର । ଉଜୁଡିବା ପୂର୍ବରୁ ସଜାଡି ହୋଇଯାଅ । ଭାଙ୍ଗିଯିବା ପୂର୍ବରୁ ଯୋଡି ହୋଇଯାଅ । ଏହା ହିଁ ସେହି ଅନନ୍ତଙ୍କ ବାଣୀ । ଆଉ ସମୟ ନାହିଁ । ହରିଓଁ ।

"ଦିନ ବାରଘଣ୍ଟା, ରାତ୍ର ବାରଘଣ୍ଟା
ପାପ ପୁଣ୍ୟ ସବୁ ହୁଏ ବଣ୍ଟାକୁଣ୍ଟା''

ସୁଧିଜନ, ସମୟର ସ୍ରୋତ ଗଡି ଚାଲିଛି । ଚବିଶି ଘଣ୍ଟାଟା ଏକ ସେକେଣ୍ଡ ବି ହେଇନାହିଁ । ସେହି ସମୟ ଭିତରେ ଆମକୁ ସବୁ କର୍ମ କରିବାକୁ ପଡିବ । ଭଲମନ୍ଦ ବିଚାର କରିବାକୁ ପଡିବ ପାପ କଣ ପୁଣ୍ୟ କଣ ବିବେକକୁ ପଚାରି ଆଗେଇବାକୁ ପଡିବ କିନ୍ତୁ ଆଜି ଏ କଣ ହେଉଛି, ଯିଏ ଯାହା ପାଇଲା କରିଯାଉଛି ସେ ଠିକ ହେଉ ବା ଭୁଲ ହେଉ କିପରି ଆମେ ବଡଲୋକ ହେବା । ଏହା କଣ ମାନବ ଜନ୍ମର ଯଥାର୍ଥତା ଏହା କଣ ଭବିଷ୍ୟତ ପାଇଁ ସୁଗମ ପଥ ହୋଇପାରିବ । ତୁମେ ଯାହାଟା କରିବ ତୁମରି ପାଇଁ ସେଥିରେ କେହି ଭାଗ ନେବେ ନାହିଁ । ତୁମେ ସଂସାରୀ ହୁଅ ସାଧୁ ହୁଅ, କି ଅମଲାତନ୍ତ୍ରୀ ହୁଅ କି ପ୍ରଶାସକ ହୁଅ କି ସରକାର ହୁଅ ଭୋଗିବ ତୁମେ, ତୁମ ପାଇଁ ଅନ୍ୟ କେହିନୁହେଁ ହରିଓଁ ।

**ଆଇଁଷ କ'ଣ ? ଅଛବ କ'ଣ ?**

"ମାଛ ଖାଇବ ମାଂସ ଖାଇବ
ଆଇଁଷ ଖାଇବ ନାହିଁ
ହାଡିକୁ ଛୁଇଁବ ପାଣକୁ ଛୁଇଁବ
ଅଛବ ଛୁଇଁବ ନାହିଁ । (କ୍ରମଶଃ ...)

◆◆

# ବିହାରର ରାଜ୍ୟପକ୍ଷୀ ଘରଚଟିଆ



ଡ. ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ : ୯୪୩୭୦୦୦୯୦୪

କୃଷକ ବନ୍ଧୁ ଭାବେ ପରିଚିତ ଘରଚଟିଆ ବିହାରର ରାଜ୍ୟପକ୍ଷୀ ଅଟେ । ପରେ ୨୦୧୨ମସିହାରେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ରାଜ୍ୟପକ୍ଷୀ ଭାବେ ମଧ୍ୟ ଘରଚଟିଆକୁ ଘୋଷଣା କରାଯାଇଛି । ଏହି ପକ୍ଷୀର ବୈଜ୍ଞାନିକ ନାମ ପାସେଇ ଡୋମେଷ୍ଟିକ୍ସ । ଇଂରାଜୀ ନାମ-ହାଉସ ସ୍ପାରୋ, ହିନ୍ଦୀରେ କୁହନ୍ତି ଗୌରିୟାଗା, ପାସେଇଚି ବଂଶର ପକ୍ଷୀ, ପ୍ରଜାତି ପାସେଇ। ବ୍ୟାପ୍ତି ଓ ବିସ୍ତୃତି-ପୃଥିବୀର ଯେଉଁ ଯେଉଁ ସ୍ଥାନରେ ମନୁଷ୍ୟମାନେ ବସବାସ କରନ୍ତି, ସେଠି ଘରଚଟିଆ ଦେଖିବାକୁ ମିଳନ୍ତି। ଏସିଆ ଏବଂ ୟୁରୋପ ମହାଦେଶ ଏହି ପକ୍ଷୀଟିର ସ୍ୱାଭାବିକ ବା ପ୍ରାକୃତିକ ଆବାସସ୍ଥଳୀ । ଭାରତର ସବୁ ଅଞ୍ଚଳରେ ଏହି ପକ୍ଷୀ ଦେଖାଯାଇଥାଏ । ରାଜସ୍ଥାନର ମରୁଭୂମି, ହିମାଳୟ ପାଦଦେଶର ପାର୍ବତ୍ୟାଞ୍ଚଳ, ଜନାକୀର୍ଣ୍ଣ ସହର ଅବା ଗ୍ରାମୀଣ ପରିବେଶ ହେଉ, ଯେଉଁଠି ମଣିଷମାନେ ବସବାସ କରନ୍ତି, ସେଠି ପଙ୍କର ସହଚର ଓ ସହଯୋଗୀ ରୂପେ ଘରଚଟିଆ ମଧ୍ୟ ବାସ କରେ । ଧାନ, ଗହମ ଓ ଡାଲି ଜାତୀୟ ଶସ୍ୟକ୍ଷେତ୍ର ନିକଟରେ ଘରଚଟିଆ ପକ୍ଷୀ ଦଳଦଳ ହୋଇ ଘୁରି ବୁଲୁଥିବାର ଲକ୍ଷ୍ୟ କରାଯାଏ । ଦୂର ଦୂରାନ୍ତର କୌଣସି ଏକ ଦୁର୍ଗମ ସ୍ଥାନରେ ମନୁଷ୍ୟ ଯାଇ ବସବାସ କରିବା ମାତ୍ରେ, ଯେଉଁ ପକ୍ଷୀମାନେ ସେଠାରେ ଯାଇ ପହଞ୍ଚିଥାଆନ୍ତି, ସେମାନଙ୍କ ଭିତରେ ଘରଚଟିଆ ପ୍ରଥମ । ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ବିଜ୍ଞାନରେ ଶ୍ରେଣୀ ବିଭାଗ କରି ଦ୍ୱିଶବ୍ଦ ବିଶିଷ୍ଟ ନାମ ପ୍ରଦାନ କରାଯାଇଥିବା ଜୀବଜନ୍ତୁଙ୍କ ମଧ୍ୟରେ ଘରଚଟିଆ ଅନ୍ୟତମ। ଘରଚଟିଆ ପକ୍ଷୀର ବୈଜ୍ଞାନିକ ନାମ ଏବଂ ଚିରାଚରିତ ଇଂରାଜୀ ନାମର ଭାବାର୍ଥ ଏବଂ ଏହି ପକ୍ଷୀଟି ପାସେଇ ପ୍ରଜାତିର । ପାସେଇ ଏକ ଲାଟିନ୍ ଶବ୍ଦ ଯାହାର ଅର୍ଥ କର୍ମଠ ଓ ନିରଳସ ଛୋଟ ପକ୍ଷୀ। ଇଂରାଜୀ ଶବ୍ଦ ସ୍ପାରୋ ମଧ୍ୟ ସେହିପରି ଏକ ମୂଳଶବ୍ଦ ଯାହା ଗତି ବା ବେଗରୁ ଆସିଛି। ଡୋମେଷ୍ଟିକ୍ସ ମଧ୍ୟ ଏକ ଲାଟିନ୍ ଶବ୍ଦ ଯାହାର ଅର୍ଥ ଘର ସମ୍ପର୍କିତ ବୋଲି ବୁଝାଇଥାଏ । ଦେଖିବାକୁ ଗଲେ ଘରଚଟିଆ ଏକ ସାମାଜିକ ଘରୋଇ ପକ୍ଷୀ । ବିଗତ ଦଶ ହଜାର ବର୍ଷ ହେଲା ଏହି ପକ୍ଷୀ ମନୁଷ୍ୟର ସାମାଜିକ ଚଳଣୀ ସହିତ ଓତପ୍ରୋତ ଭାବେ ଜଡିତ । ଶାରୀରିକ ଆକୃତି-ଘରଚଟିଆ ପାଞ୍ଚ ଇଞ୍ଚରୁ ଛଅ ଇଞ୍ଚ ଲମ୍ବର ଛୋଟିଆ ପକ୍ଷୀଟିଏ। ଶରୀରର ଓଜନ ୨୪ରୁ ୪୦ଗ୍ରାମ ଭିତରେ। ମାଈ ପକ୍ଷୀର ପିଠି ପଟର ବର୍ଣ୍ଣ ମାଟିଆ ବାଦାମୀ । ପେଟର ରଂଗ ପାଉଁଶିଆ ଧଳା । ପିଠି ଉପରେ ହଳଦିଆ ଡୋରିଆ ଗାର ପଡି ଥାଏ । ଅଣ୍ଡିରା ପକ୍ଷୀର ମୁଣ୍ଡଟି ଅପେକ୍ଷାକୃତ ବଡ ଓ ଗୋଲାକାର । ଛାତି ପ୍ରଶସ୍ତ,ଏହାର ମୁଣ୍ଡଟି ପାଉଁଶିଆ ଧୂସର ହୋଇଥିଲା ବେଳେ,ବେକ ପାଖରେ କଳା ରଂଗର ଦାଗ ଥାଏ । ଥଣ୍ଟ ଶକ୍ତ ଏବଂ ଗୋଜିଆ । ଶସ୍ୟ କ୍ଷେତରୁ ବୀଜ ଖୁଣ୍ଟି ଖାଇବା ପାଇଁ ଏହା ଉପଯୁକ୍ତ ହୋଇଥାଏ। ପ୍ରଜନନ ଋତୁରେ ପୁରୁଷ ପକ୍ଷୀର ଥଣ୍ଟ ସାଧାରଣତଃ କଳା ଦେଖାଯାଏ । ଅନ୍ୟ ସମୟରେ ଏହାର ରଙ୍ଗ ଧୂସରିଆ କଳା । ମାଈ ପକ୍ଷୀର ଥଣ୍ଟ ଧୂସର ବାଦାମୀ, କିନ୍ତୁ ପ୍ରଜନନ ଋତୁରେ ଥଣ୍ଟଟି କଳା ହେବାକୁ ଲାଗେ । ଘରଚଟିଆ ପକ୍ଷୀର ଲାଞ୍ଜ ଗୁଡିକ ଛୋଟ, ପାଞ୍ଚ ସେଣ୍ଟିମିଟରରୁ ଛଅ ସେଣ୍ଟିମିଟରର ହୋଇଥାଏ । ଅଣ୍ଡିରା ବା ପୁରୁଷ ଘରଚଟିଆର ଆକୃତି ଶୀତଦିନେ ସାମାନ୍ୟ ବଢିଥାଏ, କିନ୍ତୁ ମାଈ ପକ୍ଷୀର ଆକୃତି କେବଳ ପ୍ରଜନନ ଋତୁରେହିଁ ବୃଦ୍ଧି ପାଏ । ଏହା ବ୍ୟତୀତ ଅଧିକ ଉଚ୍ଚତାରେ ଥିବା ଥଣ୍ଡା ସ୍ଥାନରେ, ଏହି ପକ୍ଷୀମାନଙ୍କର ଆକୃତି ସ୍ୱାଭାବିକ ବଡ ହୋଇଥାଏ । ଖାଦ୍ୟ ବା ଆହାର-ମାଟି ଉପରେ ବିଞ୍ଚି ହୋଇ ପଡିଥିବା ଧାନ, ଗହମ, ମାଣ୍ଡିଆ, ଆଦି ଶସ୍ୟ ଓ ରାଶି, ସୋରିଷ ଆଦି ତୈଳବୀଜ ଘରଚଟିଆ ମାନଙ୍କର ମୁଖ୍ୟ ଆହାର । ଶୀତଋତୁରେ ବହୁ ସଂଖ୍ୟକ ଘରଚଟିଆ ଏକତ୍ର ହୋଇ ଶସ୍ୟକ୍ଷେତ୍ର ନିକଟରେ ଚରୁଥିବାର ଦେଖାଯାଏ । ବିଲରେ ପାକଳ ହୋଇଥିବା ଧାନ, ଗହମ ଓ ଡାଲିଜାତୀୟ ଶସ୍ୟ ଖାଇଦେଇ ସେମାନେ କୃଷକର ବ୍ୟାପକ କ୍ଷତି କରିଥାନ୍ତି । ଏହା ବ୍ୟତୀତ ବାଡି ବଗିଚାରେ ଥିବା ଫଳ ଓ ପନିପରିବା ଗଛର କଅଁଳ କାଣ୍ଡ ଓ ଫୁଲ, କଢକୁ ମଧ୍ୟ ଘରଚଟିଆ ଖାଇ ନଷ୍ଟ କରିଦିଏ । ସେଥିପାଇଁ କୃଷକ ଓ ଗୃହସ୍ଥ ଏହି ପକ୍ଷୀଟିକୁ ଭଲ ଆଖିରେ ଦେଖିପାରନ୍ତି ନାହିଁ । ଏ ସଂପର୍କରେ ଚୀନ୍ ଦେଶରେ ଏକ ଲୋକକଥା ଅଛି । ଥରେ ଏହି କାରଣରୁ ସେଠାରେ ଘରଚଟିଆ ବଂଶ ସଂପୂର୍ଣ୍ଣ ଲୋପ କରିବାକୁ ନିଷ୍ପତ୍ତି ନିଆଗଲା କାରଣ ଘରଚଟିଆ ପକ୍ଷୀ ବହୁ ପରିମାଣରେ ବିଲ ବାଡିରେ ଫସଲ ଖାଇ ନଷ୍ଟ କରି ଦେଉଥିଲେ । ସେଠାରେ ଘରଚଟିଆ ବଂଶ ଲୋପ ପାଇଗଲା । କିନ୍ତୁ ଫଳ ହେଲା ଓଲଟା। ଫସଲ ଅଧିକ ଅମଳ ହେବା ପରିବର୍ତ୍ତେ କମିବାକୁ ଲାଗିଲା । ଏହାର କାରଣ ହେଲା ଘର ଚଟିଆମାନେ ଫସଲ ଖାଇ ନଷ୍ଟ କରିବା ସଙ୍ଗେ ସଙ୍ଗେ ଶସ୍ୟ କ୍ଷେତ୍ରରେ ଥିବା କୀଟ ପତଙ୍ଗ ମାନଙ୍କୁ ମଧ୍ୟ ମାରି ଖାଇ ଦେଉଥିଲେ। ଏହା ଜଣାପଡିବାରୁ ଚୀନରେ ଘରଚଟିଆ ମାରଣ ନୀତି ବନ୍ଦ କରି ସେମାନଙ୍କୁ ସୁରକ୍ଷା ଦିଆଗଲା । ଗ୍ରାମ ଓ ସହର ମାନଙ୍କରେ ଏହି ପକ୍ଷୀମାନଙ୍କର ସଂଖ୍ୟା ଅନେକ ପରିମାଣରେ ଘୋଡା ଓ ଗାଈ ସଂଖ୍ୟା ଉପରେ ନିର୍ଭର କରିଥାଏ । କାରଣ ପକ୍ଷୀମାନେ ସେମାନଙ୍କ ମଳରେ ଜୀର୍ଣ୍ଣ ନ ହୋଇ ବାହାରି ଥିବା ଶସ୍ୟକୁ ଖୁଣ୍ଟି ଖାଇଥାନ୍ତି । ଅଳିଆ, ଆବର୍ଜନା ଗଦାରୁ ଏବଂ ହୋଟେଲ ତଥା ରେଷ୍ଟୁରାଣ୍ଟ ବାହାରେ ପଡିଥିବା ବଳକା ଖାଦ୍ୟରୁ ମଧ୍ୟ ସେମାନେ ନିଜର ଆହାର ସଂଗ୍ରହ କରିଥାନ୍ତି । ପରିବେଶ ଓ ବ୍ୟବହାର-ସାଧାରଣତଃ ମନୁଷ୍ୟ ବସବାସ କରୁଥିବା ସ୍ଥାନରେ ବା ତା ଆଖପାଖରେ ରହିବାକୁ ଘରଚଟିଆ ଅଧିକ ପସନ୍ଦ କରିଥାଏ। ବିସ୍ତୃତ ଘଞ୍ଚ ଜଙ୍ଗଲ ବା ଲୋକଶୂନ୍ୟ ଖାଁ ଖାଁ ମରୁଭୂମି ସେମାନଙ୍କର ଆଦୌ ପସନ୍ଦ ନୁହେଁ । ଘର ଭିତରେ ପ୍ରାୟତଃ ହଳହଳ ହୋଇ ଏମାନେ ଉଡି ବୁଲନ୍ତି । କିନ୍ତୁ ବାହାରେ ଖୋଲା ଜାଗାରେ ଏମାନେ ପ୍ରାୟ ଦଳବଦ୍ଧ ହୋଇ ଉଡୁଥାନ୍ତି । ଧାନମଣ୍ଡି ବା ଚାଉଳଖଳା ନିକଟରେ ଏବଂ ଅମଳ ସମୟରେ ପାଚିଲା ଶସ୍ୟ କ୍ଷେତରେ ଦେଖିବେ ଏମାନଙ୍କ ପଟୁଆର । ପୁରୁଷପକ୍ଷ ଯେତେବେଳେ ଉତ୍ତେଜିତ ହୋଇପଡେ, ସେତେବେଳେ ଚିର୍ ଚିର୍ ଶବ୍ଦ କରି ଅନ୍ୟ ପକ୍ଷୀମାନଙ୍କ ସହିତ ଝଗଡା କରେ । ବେଳେବେଳେ କୌତୁକରେ ମଧ୍ୟ ନିଜ ନିଜ ଭିତରେ ଗୋଡିଆଗୋଡି, ଖେଣ୍ଟାଖେଣ୍ଟି ହୁଅନ୍ତି । ଘରଚଟିଆ ପକ୍ଷୀର କଣ୍ଠ ସ୍ୱରଟି ନରମ ଓ ମିଠା ହୋଇଥିଲେ ମଧ୍ୟ ଅବିଶ୍ରାନ୍ତ ଚିର୍ ଚିର୍ ଶବ୍ଦ କରୁଥିବାରୁ ବେଳେ ବେଳେ ଶ୍ରୁତି କଟୁ ଲାଗେ । ପିଲାମାନଙ୍କ ପାଇଁ ଟିକି ଡେଣା ନେଇ ଉଡି ବୁଲୁଥିବା ଘରଚଟିଆ ବେଶ୍ କଉତୁକିଆ ମନେହୁଏ ।

ପ୍ରଜନନ-ସୂର୍ଯ୍ୟଙ୍କର ଉତ୍ତରାୟଣ ହୋଇ ଦିନର ଅବଧି ବଢିଲେ ଘରଚଟିଆଙ୍କର ପ୍ରଜନନ ଋତୁ ଆସିଥାଏ । ଏହି ସମୟରେ ପୁରୁଷ ପକ୍ଷୀଟି ସ୍ତ୍ରୀ ପକ୍ଷୀକୁ ଆକୃଷ୍ଟ କରିବା ପାଇଁ ଏକ ମିଠା, କଅଁଳ ଓ ତୋଷାମଦ କଲାଭଳି ଡାକ ଦିଏ । ସାଧାରଣତଃ ଗୋଟିଏ ପୁରୁଷ ପକ୍ଷୀ ଗୋଟିଏ ମାଈ ପକ୍ଷୀକୁ ଆଦରିଥାଏ । କ୍ୱଚିତ୍ ଏହାର ବ୍ୟତିକ୍ରମ ମଧ୍ୟ ଦେଖିବାକୁ ମିଳେ । ଅନେକ ସମୟରେ ଦେଖାଯାଏ, ପ୍ରଜନନ ଋତୁ ଆରମ୍ଭ ହୋଇଗଲେ, ପୁରୁଷପକ୍ଷୀ ତାର ନରମ ପରକୁ ଫୁଲାଇ ଦିଏ । ପିଚା ଅଂଶକୁ ଧନୁପରି ଅର୍ଦ୍ଧ ବୃତ୍ତାକାର କରେ, ଡେଣା ଦୁଇଟିକୁ ଦୁଇ କଡକୁ ଝୁଲାଇଦିଏ । ଅଳ୍ପ ଉପରକୁ ଟେକି ହୋଇ ରହିଥିବା ପୁଚ୍ଛକୁ ଝୁଙ୍କାଇ ସଗର୍ବରେ ଚାଲେ । ପ୍ରଜନନ ପୂର୍ବରୁ ପୁରୁଷ ପକ୍ଷୀ ନିଡ ରଚନା କରେ । ଘରଚଟିଆର ନୀଡ ବା ବସା ଦେଖିବାକୁ ଆଦୌ ପରିଷ୍କାର ବା ସୁନ୍ଦର ନୁହେଁ। ଏହା ଭଲ ଭାବରେ ପ୍ରସ୍ତୁତ ନ ହୋଇ ଅଳିଆ, କାଠି, କୁଟା ଓ ଛିଣ୍ଡା ସୂତାର ସମାହାରରେ କେବଳ ର ଠ କାମ ହୋଇଥାଏ। ଚାଳଘର କାନ୍ଥରେ ଥିବା ଠଣାରେ ବା କଡି ବରଗା ତଳେ, କୋଠାଘରର ସ୍କାଇଲାଇଟରେ କିମ୍ବା ବହିଥାନ କଣରେ ସେମାନେ ନୀଡ ରଚନା କରନ୍ତି । ବେଳେବେଳେ ସହରର ବତୀଖୁଣ୍ଟରେ ଥିବା ବିଜୁଳି ବତୀ ନିକଟରେ ବା ନିଅନ ସାଇନବୋର୍ଡ ପାଖରେ ମଧ୍ୟ ଅଣ୍ଡା ଉଷୁମେଇବା ନିମନ୍ତେ ଆବଶ୍ୟକୀୟ ଉତ୍ତାପ ପାଇବା ପାଇଁ ସେମାନେ ଅଣ୍ଡା ଦେଇଥାନ୍ତି । ଗରମ ଅନୁଭୂତ ହେଉଥିବା ଅଞ୍ଚଳରେ ଥିବା ଖୋଲା ସ୍ଥାନରେ ବା ଗଛ ଶାଖା କିମ୍ବା କୋରଡରେ ମଧ୍ୟ ସେମାନେ ବସା ବାନ୍ଧିଥାନ୍ତି। ଏହି ବସାରେ ମାଈ ଘରଚଟିଆ ଥରକରେ ତିନୋଟିରୁ ପାଞ୍ଚଟି ଅଣ୍ଡା ଦିଏ । ଅଣ୍ଡାଗୁଡିକ ଫିକା ପାଉଁଶିଆ ରଙ୍ଗର ହୋଇଥାଏ । ଅଣ୍ଡା ଦେବାର ଚଉଦ, ପନ୍ଦର ଦିନ ଭିତରେ ଛୋଟଛୋଟ ବାଟି ଆକୃତିର ଛୁଆମାନେ ବାହାରି ଖପର ଖାପର ଡେଇଁବାରେ ଲାଗନ୍ତି ।

ସାମ୍ପ୍ରତିକ ସ୍ଥିତି-ଏକ ପ୍ରଜାତିର ଚିଲ ଜାତୀୟ ପକ୍ଷୀ ଘରଚଟିଆର ପ୍ରଧାନ ଶତ୍ରୁ । ଘର ଭିତରେ ବୁଲୁଥିବା ପୋଷା ବିରାଡି ଓ ଗୁଣ୍ଡୁଚିମୂଷା ଘରଚଟିଆକୁ ମାରି ଖାଇଥାନ୍ତି । ଆଇ.ୟୁ.ସି.ଏନ୍ ଦ୍ୱାରା ପ୍ରକାଶିତ ରେଡପଟା ବୁକ୍ ତଥ୍ୟ ଅନୁସାରେ ଘରଚଟିଆର ସ୍ଥିତି ଆଦୌ ଉଦବେଗ ଜନକ ନୁହେଁ ବୋଲି ଦର୍ଶାଯାଇଛି । କିନ୍ତୁ ଆମ ଓଡିଶାର ସହରରେ, କୋଠାବାଡିରେ ପରିପୂର୍ଣ୍ଣ କଂକ୍ରିଟ୍ ଜଙ୍ଗଲରେ ଘରଚଟିଆ ପକ୍ଷୀ ଦେଖିବାକୁ ମିଳୁନାହାଁନ୍ତି । କାରଣ ସହରର କୋଠାଘରେ ବସା ଗଢିବାର ସୁଯୋଗ ନ ଥିବାରୁ, ନିକଟରେ ବିଲ ବାଡି ନ ଥିବାରୁ ଶସ୍ୟ ଜାତୀୟ ଖାଦ୍ୟର ଅଭାବ, ଶସ୍ୟରେ ଅଧିକ କୀଟନାଶକ ଔଷଧର ପ୍ରୟୋଗ ଏବଂ ଯାନବାହାନ ପରିବହନ ଜନିତ ବାୟୁ ପ୍ରଦୂଷଣ ହେତୁ, ସେମାନଙ୍କର ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତୀୟ ବନ୍ୟପ୍ରାଣୀ ଅଇନ୧୯୭୨ରେ ଘରଚଟିଆକୁ ଚତୁର୍ଥଶ୍ରେଣୀ ତାଲିକାରେ ରଖାଯାଇଥିଲା । କିନ୍ତୁ ୨୦୨୨ର ସଂଶୋଧିତ ଆଇନରେ ଏହି ପକ୍ଷୀକୁ ଦ୍ୱିତୀୟ ଖସଡା ଶ୍ରେଣୀଭୁକ୍ତ କରାଯାଇଛି । ଏହାର ଅର୍ଥ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ଉପରେ ଅଧିକ ଜୋର୍ ଦିଆଯାଇଛି ଏବଂ ସେମାନଙ୍କୁ ଧରିବା, ଶିକାର କରିବା ଅବୈଧ ଘୋଷଣା କରାଯାଇଛି ।

ଘରଚଟିଆ ପକ୍ଷୀର ସଂରକ୍ଷଣ ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ୨୦୧୦ମସିହା ପରଠାରୁ ପ୍ରତିବର୍ଷ ମାର୍ଚ୍ଚମାସ ୨୦ତାରିଖ ଦିନ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଆସୁଛି ।

# ମାତୃଦିବସ: ମାଆଙ୍କ ତ୍ୟାଗ ଓ ସେବାକୁ ସମ୍ମାନ



ଅର୍ପିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ମାନବଜୀବନର ଆରମ୍ଭ ହୁଏ ଗୋଟିଏ ନିରବ ଧ୍ୱନିରୁ,ସେହି ଧ୍ୱନି ହେଉଛି ମାଆଙ୍କର ହୃଦସ୍ପନ୍ଦନର ଧ୍ୱନି। ଏହି ଧ୍ୱନି ଶିଶୁ ପାଇଁ ପ୍ରଥମ ଆଶ୍ରୟ, ପ୍ରଥମ ସୁରକ୍ଷା ଓ ପ୍ରଥମ ଅନୁଭବ। ମାଆ କେବଳ ଗୋଟିଏ ଶବ୍ଦ ନୁହେଁ, ସେ ଗୋଟିଏ ଭାବନା, ଗୋଟିଏ ଜୀବନଦାୟିନୀ ଶକ୍ତି, ଯାହା ଆମ ସାରା ଅସ୍ତିତ୍ୱକୁ ଆକାର ଦେଇଥାଏ। ମାତୃଦିବସ ସେହି ଅଦୃଶ୍ୟ ଶକ୍ତିକୁ ଅନୁଭବ କରିବାର ଏକ ଦିନ, ଯେଉଁଥିରେ ଆମେ ମାଆଙ୍କର ଅସୀମ ତ୍ୟାଗ ଓ ନିଷ୍କାମ ପ୍ରେମକୁ ହୃଦୟରୁ ସ୍ମରଣ କରିଥାଉ। ମାଆ ହେଉଛନ୍ତି ଶିଶୁର ପ୍ରଥମ ପୃଥିବୀ। ସେ ନିଜ ଗର୍ଭରେ ଜୀବନକୁ ଧାରଣ କରି ଦଶ ମାସ ଧରି କେତେ ସହନଶୀଳତା, ବେଦନା ଓ ଆଶା ସହ କାଟନ୍ତି, ତାହା କେବେ ଅନୁଭବ କରା ଯାଇପାରିବ ନାହିଁ। ଶିଶୁ ଜନ୍ମ ନେଲା ପରେ ସେହି ମାଆ ନିଜ ନିଦ, ନିଜ ସୁଖ, ନିଜ ସ୍ୱପ୍ନ ସବୁକିଛିକୁ ପଛକୁ ରଖି ସନ୍ତାନ ପାଇଁ ନିଜକୁ ଉତ୍ସର୍ଗ କରିଦେଇଥାନ୍ତି। ରାତିର ଅନ୍ଧକାରରେ ଯେତେବେଳେ ସମସ୍ତେ ଶୋଇଯାଆନ୍ତି, ସେତେବେଳେ ମାଆ ଜାଗି ରହନ୍ତି, କେବଳ ଏହି ଭୟରେ ଯେ କେଉଁଠି ସନ୍ତାନ କାନ୍ଦୁନାହିଁ ତ ? କେଉଁଠି ତାକୁ କଷ୍ଟ ହେଉନାହିଁ ତ ? ମାଆଙ୍କର ଭଲପାଇବା ସାଧାରଣ ନୁହେଁ। ଏହା ଏମିତି ଗୋଟିଏ ପ୍ରେମ ଯାହାର କୌଣସି ସୀମା ନାହିଁ, କୌଣସି ସର୍ତ୍ତ ନାହିଁ। ସନ୍ତାନ ଭୁଲ କଲେ ମଧ୍ୟ ସେ ତାକୁ ଛାଡ଼ି ଦିଅନ୍ତି ତା ନୁହେଁ, ବରଂ ସେହି ଭୁଲକୁ ସଠିକ୍ ପଥରେ ଆଣିବା ପାଇଁ ସେ ନିଜକୁ ଅଧିକ ନିବେଶ କରନ୍ତି। ସେ ସନ୍ତାନର ସଫଳତାରେ ଗର୍ବ କରନ୍ତି, କିନ୍ତୁ ବିଫଳତାରେ ତାଙ୍କୁ ଛାଡ଼ି ଯାଆନ୍ତି ନାହିଁ—ସେ ସେତେବେଳେ ଅଧିକ ନିକଟକୁ ଆସନ୍ତି, ଆଶ୍ୱାସନା ଦେଇଥାନ୍ତି, ଆଶା ଦେଇଥାନ୍ତି।

ମାଆ ହେଉଛନ୍ତି ଶିଶୁର ପ୍ରଥମ ଶିକ୍ଷୟତ୍ରୀ। ଶିଶୁ ଯେତେବେଳେ କଥା କହିବା ଶିଖେ, ପ୍ରଥମେ "ମାଆ" ଶବ୍ଦ ଉଚ୍ଚାରଣ କରେ। ଏହି ଶବ୍ଦରେ ଥାଏ ସମସ୍ତ ଭଲପାଇବା ଓ ଭରସା। ମାଆ ଶିଶୁକୁ ଚାଲିବା ଶିଖାନ୍ତି, କିନ୍ତୁ ସେ କେବଳ ତାଙ୍କର ପଦକ୍ଷେପ ନୁହେଁ, ଜୀବନର ପଥରେ ଠିକ୍ ଭାବରେ ଚାଲିବା ଶିଖାନ୍ତି। ସେ ନୀତି, ନୀତିଶୀଳତା, ଦୟା, କ୍ଷମା ଓ ସହନଶୀଳତାର ମୂଲ୍ୟବୋଧ ଦେଇଥାନ୍ତି, ଯାହା ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ଜୀବନର କଷ୍ଟଦାୟକ ମୁହୂର୍ତ୍ତରେ ମାଆ ହେଉଛନ୍ତି ସେହି ଆଶ୍ରୟ ଯେଉଁଠାରେ ମନ ଶାନ୍ତି ପାଏ। ସେ ଅନ୍ଧକାରରେ ଆଲୋକ, ଦୁଃଖରେ ସାନ୍ତ୍ୱନା, ଅନିଶ୍ଚିତତାରେ ନିଶ୍ଚିତତା। ସେହି ଭଲପାଇବା ଆମକୁ ଶକ୍ତି ଦେଇଥାଏ, ଆମକୁ ପୁଣିଥରେ ଉଠି ଦଉଡ଼ିବାର ସାହସ ଦେଇଥାଏ। ମାତୃଦିବସର ଇତିହାସ ମଧ୍ୟ ଅତ୍ୟନ୍ତ ଅର୍ଥପୂର୍ଣ୍ଣ। ଏହା ଆରମ୍ଭ ହୋଇଥିଲା ମାଆଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇବାର ଏକ ସରଳ ଚେଷ୍ଟାରୁ। କିନ୍ତୁ ଆଜି ଏହା ବିଶ୍ୱବ୍ୟାପୀ ଉତ୍ସବରେ ପରିଣତ ହୋଇଛି। ତଥାପି ଏହାର ମୂଳ ଅର୍ଥ ହେଉଛି ମାଆଙ୍କର ତ୍ୟାଗକୁ ସ୍ୱୀକାର କରିବା ଓ ତାଙ୍କୁ ହୃଦୟରୁ ସମ୍ମାନ ଦେବା। ଦୁଃଖର କଥା, ଆମେ ଅନେକ ସମୟ ମାଆଙ୍କର ମୂଲ୍ୟକୁ ସେତେବେଳେ ବୁଝୁଥାଉ ଯେତେବେଳେ ସେ ଆମ ସହିତ ନଥାନ୍ତି। ତାଙ୍କର ନିରବ ତ୍ୟାଗ, ଅସୀମ ଧୈର୍ଯ୍ୟ, ଓ ଅନନ୍ୟ ଭଲପାଇବାକୁ ଆମେ ସାଧାରଣ ଭାବରେ ନେଇଥାଉ। କିନ୍ତୁ ଦିନେ,ଯେତେବେଳେ ତାଙ୍କର ସ୍ୱର ଶୁଣିବାକୁ ମିଳେନାହିଁ, ତାଙ୍କର ସ୍ପର୍ଶ ଅନୁଭବ କରିହୁଏନାହିଁ, ସେତେବେଳେ ଆମେ ବୁଝୁଥାଉ ମାଆ କେବଳ ଗୋଟିଏ ବ୍ୟକ୍ତି ନୁହେଁ, ସେ ଗୋଟିଏ ସମ୍ପୂର୍ଣ୍ଣ ଜଗତ ଥିଲେ। ମାତୃଦିବସ ଆମକୁ ସେହି ଅନୁଭୂତିକୁ ଜୀବନ୍ତ ରଖିବାର ଅବସର ଦେଇଥାଏ। ଏହା ଆମକୁ ଶିଖାଏ ଯେ ମାଆଙ୍କୁ ଭଲପାଇବା ଓ ସମ୍ମାନ କରିବା ପାଇଁ କୌଣସି ବିଶେଷ ଦିନ ଆବଶ୍ୟକ ନୁହେଁ, ପ୍ରତ୍ୟେକ ଦିନ ମାଆଙ୍କର। କିନ୍ତୁ ଏହି ଦିନ ଆମକୁ ମନେ ପକାଏ ଯେ ଆମେ କେବେ ତାଙ୍କୁ "ଧନ୍ୟବାଦ" କହିଛୁ କି ? ମାଆ କେବଳ ଜନ୍ମଦାତ୍ରୀ ନୁହେଁ ସେ ଜୀବନର ଶିଳ୍ପୀ। ସେ ଆମ ଭିତରେ ମାନବତାକୁ ଗଢ଼ିଥାନ୍ତି, ଆମକୁ ଏକ ଭଲ ମନୁଷ୍ୟ ହେବାର ପଥ ଦେଖାନ୍ତି। ସେ ଆମ ଦୁଃଖରେ ଲୁହ ଝରାନ୍ତି, ଆମ ସଫଳତାରେ ଖୁସି ହୁଅନ୍ତି ଓ ଆମର ପ୍ରତ୍ୟେକ ସ୍ୱପ୍ନକୁ ନିଜର ଭାବେ ଦେଖନ୍ତି। ଶେଷରେ, ମାଆଙ୍କର ମହତ୍ତ୍ୱକୁ କେବେ ଶବ୍ଦରେ ବାନ୍ଧିହେବ ନାହିଁ। ସେ ହେଉଛନ୍ତି ଜୀବନର ଶ୍ୱାସ, ହୃଦୟର ଧଡ଼କନ ଓ ଆତ୍ମାର ଆଲୋକ। ମାତୃଦିବସ ହେଉଛି ସେହି ଦିନ ଯେଉଁଦିନ ଆମେ ମାଆଙ୍କୁ କେବଳ ସ୍ମରଣ କରିନଥାଉ, ବରଂ ତାଙ୍କୁ ଅନୁଭବ କରିଥାଉ ତାଙ୍କର ତ୍ୟାଗକୁ, ତାଙ୍କର ପ୍ରେମକୁ ଓ ତାଙ୍କର ଅସୀମ ମହତ୍ତ୍ୱକୁ। ମାଆ ଅଛନ୍ତି ବୋଲି ଆମେ ଅଛୁ। ତାଙ୍କର ଭଲପାଇବା ଅଛି ବୋଲି ଜୀବନ ଏତେ ସୁନ୍ଦର। ଏହି ସତ୍ୟକୁ ବୁଝିବା ଓ ତାଙ୍କୁ ସମ୍ମାନ କରିବା ହେଉଛି ଆମର ସବୁଠାରୁ ବଡ଼ କର୍ତ୍ତବ୍ୟ।

# ମାଆ ସ୍ନେହ ମମତାର ଫର୍ଦ୍ଦଟିଏ



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳସାହି, କଟକ
ଦୂରଭାଷ : ୭୮୪୬୯୨୧୪୦୦
Mail: meerabeura74@gmail.com

ମାତୃଦିବସ ପ୍ରଥମେ ଆମେରିକାରେ ପାଳନ କରାଯାଇଥିଲା। ଆନ୍ନା କାରଭିସ୍ ନାମକ ଜଣେ ମହିଳା ପ୍ରଥମେ ତାଙ୍କ ମା'ଙ୍କ ସ୍ମୃତି ସ୍ମାରକ ସ୍ୱରୂପ, ମା'ଙ୍କ ଶେଷଇଚ୍ଛା ଅନୁସାରେ ଏହି ମାତୃଦିବସ ପାଳନ ଆରମ୍ଭ କରିଥିଲେ। ଏହିପରି ଶ୍ରଦ୍ଧାଞ୍ଜଳି ସେ ତାଙ୍କ ମା'ଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଦେଇଥିଲେ। ଏହାପରେ ସବୁ ମା'ମାନଙ୍କ ପାଇଁ ଜାତୀୟ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଛୁଟିଦିବସରେ ମାତୃଦିବସ ପାଳନ କରିବାକୁ ଚାହିଁଲେ। ତାଙ୍କର ଅନୁରୋଧ ପରେ ୧୯୪୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଚୁକ୍ତି ସ୍ୱାକ୍ଷରିତ ହେଲା। ଏହି ଚୁକ୍ତି ଅନୁସାରେ ସେହିଦିନଠାରୁ ପ୍ରତିବର୍ଷ ମେ' ମାସରେ ଦ୍ୱିତୀୟ ରବିବାର ଦିନଟିକୁ ମାତୃଦିବସ ରୂପେ ପାଳନ କରାଗଲା।

ଏ ସୃଷ୍ଟିରେ ଯେତେ ସ୍ୱର ଝଙ୍କୃତ ହୁଏ ସବୁଠୁ ସୁନ୍ଦର ସୁର ହେଉଛି ମା' ଡାକର ସ୍ୱର। ସେ ପୁଣି ଅମୃତମୟ ସତ୍ତାଟିଏ। ତ୍ୟାଗ, ତିତିକ୍ଷା, ଭଲପାଇବା ଏବଂ ପ୍ରେମର ପ୍ରତିମୂର୍ତ୍ତିଟିଏ। ନିଜ ଜୀବନକୁ ଯିଏ ମୃତ୍ୟୁ ମୁହଁକୁ ଠେଲିଦେଇ ସନ୍ତାନଙ୍କୁ ଶତ୍ରୁ ଆକ୍ରମଣରୁ ରକ୍ଷା କରେ ଏବଂ ଆରୋଗ୍ୟ କାମନା କରେ ସେ ହେଉଛି ମାଆ। ସତରେ ମା' ସ୍ନେହ, ପ୍ରେମ, ତ୍ୟାଗ, ମମତା, ଅହିଂସା, ପ୍ରୀତିର ଛଳଛଳ ଜୀବନ୍ତ ମୂର୍ତ୍ତିଟିଏ। ସବୁ ହଳାହଳ ବିଷକୁ ହଜମ କରି ଲୁହକୁ ଲୁଚାଇ ଦେଇ ଆଖିରେ ଯିଏ ଆନନ୍ଦର ଅଶ୍ରୁ ଆଣେ ସେ ମାଆ। ତା'ର ପ୍ରେମ ସାଗର ଠାରୁ ଆହୁରି ଗଭୀର, ଫୁଲଠାରୁ ଆହୁରି କୋମଳ, ଜହ୍ନଠାରୁ ଆହୁରି ଶୀତଳ ପୁଣି ଅଗ୍ନିଠାରୁ ଆହୁରି ତେଜସ୍ୱିନୀ, ଶକ୍ତିଶାଳୀ। ସେଥିପାଇଁ ମାଆ 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ'। ପ୍ରତ୍ୟେକ ସନ୍ତାନର ପ୍ରଥମ ପରିଚୟ ହେଉଛି ମା'ର ଛାତି। ଯେଉଁ ମାତୃସ୍ତନରୁ ଶିଶୁ ଅମୃତ ପାନ କରି ବଡ଼ ମଣିଷ ହୁଏ, ସମାଜ ତଥା ରାଷ୍ଟ୍ର ବିକାଶର ଶ୍ରେଷ୍ଠ ସାଧନ ହୁଏ। ତାର ପ୍ରେମରେ ନଥାଏ ଛଳନା। ଥାଏ ନିସ୍ୱାର୍ଥପର, ଅନାବିଳ ପ୍ରେମ, ସ୍ନେହ, ଶ୍ରଦ୍ଧା ଏବଂ ପ୍ରୀତିର ଅମୃତ ଧାରା। ବେଦ ମଧ୍ୟ ଏହା ସ୍ୱୀକାର କରେ ଯେ ମା' ହେଉଛି ରାଷ୍ଟ୍ରର ଧ୍ୱଜା। ସେ ରାଷ୍ଟ୍ର ନିର୍ମାଣକାରୀ। ତା'ର ଚରଣରେ ଥାଏ ସକଳ ତୀର୍ଥ।

ଏ ସଂସାରରେ ସେ ହିଁ ସବୁଠାରୁ ସୁଖୀ ଯା'ର ମୁଣ୍ଡ ଉପରେ ମା'ର ଲମ୍ବାପଣତ ଥାଏ। ଆଉ ଯିଏ ଯେତେ ସୁଖ, ସମୃଦ୍ଧି, ଧନଧାନ୍ୟରେ ତାର ରାଜକୋଷ ପୂର୍ଣ୍ଣ କଲେ ମଧ୍ୟ ଯଦି ମା' ପ୍ରତିହିଂସା, ବର୍ବରତା, ନିର୍ଯାତନା ଦେଇ ତାକୁ ଉପେକ୍ଷା କରେ ସେ କେବେ ସୁଖୀ ହୋଇପାରେନା। ଏ ସଂସାରରେ କୁପୁତ୍ର ଦେଖାଯାଆନ୍ତି ହେଲେ କୁମାତା କେବେବି ଦେଖାଯାଆନ୍ତି ନାହିଁ। ମା' ନିଜ ଶରୀରର ରକ୍ତ, ମାଂସରୁ ସୃଷ୍ଟି କରେ ସନ୍ତାନ ପୁଣି ସେହି ସନ୍ତାନ ପାଇଁ ଜୀବନର ସମସ୍ତ ସୁଖକୁ ଜଳାଞ୍ଜଳି ଦେଇ ସେହି ସନ୍ତାନର ପରିଚୟରେ ପରିଚିତ ହୋଇ ଆତ୍ମଗର୍ବ କରେ।

ଥରେ ଜ୍ଞାନପୀଠ ପୁରସ୍କାର ବିଜେତା ସ୍ୱର୍ଗତଃ ଗୋପୀନାଥ ମହାନ୍ତି କହିଥିଲେ ମାଆ ଗୋଟିଏ; କିନ୍ତୁ ତା'ର ନାମ ଅନେକ, ରୂପ ମଧ୍ୟ ଅନେକ। ସେ ଜନ୍ମ ଦିଏ ବୋଲି ଜନନୀ, ତା' ଦ୍ୱାରା ଅଙ୍ଗପ୍ରତ୍ୟେଙ୍ଗର ପୁଷ୍ଟି ସାଧନ ହୁଏ ବୋଲି ସେ ଅମ୍ବା, ସେ ବୀରପୁତ୍ରକୁ ଜନ୍ମଦିଏ ବୋଲି ସେ ବୀରପ୍ରସବିନୀ। ସେ ହିଁ ଦୁଃଖର ସାନ୍ତ୍ୱନା, ହତାଶାର ଆଶା, ଦୁର୍ବଳର ବଳ, ଅସୁରକ୍ଷିତ ବ୍ୟକ୍ତିର ସୁରକ୍ଷାର ବଳୟ। ଶାନ୍ତି, ମୈତ୍ରୀ, ପ୍ରୀତିର ଗନ୍ତାଘର। ଆଜି ଯାହାକୁ ନେଇ ଏ ରାଷ୍ଟ୍ର ଏ ଜାତି ଗର୍ବ କରୁଛି। ଯେମିତିକି ମହାତ୍ମା ଗାନ୍ଧୀ, ମଦର ଟେରେସା, ସ୍ୱାମୀ ବିବେକାନନ୍ଦ, ଲାଲବାହାଦୂର ଶାସ୍ତ୍ରୀ, ନେତାଜୀ, ବୈଜ୍ଞାନିକ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମ, ଗୋପବନ୍ଧୁ ସମସ୍ତେ ଏହି ମାତୃଗର୍ଭରୁ ସୃଷ୍ଟି। ଯେଉଁ ଦେଶର ମା' ଯେତେ ମହାନ୍, ସେ ଜାତି ସେତିକି ମହାନ୍। ଏହି କଥାକୁ କହିବାର ତାତ୍ପର୍ଯ୍ୟ ହେଉଛି ଥରେ ଫ୍ରାନ୍ସ ବୀର ନେପୋଲିଅନ୍ ମଧ୍ୟ କହିଥିଲେ- ମୋତେ ଭଲ ମା'ଟିଏ ଦିଅ ମୁଁ ତୁମକୁ ଭଲ ରାଷ୍ଟ୍ରଟିଏ ଦେବି। ଆଜି ଆଧୁନିକ ମଣିଷ ଜଗତିକରଣ, ପାଶ୍ଚାତ୍ୟକରଣ ସହରୀକରଣର ଆଳଦେଖାଇ ବସ୍ତୁବାଦୀ ମୋହରେ ଅଧିକ ଅର୍ଥ, ପ୍ରତିଷ୍ଠା ପଛରେ ଧାଇଁ ନୈତିକତାକୁ ହରାଇ ମାଆ ପ୍ରତି ସମ୍ମାନ ରହିବା ତ ଦୂରର କଥା ବରଂ ଏହି ଆଧୁନିକ ସମାଜରେ ମା'ର ଶେଷ ଠିକଣା ଜରାଶ୍ରମକୁ ବାଛିଚନ୍ତି।

ଯେଉଁ ମା' ସନ୍ତାନକୁ ଭ୍ରୁଣରୁ ତିନି, ଚାରି କେଜି ଓଜନର ପୂର୍ଣ୍ଣାଙ୍ଗ ସନ୍ତାନରେ ପରିଣତ ହେବା ପର୍ଯ୍ୟନ୍ତ ପେଟରେ ବୋହି ସବୁ କାର୍ଯ୍ୟ କରିପାରୁଥିଲା ସେହି ମାଆ ଆଜି କିଛି ସ୍ୱାର୍ଥଲୋଭୀ, ଅହଂକାରୀ ଅଜ୍ଞାନ ମୋହରେ ପଡ଼ିଥିବା ସଂାନମାନଙ୍କ ପାଇଁ ବୋଝେ ପାଲଟି ଯାଇଛି। ଏହା ଆମେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବା ଯେ ଯେଉଁ ସମାଜରେ ମା' ଅବହେଳିତ, ଅସହାୟ, ଅପମାନିତ, ଲାଞ୍ଛିତ, ନିର୍ଯାତିତ ସେ ସମାଜର ପ୍ରଗତି ତଥା ବିକାଶ ଅସମ୍ଭବ।

ମାତା କୌଶଲ୍ୟା, ମାତା କୁନ୍ତି, ମା ଗାନ୍ଧାରୀ, ମା ଯଶୋଦା, ମା' ପୁତୁଲିବାଇ, ମା ଜିଜାବାଇ, ମା' ମଦର ଟେରେସା, ମା' ପ୍ରଭାବତୀ ଦେବୀ, ମା' ରମାଦେବୀ, ମା' ସରଳାଦେବୀ, ମା' କସ୍ତୁରବାଗାନ୍ଧୀଙ୍କ ପାଇଁ ଆଜି ମଧ୍ୟ ଏ ଜାତି ଗର୍ବ କରୁଛି। ଯେଉଁ ଅମୂଲ୍ୟ ରତ୍ନ ସ୍ୱରୂପ ସନ୍ତାନ ସୃଷ୍ଟି କରିଥିଲେ ସେହି ଅମ୍ଳାନ କାଳଜୟୀ ସନ୍ତାନଙ୍କୁ ନେଇ ଆଜି ରାଷ୍ଟ୍ର ସମଗ୍ର ବିଶ୍ୱରେ ଗର୍ବିତ। ମାତୃଶକ୍ତି ବିନା ସମାଜ ତଥା ଏ ରାଷ୍ଟ୍ରର ବିକାଶ ସମ୍ଭବ ନୁହେଁ। ମା'ର ପଣତରେ ସବୁବେଳେ ଲେଖାଥାଏ- ଶାନ୍ତି, ମୈତ୍ରୀ ଓ ପ୍ରୀତିର ସ୍ୱାକ୍ଷର। ବିଶ୍ୱାସର ମେରୁଦଣ୍ଡ ଏବଂ ପ୍ରଗତିର ପ୍ରତୀକ ମାଆ। ସେ ମା'କୁ ଉପଯୁକ୍ତ ସମ୍ମାନ ଦେଇ ଶୃଙ୍ଖଳିତ ହୋଇ ଆମେ ଯଦି ସମଗ୍ର ବିଶ୍ୱକଲ୍ୟାଣ ପାଇଁ କାର୍ଯ୍ୟ କରି ଦେଶକୁ ପ୍ରଗତି ପଥରେ ଆଗେଇ ନେବା ତେବେ ତାହାହେବ ମାତୃ ଦିବସ ପାଳନ କରିବାର ପ୍ରକୃତ ଯଥାର୍ଥତା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## ପୋଲିସ ପକ୍ଷରୁ ସାଇବର ସଚେତନ କାର୍ଯ୍ୟକ୍ରମ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ପୋଲିସ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା 'କୁଭେଣ୍ଟିକ' ସାଇବର ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ଧର୍ମଶାଳା ଥାନା ପରିସରେ ଶୁକ୍ରବାର ଅପରାହ୍ନରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ଯୋଗଦେଇ ଉପସ୍ଥିତ କିଶୋର କିଶୋରୀ ମାନଙ୍କୁ ସାଇବର ସୁରକ୍ଷା, ଆତ୍ମବିଶ୍ୱାସ ବୃଦ୍ଧି, ସାମାଜିକ ସୁରକ୍ଷା ପାଇଁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଏସ୍ଆଇ ସଂଯୁକ୍ତା ବେହେରା, ଅରୁଣିମା ମହାପାତ୍ର, ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ, ସାମ୍ବାଦିକ ଓ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ନଦୀ ଶଯ୍ୟାରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ:ବିପୁଳ ରାଜସ୍ୱ କ୍ଷତି

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**



ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଉଣ୍ଡରୁକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏମ୍ଭି-୫୭ ଗ୍ରାମ୍ ନିକଟରେ ଥିବା ନଦୀ ଶଯ୍ୟାରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ ହେଉଛି । ପ୍ରଶାସନର ଆଖିରେ ଧୂଳି ଦେଇ ନାକ ତଳେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ବାଲି ଚୋରା ଚାଲାଣ । ନଦୀରୁ ଦିନ ଦ୍ୱିପ୍ରହରରେ ମେସିନ୍ ସାହାଯ୍ୟରେ ବେଆଇନ୍ ଭାବେ ବାଲି ଉତ୍ତୋଳନ କରାଯାଉଥିବା ବେଳେ ନଦୀର ଅସ୍ତିତ୍ୱ ଏବେ ସଙ୍କଟରେ । ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ବେଆଇନ୍ ଭାବେ ମାଫିଆମାନେ ନଦୀରୁ ବାଲି ଉଠାଇ ସୁରକ୍ଷିତ ଭାବେ ରଖିବା ପାଇଁ ନଦୀ ନିକଟରେ ଥିବା ବିଭିନ୍ନ ନିଛାଟିଆ ସ୍ଥାନ ଏବଂ ଏମ୍ଭି-୫୭ ଗ୍ରାମ ନିକଟରେ ଗଛିତ କରିଥିବା ବେଳେ ସୁଯୋଗ ଦେଖି ରାତି ଅଧରେ ହାଇୱା କିମ୍ବା ଟ୍ରାକ୍ଟର ମାଧ୍ୟମରେ ଚାଲାଣ କରାଯାଉଥିବା ଜଣାପଡ଼ିଛି । ସୂଚନା ମୁତାବକ, ଏହି ବାଲି କେବଳ ସ୍ଥାନୀୟ ଅଞ୍ଚଳରେ ନୁହେଁ, ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରା ଚାଲାଣ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ବାଲି ଟ୍ରାକ୍ଟର ଟ୍ରିପ୍ ପିଛା ୩୫୦୦ ରୁ ୪୦୦୦ରେ ବିକ୍ରି ହେଉଥିବା ବେଳେ ଅଞ୍ଚଳ ବାହାରେ ୫୦୦୦ ରୁ ୫୫୦୦ ଟଙ୍କା ମିଳୁଥିବାରୁ ଏହି ବ୍ୟବସାୟ ବଢ଼ିବାରେ ଲାଗିଛି । ଯାହାକି ମାଫିଆଙ୍କ ସାହସକୁ ସ୍ପଷ୍ଟ କରୁଥିବା ବେଳେ ବେଆଇନ୍ ଭାବେ ବାଲି ଉଠାଯାଉଥିବାରୁ ଜଳ ସଂରକ୍ଷଣ ଓ ପରିବେଶ ଉପରେ ଏହାର ଗଭୀର ପ୍ରଭାବ ପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏତେ ବଡ଼ ଦୁର୍ନୀତି ଚାଲିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ କିମ୍ବା ରାଜସ୍ୱ ବିଭାଗ କାହିଁକି ଚୁପ୍ ରହିଛି, ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟ ସରକାର ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ କଡ଼ା ନିୟମ କରିଥିବା ବେଳେ, କେଉଁ ଆଧାରରେ ଏହି କାରବାର ଚାଲିଛି ତାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ । ତୁରନ୍ତ ଏହି ବେଆଇନ୍ ବାଲି ଜବତ କରାଯିବା ସହ ସଂପୃକ୍ତ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ସମୟ ସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ କଣ୍ଟାମାଳ ବ୍ଲକର ଘିକୁଣ୍ଡି ଏବଂ ଗୁଡଭେଲିପଦର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରିବା ସହିତ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ପରିଦର୍ଶନ ସମୟରେ ବିଜିବିଓ ପ୍ରକଳ୍ପ, ହାତିପାଲି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଗ୍ରାମବାସୀ ମାନଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ବୋର୍‌ୱେଲ୍ ସୁବିଧା, ଚେକ୍ ଡ୍ୟାମ୍ ନିର୍ମାଣ ଏବଂ ବିଭିନ୍ନ ସଡ଼କ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅବସ୍ଥା ସମୀକ୍ଷା କରିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପଚାରି ବୁଝିଥିଲେ। ସେମାନଙ୍କୁ ଶୀଘ୍ର ଆବାସ ଗୃହ ନିର୍ମାଣ କରି ଅତିରିକ୍ତ ପ୍ରୋତ୍ସାହନ ରାଶି ଲାଭ କରିବା ପାଇଁ ଉତ୍ସାହିତ କରିଥିଲେ । ରାସ୍ତା ପାର୍ଶ୍ୱର ଜଳଛତ୍ର ପରିଦର୍ଶନ କରି ବାଟୋଇ ମାନଙ୍କୁ ପାନୀୟ ଜଳ ଯୋଗାଣ ସୁବିଧା ଦେଖିଥିଲେ। ଏହାପରେ ଜିଲ୍ଲାପାଳ ଗୁଡ଼ଭେଲିପଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ସ୍ଥଳୀ ପରିଦର୍ଶନ କରି କାମର ପ୍ରଗତି ଦେଖିଥିଲେ । ଜିଲ୍ଲାପାଳ ସମସ୍ତ ଉନ୍ନୟନ କାର୍ଯ୍ୟର ଗୁଣବତ୍ତା ଓ ସମୟୋପଯୋଗୀ ସମାପ୍ତିକୁ ଗୁରୁତ୍ୱ ଦେଇ, ସମସ୍ତ ଯୋଜନା ଠିକ୍ ସମୟ ମଧ୍ୟରେ ଶେଷ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଉଁଶୁଣୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାରେ ଥଣ୍ଡା ପାନୀୟ ଜଳ ମିଳୁଛି ନା ନାହିଁ ଦେଖିଥିଲେ । ଏହା ସହିତ ରୋଗୀ ମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ମିଳୁଥିବା ଚିକିତ୍ସା ସହାୟତା ବିଷୟରେ ପଚାରି ବୁଝିଥିଲେ । ଏହି ଗସ୍ତ ସମୟରେ କଣ୍ଟାମାଳ ବିଡିଓ ସାମ୍ପି ରେଡ୍ଡୀ ଜୟଶ୍ରୀ ଏବଂ ଯନ୍ତ୍ରୀ ତଥା ବ୍ଲକ ଓ ପଞ୍ଚାୟତର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## 'ହେନେରୀ ଡୁରାଣ୍ଟଙ୍କ ଜୀବନାଦର୍ଶ ମାନବ କଲ୍ୟାଣର ମାର୍ଗଦର୍ଶକ ସାଜିଛି'



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ଼କ୍ରସ୍ ଦିବସ ଜିଲ୍ଲା ରେଡ଼କ୍ରସ୍ ସଂସ୍ଥା କେନ୍ଦୁଝର ଓ ଯୁବ ରେଡ଼କ୍ରସ୍ ୟୁନିଟ୍ ଧରଣୀଧର ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ କୁଳସଚିବ ପ୍ରତିଭା ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଏମର୍ଜେନ୍ସି ଅଫିସର ଅଭିଳାଷ ପୁରୋହିତ, ସମାଜସେବୀ ଧରିତ୍ରୀ ରାଉତ, ସିପିଜିସି ଡ଼ିଡ଼ି ବିଶ୍ୱବିଦ୍ୟାଳୟ ପ୍ରଭୁପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଜିଲ୍ଲା ରେଡ଼କ୍ରସ୍ ଏ.ଆର୍ ଖାନ୍ ଅନ୍ୟତମ ଅତିଥିଭାବେ ଯୋଗଦେଇ ହେନେରୀ ଡୁରାଣ୍ଟଙ୍କ ଜୀବନାଦର୍ଶ, କାର୍ଯ୍ୟଧାରାର ବିସ୍ତୃତ ବ୍ୟାଖ୍ୟା କରିବା ସହିତ କିପରି ଏହା ମାନବଜାତିର କଲ୍ୟାଣ ପାଇଁ ମାର୍ଗଦର୍ଶକ ହୋଇପାରିଛି ପ୍ରକାଶ କରିଥିଲେ। ଜିଲ୍ଲା ଯୁବ ରେଡ଼କ୍ରସ୍ ସଂଯୋଜିକା ଡ଼ଃ ମମତା ମଞ୍ଜରୀ ପଣ୍ଡା ସ୍ୱାଗତ ଭାଷଣ ଦେବା ସହିତ ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସୁଶ୍ରୀ ଆୟୁଷି କର ଉତ୍ସବ ସଞ୍ଚାଳନ କରିଥିବାବେଳେ ଯୁବ ରେଡ଼କ୍ରସ୍ କାଉନ୍‌ସିଲର ଶୁକଦେବ ତିରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଅତିଥି ବୃନ୍ଦ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ, କନିଷ୍ଠ ରେଡ଼କ୍ରସ୍ କାଉନ୍‌ସିଲର ମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରଥିଲେ, ଯୁବରେଡ଼କ୍ରସ୍ ପକ୍ଷରୁ ଏକ ଜଳଛତ୍ର ଲୋକାର୍ପଣ କରାଯିବା ପରେ ଅତିଥି ବୃନ୍ଦ ଜିଲ୍ଲାକାରାଗାରରେ ଅନ୍ତେବାସୀଙ୍କ ନିମନ୍ତେ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ପରିଦର୍ଶନ କରିଥିଲେ, ଶତାଧିକ ଅନ୍ତେବାସୀଙ୍କ ହୃଦ ସମସ୍ୟା, ଇସିଜି ଟେଷ୍ଟ, ବ୍ଲଡ଼ ସୁଗାର, ବ୍ଲଡ଼ ପ୍ରେସର, ଦନ୍ତ ପରୀକ୍ଷା, ଓଜନ ପରୀକ୍ଷା ଇତ୍ୟାଦି ହୃଦୟ ବିଶେଷଜ୍ଞ ଡାକ୍ତର ରଶ୍ମିକାନ୍ତ ମହାନ୍ତ, ଦନ୍ତ ବିଶେଷଜ୍ଞ ଡାକ୍ତର ସଂଜୀବ ଓତା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭେଷଜ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇ ନିଦାନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଧରଣୀଧର ବିଶ୍ୱ ବିଦ୍ୟାଳୟ ଅଧ୍ୟାପିକା ଡ଼ଃ ଅରୁନ୍ଧତୀ ଓଝା, ଡ଼ଃ ସୁମନ୍ତ ନାଏକଙ୍କ ସକ୍ରିୟ ସହଯୋଗରେ ଉତ୍ସବଟି ଆକର୍ଷଣୀୟ ହୋଇପାରିଥିଲା।

## ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡ଼ିଶା ହାକାଥନ ୩.୦ ଉତ୍ସବ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜାତସିଂହପୁର ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡ଼ିଶା ହାକାଥନ ୩.୦ ଉତ୍ସବ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧୀକାରୀ ଡ଼ ସୁଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ମୁଖ୍ୟ ଅତିଥି,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଲକ୍ଷେହୀରା ଲାବନ୍ୟବତୀ ବେହେରା, ଆଇ.ଆଇ.ଟି ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ଶୁଭଙ୍କର ପତି, ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଫେସର ସରୋଜ କୁମାର ସାହୁ, ଜଗତସିଂହପୁର ପଲିଟେକ୍ନିକ୍‌ର ଅଧ୍ୟାପକ ସୌମ୍ୟ ପ୍ରକାଶ ସୂତାର ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ବିଜ୍ଞାନ ଶିକ୍ଷକ ପଦରଜ ଉମାକାନ୍ତ ନାୟକ ଓଡ଼ିଶାର ବଡ ସୃଜନଶୀଳତା ଉତ୍ସବ ହାକାଥନ ୩.୦ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଅପରାହ୍ନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ପ୍ରଧାନ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲକ୍ଷବନ୍ୟବତୀ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଉଭୟ ଅଧିବେଶନରେ ଅତିଥିପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ଅଲଣାହାଟ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର । ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ୨୫ଟି ପ୍ରକଳ୍ପରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୫୦ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କର ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ । ସାରଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସତ୍ୟଜିତ ସାହୁ, ଗୋବିନ୍ଦ ନାରାୟଣ ଗିରିଙ୍କ ପ୍ରକଳ୍ପ 'ଏମିସନ କଣ୍ଟ୍ରୋଲ ସିଷ୍ଟମ' ପ୍ରଥମ, ହରିଶପୁର ବଳଦେବଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୋରିକିନାର ଛାତ୍ରୀ ରୁକେୟା ତବସମଙ୍କ ପ୍ରକଳ୍ପ 'ୱେଷ୍ଟ ମ୍ୟାନେଜମେଣ୍ଟ ବାଏ ଏ ସ୍ମାର୍ଟ ଡଷ୍ଟବିନ' ଦ୍ୱିତୀୟ, ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସମ୍ପୂର୍ଣ୍ଣା ପଟ୍ଟନାୟକଙ୍କ 'ୱେଷ୍ଟ ମ୍ୟାନେଜମେଣ୍ଟ' ପ୍ରକଳ୍ପ ତୃତୀୟ ସ୍ଥାନ ଏବଂ ପଞ୍ଚାୟତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ପ୍ରକଳ୍ପ 'ଆଧୁନିକ କୃଷି ପ୍ରଣାଳୀ ଓ ତାହାର ସମସ୍ୟା' ଚତୁର୍ଥ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲା । ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଅତିଥିଙ୍କ ଠାରୁ ୨୦,୦୦୦, ୧୫,୦୦୦ ଏବଂ ୧୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର, ପ୍ରମାଣ ପତ୍ର ଗ୍ରହଣ କରିଥିଲେ । ସୁପ୍ରିୟା ପ୍ରିୟଦର୍ଶିନୀ, ସସ୍ମିତା ଶତପଥି, ତ୍ରିନାଥ ରାଉତ, ବାବା ଆଶ୍ରିତ ସାମନ୍ତରାୟ, ନରେନ୍ଦ୍ର କୁମାର ବେହେରା, ସୁମିତ୍ରା ମଲ୍ଲିକ, ଦିଲ୍ଲିପ କୁମାର ବାଗ ପ୍ରଭୃତି ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀମାନେ ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ଯୁବ ସମାଜସେବୀଙ୍କ ଅକାଳ ବିୟୋଗରେ ଶୋକ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଆଜି ଏକ ଅପୂରଣୀୟ କ୍ଷତି ସହିଛି ଜି ଗୋଲଡ ସ୍ମିଥ୍ ଅବସର ପ୍ରାପ୍ତ ନୌସେନା କର୍ମଚାରୀଙ୍କ ମାତ୍ର ୩୬ ବର୍ଷ ବୟସରେ ହୃଦଘାତରେ ମୃତ୍ୟୁ ହୋଇଛି। ଭାରତୀୟ ନୌସେନାରୁ ଅବସର ନେବା ପରେ ସେ ସ୍ଥାନୀୟ ଅଞ୍ଚଳର ଯୁବ ଗୋଷ୍ଠି ସେନା ବାହିନୀରେ ଚୟନ ହେବା ପାଇଁ ତାଲିମ୍ ଦେଇ ଚର୍ଚ୍ଚାରେ ଥିଲେ। ସ୍ୱର୍ଗତ ଜି. ରାଜୁଲଙ୍କ ପୁଅ ଜି. ଗୋଲ୍ଡ ସ୍ମିଥ୍ ଉମରକୋଟ ଡିଏନକେରେ ରହୁଥିଲେ ଜଣେ ଅବସରପ୍ରାପ୍ତ ନୌସେନା କର୍ମଚାରୀ ସେ କିଛି ବର୍ଷ ପୂର୍ବେ ଅବସର ନେବାର ପରେ ନିଜ ଜନ୍ମମାଟି ଉମରକୋଟ ସହରକୁ ଆସି କିଛି ନୂଆ କରିବାର ସ୍ୱପ୍ନ ଥିଲା, ଆଉ ସେ ଏହି ଉପାନ୍ତ ଅଞ୍ଚଳର ଯୁବକ ଯୁବତୀ ମାନଙ୍କୁ ପ୍ରଶିକ୍ଷଣ ଦେଇ ଦେଶ ସେବାରେ ନିୟୋଜିତ କରାଇବା ପାଇଁ ନିଜ ଖର୍ଚ୍ଚରେ ଏକ ଅତ୍ୟାଧୁନିକ ସ୍ୱିମିଙ୍ଗ ପୁଲ୍ ନିର୍ମାଣ ସହ ସେନା ବାହିନୀରେ ଭର୍ତ୍ତି ହେବା ପାଇଁ ଶାରୀରିକ ଓ ମାନସିକ ଭାବେ କିପରି ପ୍ରସ୍ତୁତ ହେବ ତାହାର ପ୍ରଶିକ୍ଷଣ ଦେଉଥିଲେ । କିଛି ଯୁବକ ଯୁବତୀ ପ୍ରଶିକ୍ଷଣ ନେବାପରେ ଚାକିରି ମଧ୍ୟ କରିଥିଲେ । ଏହା ସହ ସ୍ଥାନୀୟ ଅଞ୍ଚଳରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଆସିଥିଲା ଅତ୍ୟନ୍ତ ମେଳାପୀ ଓ ଶାନ୍ତ ସ୍ୱଭାବ ଯୋଗୁ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଥିଲେ । କିଛି ଦିନ ପୂର୍ବେ ଦେହ ଅସୁସ୍ଥ ହେବାରୁ ବିଶାଖାପାଟଣା ମେଡିକାଲ୍ ଯାଇଥିଲେ ସେହିଠାରେ ମୃତ୍ୟୁବରଣ କରିଥିଲେ । ଅନ୍ତିମ ସମୟରେ ପାଖରେ ଜ୍ୱାଇଁ, ସ୍ତ୍ରୀ, ଶଳା ଥିବାବେଳେ । ସ୍ମିଥଙ୍କ ଦେହାନ୍ତ ଖବର ଶୁଣି ଉମରକୋଟ ସହର ଠାରେ ଶୋକରେ ଛାୟା ଖେଳିଯାଇଛି । ବିଶାଖାପାଟଣା ଠାରୁ ଘରକୁ ଆଣିବା ପରେ ଶୁକ୍ରବାର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

## ସହଯୋଗ ଭିତ୍ତିରେ ମହାବିଦ୍ୟାଳୟର ବିକାଶ ସମ୍ଭବ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର କଲେଜ ନାମଲେଖା ବିଭାଗ ତରଫରୁ କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଏବଂ ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ଡ. ଦୀପକ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଅର୍ପଣ କରଯାଇଛି । ନାମଲେଖା ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ତରଫରୁ ଅଧ୍ୟକ୍ଷା ଶ୍ରୀମତୀ ରାଉତରାୟ ଓ ପ୍ରାଧ୍ୟାପକ ଡ. ମହାନ୍ତିଙ୍କୁ ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତଙ୍କ ସହଯୋଗ ପାଇଁ କଲେଜର ନବ କଳେବର ସମ୍ଭବ ହୋଇପାରିଛି ବୋଲି ଶ୍ରୀମତୀ ରାଉତରାୟ ପ୍ରକାଶ କରି କଲେଜର ସାମୁହିକ ବିକାଶ ପାଇଁ ସମସ୍ତେ ଏକତାବଦ୍ଧ ଭାବେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ । ପ୍ରଶାସନିକ ଅଧିକାରୀ ଡଃ ହରପ୍ରିୟା ମହାପାତ୍ର, ଅଧ୍ୟାପକ ଯୁକ୍ତେଶ୍ୱର ଦାସ, ଡ. ଦୀପକ କୁମାର ବେହେରା, ସନ୍ଦୀପ ସାମଲ, ଦୀପକ ଦାସ, ଆରଣ୍ୟକ ରାଉତରାୟ, ପ୍ରତାପ ଘଡ଼େଇ, ରାତିକାନ୍ତ ସ୍ୱାଇଁ, ଅଶୋକ କୁମାର ଦାସ, ସୂର୍ଯ୍ୟକାନ୍ତ ସାହୁ, ପରେଶ ବେଉରା, ସଂଗୀତା ମହାପାତ୍ର, ଇଂ ଭବାନୀ ପ୍ରିୟଦର୍ଶୀ ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ । ଅଧ୍ୟାପିକା ଶିକ୍ଷାଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



## ହାଇସ୍କୁଲ୍ ଖେଳ ପଡିଆ କାମ କରିବାକୁ ଗ୍ରାମବାସୀଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତ ହୁରାସାହି ଗ୍ରାମରେ ଥିବା ହୁରାସାହି ହାଇସ୍କୁଲର ଖେଳ ପଡିଆର କାମ ସମ୍ପୂର୍ଣ୍ଣ କରିବାକୁ ହୁରାସାହି ଦୁର୍ଗାପୂଜା କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହାଇସ୍କୁଲ୍ ପଡିଆ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏବଂ ବିଭିନ୍ନ ଶାରୀରିକ ପରୀକ୍ଷା, କ୍ରୀଡା ଓ ନିଯୁକ୍ତି ପ୍ରସ୍ତୁତି କରୁଥିବା ଯୁବକମାନଙ୍କ ପାଇଁ ଏହା ଗୋଟିଏ ଖେଳ ପଡିଆ ଅଛି। ଖେଳ ପଡିଆଟି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଛାତ୍ରଛାତ୍ରୀମାନେ ଖେଳକୁଦ କରିପାରୁନାହାଁନ୍ତି। ଏହାକୁ ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ନିଜ ଚେଷ୍ଟାରେ ସମତଳ କରିବା ପାଇଁ ବାଲି ମାଟି ପକାଇଥିଲେ। ମାତ୍ର ଅଧିକ ବାଲି ମାଟି ପକାଇବା ପାଇଁ ଆବଶ୍ୟକ ଥିବାରୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ସହଯୋଗ କାମନା କରି ୮ ଦିନ ଭିତରେ ଅନୁମତି ପ୍ରଦାନ କଲେ ଗ୍ରାମବାସୀ ଅବଶିଷ୍ଟ ସମତଳ କରିବା କାମ କରିପାରିବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କମିଟିର ସମ୍ପାଦକ ରଘୁନାଥ ବସନ୍ତିଆ, ସଭାପତି କୈଳାସ ବିହାରୀ ମନ୍ତ୍ରୀ, ଯୁଧିଷ୍ଠିର ସ୍ୱାଇଁ, ବଂଶୀଧର ସାହୁ, ସୁନାକର ବିଶ୍ୱାଳ, ରଘୁନାଥ ରାଉତ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଶିଶିରକାନ୍ତ ସେଠୀ, ରତ୍ନାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରେଡ଼କ୍ରସ୍ କେବଳ ଏକ ସଂଗଠନ ନୁହେଁ, ଏହା ମାନବତାର ପ୍ରତୀକ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡ଼କ୍ରସ୍ ଶାଖା ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ଼କ୍ରସ୍ ଦିବସ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଜିଲ୍ଲା ରେଡକ୍ରସ ଶାଖା ଅମ୍ବର କୁମାର କର ମାନବ ସେବା, ସହାନୁଭୂତି ଓ ସ୍ୱେଚ୍ଛାସେବାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଲେ ରେଡକ୍ରସ୍ କେବଳ ଏକ ସଂଗଠନ ନୁହେଁ, ଏହା ମାନବତାର ପ୍ରତୀକ । ଦୁର୍ଯ୍ୟୋଗ, ରକ୍ତଦାନ, ସ୍ୱାସ୍ଥ୍ୟ ସଚେତନତା ଓ ସେବା କ୍ଷେତ୍ରରେ ରେଡକ୍ରସ୍‌ର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ବିରଳ ବ୍ଲଡ଼ ଗ୍ରୁପର ବ୍ଲଡକୁ ସଂରକ୍ଷଣ କରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ କହିଲେ ସମାଜର ଅସହାୟ ଓ ଦୁର୍ବଳ ବର୍ଗଙ୍କୁ ସହଯୋଗ କରିବା ହିଁ ରେଡକ୍ରସ୍‌ର ମୂଳ ଲକ୍ଷ୍ୟ । ଯୁବପିଢ଼ିଙ୍କୁ ଏହି ସେବା ମନୋଭାବରେ ସାମିଲ୍ କରିବା ଆବଶ୍ୟକ । ରକ୍ତଦାନ ଓ ସାମାଜିକ ସେବା ମାଧ୍ୟମରେ ରେଡକ୍ରସ୍ ଲୋକଙ୍କ ମନରେ ଏକ ବିଶ୍ୱାସର ପରିଚୟ ସୃଷ୍ଟି କରିଛି ବୋଲି ସେ ଆଶା ପ୍ରକାଶ କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ଜିଲ୍ଲା ରେଡକ୍ରସ୍ ସଂସ୍ଥା ଦ୍ୱାରା ଗୋଟିଏ ରକ୍ତ ଦାନ ଶିବିର କରାଯାଇ ୪୨ ୟୁନିଟ୍‌ର ରକ୍ତ ସଂଗ୍ରହ କରାଯାଇଥିଲା । ରେଡକ୍ରସ୍ ପାଣ୍ଠିରୁ ଉଚ୍ଚ ଶିକ୍ଷା, ନାମ ଲେଖାଇବା ନିମନ୍ତେ ଅର୍ଥ ରାଶି, ମେଡିକାଲ୍ ଶିକ୍ଷାର୍ଥୀଙ୍କ ନିମନ୍ତେ, ଆକସ୍ମିକ ଦୁର୍ଘଟଣା ତଥା ସଡ଼କ ଦୁର୍ଘଟଣା ଜନିତ ସମୟରେ ଆହତ ବ୍ୟକ୍ତି ଏବଂ ମୃତ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା, ଭିନ୍ନକ୍ଷମ ପିଲାମାନଙ୍କ ଖେଳିବା ନିମନ୍ତେ, ନିରାମୟ ଔଷଧ କେନ୍ଦ୍ରରେ ମହଜୁଦ ନଥିବା ଔଷଧ ବାହାରୁ କିଣି ରୋଗୀଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ରେଡକ୍ରସ୍ ପାଣ୍ଠି ତରଫରୁ ଯେଉଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ଅତିରିକ୍ତ ଜିଲ୍ଲାପାଳ ତାହାର ବିବରଣୀ ପାଠ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ୧,୦୯,୨୭,୩୭୮ ଟଙ୍କା ସଂଗ୍ରହ ହୋଇଥିବାବେଳେ ୨୮,୦୯,୨୦୦ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଶ୍ରୀ ନାଏକ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡକ୍ରସ୍‌ର ଜନକ ହେନେରି ଡ୍ୟୁନାଣ୍ଟଙ୍କ ବିଷୟରେ ବକ୍ତବ୍ୟ ରଖିବା ସହ କହିଲେ ଦୁର୍ବିପାକ ସମୟରେ ରେଡକ୍ରସ୍ ସ୍ୱେଚ୍ଛାସେବୀମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ସମାଜ ପାଇଁ ପ୍ରେରଣାଦାୟକ । ସେକ୍ରେଟାରୀ, ଜିଲ୍ଲା ରେଡକ୍ରସ୍ ବ୍ରାଞ୍ଚ କୁଳମଣୀ ନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ କହିଲେ ପ୍ରତିବର୍ଷ ମେ ୮ ତାରିଖରେ ମାନବତାର ପ୍ରତୀକ ଏବଂ ରେଡକ୍ରସ୍ ଆନ୍ଦୋଳନର ପ୍ରତିଷ୍ଠାତା ହେନ୍ରୀ ଡ୍ୟୁନାଣ୍ଟଙ୍କ ଜନ୍ମଦିନକୁ ସ୍ମରଣ କରି ବିଶ୍ୱ ରେଡକ୍ରସ୍ ଦିବସ ପାଳନ କରାଯାଏ। ଏହାର ଉଦ୍ଦେଶ୍ୟ ଲୋକମାନଙ୍କୁ ସେବା ଯୋଗାଇଦେବା। ଏବେ ଏହାର ବ୍ୟାପକ ପ୍ରସାର ହେଲାଣି ଯାହାକି କେବଳ ଚିକିତ୍ସା ସେବା ନୁହେଁ ଜୀବନ ରକ୍ଷା, ଉଚ୍ଚ ଶିକ୍ଷା ଓ ଖେଳ ଇତ୍ୟାଦି କ୍ଷେତ୍ରରେ ମଧ୍ୟ ରେଡକ୍ରସ୍ ସେବା ଯୋଗାଇ ଦିଆଯାଉଛି। ରେଡକ୍ରସ୍‌ର ଆଦର୍ଶ ହେଉଛି ନିଷ୍କାମ ସେବା। ସମାଜରେ ସହଯୋଗ ଓ ମାନବିକତାର ଭାବନା ବୃଦ୍ଧି ପାଇଁ ଏହିଭଳି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲାପାଳଙ୍କ ଉଦ୍ୟମରେ ଗତ ବର୍ଷ ତୁଳନାରେ ଏ ବର୍ଷ ରେଡକ୍ରସ୍ ପାଣ୍ଠି ଦ୍ୱିଗୁଣିତ ହୋଇପାରିଛି। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର ସପନ କୁମାର ନନ୍ଦ, ଅଧ୍ୟକ୍ଷା ପୌର ପରିଷଦ, ଯାଜପୁର ରଞ୍ଜୁଲତା ହୋତା, ଏ.ଡି.ଏମ୍.ଓ. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବୈଠକର ପ୍ରାରମ୍ଭରେ ରେଡକ୍ରସ୍ ସଦସ୍ୟ ଆଡଭୋକେଟ୍ ପ୍ରମୋଦ ମହାନ୍ତିଙ୍କ ମୃତ୍ୟୁରେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ମା' ବିରଜା ଓ ହେନେରୀ ଡ୍ୟୁନାଣ୍ଟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପଚାଶ ହଜାରରୁ ଉର୍ଦ୍ଧ୍ୱ ରାଶି ରେଡକ୍ରସ୍ ପାଣ୍ଠିକୁ ଦାନ କରିଥିବା ଅନୁଷ୍ଠାନ ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେଥିମଧ୍ୟରୁ ଏମ୍.ଏସ୍. ଟାଟା ଷ୍ଟିଲ୍ ଲିମିଟେଡ ଟ. ୧୫,୦୦,୦୦୦ ଅର୍ଥ ରାଶି ଦାନ କରି ପ୍ରଥମ ସ୍ଥାନ, ସି.ଏସ୍.ଓ, ଯାଜପୁର ଟ. ୧୨,୫୮,୦୦୦ ଅର୍ଥରାଶି ଦାନ କରି ଦ୍ୱିତୀୟ ସ୍ଥାନ ଓ ଏମ୍.ଏସ୍. ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଲିମିଟେଡ ଟ. ୧୦,୦୦,୦୦୦ ଦାନ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଶେଷରେ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କାର୍ଯ୍ୟକ୍ଷମ ହେଉନି କର୍ମଜୀବୀ ମହିଳା ନିବାସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କର୍ମଜୀବୀ ମହିଳାଙ୍କୁ ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ନିର୍ମିତ କର୍ମଜୀବୀ ମହିଳା ନିବାସ କାର୍ଯ୍ୟକ୍ଷମ ହୋଇପାରୁନାହିଁ । କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଆଙ୍କୁଶପୁର ଠାରେ ରହିଥିବା କର୍ମଜୀବୀ ମହିଳା ନିବାସ କୋଠା ନିର୍ମାଣର ଦୀର୍ଘଦିନ ପୁରିଛି । କିନ୍ତୁ ଆଜି ଯାଏଁ ଏହା ଉଦ୍‌ଘାଟନ ହୋଇନଥିବା କାରଣରୁ କୋଠା କାର୍ଯ୍ୟକ୍ଷମ ନହୋଇ ଅବ୍ୟବହୃତ ହୋଇ ପଡ଼ିରହିଛି । କୋଠାର ଦାୟିତ୍ୱଭାର ଜିଲ୍ଲା ସମାଜ ମଙ୍ଗଳ ବିଭାଗକୁ ପ୍ରଦାନ କରାଯାଇଛି। କିନ୍ତୁ କେଉଁ କାରଣରୁ କୋଠାଟି ଉଦ୍‌ଘାଟନ ହୋଇପାରୁନାହିଁ ତାହା ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ କୋଠାରେ ପାଣି ସୁବିଧା ନଥିବା କାରଣରୁ ପ୍ରଶାସନ ଏ ଦିଗରେ ଆଗଭର ହେଉନଥିବା କୁହାଯାଉଛି । ନୂତନ କୋଠାରେ ଉନ୍ନତମାନର କୋଠରୀ ସହ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇଛି । କୋଠାକୁ ପାଇପ୍ ଲାଇନ୍ ସଂଯୋଗ ହୋଇଥିବା ବେଳେ ପାଣି ଆସୁନାହିଁ । ସହରାଞ୍ଚଳରେ କର୍ମଜୀବୀ ମହିଳାଙ୍କୁ ଭଡ଼ା ଘର ମିଳିବାରେ ବିଭିନ୍ନ ସମୟରେ ଅସୁବିଧା ଦେଖାଦେଇଥାଏ । ଭଡ଼ା ଘର ମିଳିଲେ ମଧ୍ୟ ବିଭିନ୍ନ ସମସ୍ୟା ଲାଗିରହିଥାଏ । ଏଣୁ କର୍ମଜୀବୀ ମହିଳାଙ୍କୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ଉକ୍ତ କୋଠା ନିର୍ମାଣ ହୋଇଥିଲା । କିନ୍ତୁ ପ୍ରଶାସନର ଉଦ୍ଦେଶ୍ୟ ସଫଳ ହୋଇପାରିନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ କୋଠାର ବିଦ୍ୟୁତ୍ ଦେୟ ସେଠାରେ ଅସ୍ଥାୟୀ ଭାବେ କାର୍ଯ୍ୟରତ ଥିବା ଜଣେ କର୍ମଚାରୀ ପୈଠ କରୁଛନ୍ତି । କର୍ମଚାରୀ ଜଣକ ଓମ୍‌ଫେଡ୍ ଡାଇରୀରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ଅସ୍ଥାୟୀ ଭାବେ କୋଠାର ରକ୍ଷଣା ବେକ୍ଷଣ କାମ ପ୍ରଦାନ କରାଯାଇ କୋଠା ପରିସରରେ ରହିଥିବା ଜଗୁଆଳ କୋଠାରେ ରହିବା ପାଇଁ ସ୍ଥାନ ଦିଆଯାଇଛି । ଜଣେ ଅସ୍ଥାୟୀ କର୍ମଚାରୀ ବିଭାଗ ଅଧୀନରେ ରହିଥିବା କୋଠାର ବିଦ୍ୟୁତ୍ ଦେୟ ପୈଠ କରିବା ପରେ ଆଲୋଚନାର ବିଷୟ ପାଲଟିଥିବା ବେଳେ ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ, ରାଜ୍ୟର ପ୍ରଥମ କର୍ମଜୀବୀ ମହିଳା ନିବାସ ୧୯୯୦ ମସିହାରେ ବ୍ରହ୍ମପୁରରେ ଆରମ୍ଭ ହୋଇଥିଲା । କିନ୍ତୁ ବର୍ତ୍ତମାନ ତାହା ଭଗ୍ନ ଅବସ୍ଥାରେ ପଡ଼ି ରହିଛି । ଫଳରେ ଆଙ୍କୁଶପୁର ଠାରେ ନୂତନ କୋଠା ନିର୍ମାଣ ପାଇଁ ୨୦୨୩ ମସିହାରେ ଯୋଜନା କରାଯାଇଥିଲା । ୨୦୨୪ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୫ କୋଟି ଟଙ୍କା ବ୍ୟୟରେ ୧୧ ଏକର ଜାଗାରେ ୧୦୦ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ ୨୦୨୫ରେ ସରିଥିଲା । ୩ ମହଲା କୋଠାରେ ତଳ ମହଲାରେ ୧୧ଟି କୋଠରୀ ରହିଛି । ପ୍ରଥମ ମହଲାରେ ୪୩ଟି ଓ ୨ୟ ମହଲାରେ ୪୭ଟି କୋଠାରୀ ରହିଛି । କୋଠାରେ ମହିଳାଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ, ରୋଷେଇ ଘର, ଖାଇବା ଘର, ଷ୍ଟୋର୍ ରୁମ୍, ଅଗ୍ନି ନିରାପତା ସୁବିଧା, ୨୪ ଘଣ୍ଟିଆ ସିସିଟିଭି ଓ ସିକ୍ୟୁରିଟି ବ୍ୟବସ୍ଥା କରାଯାଇଛି । ତତ୍ ସହିତ ଗାଡ଼ି ପାର୍କିଂ ଓ ଚିତବିନୋଦନ କେନ୍ଦ୍ର ଭଳି ସମସ୍ତ ସୁବିଧା ରହିଛି । ଏଣୁ ପ୍ରଶାସନ ପକ୍ଷରୁ କୋଠା କାର୍ଯ୍ୟକ୍ଷମ ନେଇ ପଦକ୍ଷେପ ଗ୍ରହଣ କରାଗଲେ ବହୁ କର୍ମଜୀବୀ ମହିଳା ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।



## ରମ୍ଭା ଚନ୍ଦନ ଯାତ୍ରାରେ ଜମିଲା ଦର୍ଶକଙ୍କ ମେଳି

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତ ବର୍ଷ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରାରେ ପାଗ ଅନୁକୂଳକୁ ଖାତିର ନକରି ଦର୍ଶକ ମେଳି ଲକ୍ଷ୍ୟ କରାଯାଇଛି। ଯାତ୍ରାକୁ ଉପଭୋଗ କରିବା ପାଇଁ ରାଜରାସ୍ତା ପାର୍ଶ୍ୱ ତଥା ସ୍ୱର୍ଣ୍ଣକାତର ଜାଗା ମାନଙ୍କରେ ବହୁ ଉଚ୍ଚତା ସମ୍ପର୍ଣ୍ଣ ତୋରଣ ସାଙ୍ଗକୁ ମେଡ଼ ନିର୍ମାଣ ରାସ୍ତା ପାର୍ଶ୍ୱରେ ଭିନ୍ନ ଧରଣର ମେଢ଼ କରାଯାଇଛି। ଏତଦ୍‌ବ୍ୟତୀତ ମିନା ବଜାର, ରାମ ଦୋଳି, ମନୋହର ସାମାନ, ରଙ୍ଗ ବେରଙ୍ଗର ସାମଗ୍ରୀ ବିକ୍ରୟ ହୋଇଥିବା ପରିଲକ୍ଷିତ ହୋଇଛି। ସ୍ଥାନେ ସ୍ଥାନେ ପାଲା, ଦାସକାଠିଆ, ଗୋଟିପୁଅ ନାଚ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲୁରହିଛି। ମଦନ ମୋହନଙ୍କୁ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ, ମୃଦଙ୍ଗ, ବାଜା ଦ୍ୱାରା ପହଣ୍ଡି ବିଜେ କରାଯାଇ ସାହିବସ୍ତି ପରିଭ୍ରମଣ କରାଯାଉଛି। ଏହି ଯାତ୍ରା ୧୦ ତାରିଖ ରବିବାର ପର୍ଯ୍ୟନ୍ତ ଚାଲୁ ରହିବା ପାଇଁ ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି। ଯାତ୍ରା ସନ୍ଧ୍ୟା ପରଠାରୁ ସଚଳ ହୋଇ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଜନ ସମୁଦ୍ର ବୃଦ୍ଧି ଘଟିଛି। ବିଶେଷ କରି ଯାତ୍ରାରେ ବହୁବିଧ ମାଳିଆ ପସରା ଗହଳି ସାଙ୍ଗକୁ ସ୍ଥାନେ ସ୍ଥାନେ ଦର୍ଶକଙ୍କ ଗହଳି ଲାଖି ରହୁଥିବା ଜଣାଯାଇଛି। ଏତଦ୍ ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ମାନଙ୍କର ହାଲୁକା ଓ ନରମ ଖାଦ୍ୟ ବଣ୍ଟନ ରାଜପଥ ପାର୍ଶ୍ୱରେ ତଥା ଛକ ଜାଗା ମାନଙ୍କରେ ଭିଡ଼ ଲାଗିଥିବା ଲକ୍ଷ୍ୟ କରାଯାଇଛି।

### — ମାଟ୍ରିକ୍ ଟପ୍ପରଙ୍କୁ ପୌରପାଳିକାର ସମ୍ବର୍ଦ୍ଧନା —

## ଉଜ୍ଜ୍ୱଳ ଭବିଷ୍ୟତ ସହ ଜନସେବାରେ ବ୍ରତୀ ହେବାକୁ ପରାମର୍ଶ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବାରିପଦାର ତୁଳସୀଚୌରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ପାର୍ଥସାରଥୀ ମହାନ୍ତ ରାଜ୍ୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଯାହାକୁ ନେଇ ବାରିପଦା ପୌରପାଳିକା ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁବାର ବାରିପଦା ପୌରପାଳିକା ସମ୍ମିଳନୀ କକ୍ଷରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସାମ୍ବାଦିକ ବିଜୟ ଅଗ୍ରୱାଲ ଓ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ପାର୍ଥସାରଥୀ ମାଟ୍ରିକ୍ ପରୀକ୍ଷାରେ ମୋଟ୍ ୬୦୦ ନମ୍ବର ମାର୍କରୁ ୫୮୮ ନମ୍ବର ହାସଲ କରି ରାଜ୍ୟର ଟପ୍ପର ହୋଇଛନ୍ତି। ଯାହାକି ବାରିପଦା ପାଇଁ ଗର୍ବ ଓ ଗୌରବର କଥା ଅଟେ। ବାରିପଦା ପୌରପାଳିକା ଅନ୍ତର୍ଗତ ମଧୁବନ ଅଞ୍ଚଳର ନିବାସୀ ପିତା ଗଣେଶ ମହାନ୍ତ ଓ ମାତା ସାବିତ୍ରୀ ମହାନ୍ତଙ୍କ ପାର୍ଥସାରଥୀ ପୁତ୍ର ଅଟନ୍ତି। ବାପା ଜଣେ ପାଣି ପାଇପ୍ ମିସ୍ତ୍ରୀ ହୋଇଥିବା ବେଳେ ମା' ଜଣେ ଆଶା କର୍ମୀ ଅଟନ୍ତି। କିନ୍ତୁ ପାର୍ଥସାରଥୀ ଅଭାବ ଓ ଅନାଟନ ମଧ୍ୟରେ ନିଜର ଅଦମ୍ୟ ସାଧନା କରି ସମାଜରେ ପରାକାଷ୍ଠା ପ୍ରତିପାଦନ କରିଛନ୍ତି। ଯାହାକି ଅନ୍ୟମାନଙ୍କ ନିମନ୍ତେ ସଦା ଉଦାହରଣ ସାଜି ରହିଥିବ। ପ୍ରାୟ ୫ ଦଶନ୍ଧି ପରେ ବାରିପଦା ସହର ଛାତ୍ର ମାଟ୍ରିକ୍ ପରୀକ୍ଷାରେ ଟପ୍ପର ହୋଇଛନ୍ତି। ଯାହାକି ଆମ୍ଭମାନଙ୍କ ନିମନ୍ତେ ଗର୍ବ ଓ ଗୌରବ ବିଷୟ ଅଟେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ପାର୍ଥସାରଥୀଙ୍କ ଶିକ୍ଷା ପ୍ରତି ବେଶ୍ ଆଗ୍ରହ ଥିବା ବେଳେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ପାଇଁ ଅନେକ ପରିଶ୍ରମ କରିଥିଲେ। ପରୀକ୍ଷା ପାଇଁ ପ୍ରତିଦିନ ସେ ୫/୬ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରୁଥିଲେ। ତାଙ୍କ ପରିଶ୍ରମର ସେ ଫଳ ପାଇବା ସହ ରାଜ୍ୟର ଟପ୍ପର ହୋଇଛନ୍ତି। ୯୮ପ୍ରତିଶତ ମାର୍କ ହାସଲ୍ କରିଥିବା ବେଳେ ସଂସ୍କୃତ ଓ ଗଣିତରେ ସମ୍ପୂର୍ଣ୍ଣ ୧୦୦ ନମ୍ବର ରଖିଛନ୍ତି। ମାନବ ସେବା ହିଁ ମାଧବ ସେବା ଅଟେ, ତେଣୁକରି ଭବିଷ୍ୟତରେ ଜନସେବା ନିମନ୍ତେ ବ୍ରତୀ ହେବାକୁ ଇଚ୍ଛା ପ୍ରକଟ କରିଛନ୍ତି। ପ୍ରଶାସନିକ ସେବା ଅଧିକାରୀ ହୋଇ ଲୋକଙ୍କ ସେବା କରିବା ନେଇ ପାର୍ଥସାରଥୀଙ୍କ ଭବିଷ୍ୟତ ଲକ୍ଷ୍ୟ ରହିଛି ବୋଲି ମତପ୍ରକାଶ କରିଛନ୍ତି। ତେବେ ସଫଳ ହେବାକୁ ହେଲେ ମନ ଏକାଗ୍ର କରି କାର୍ଯ୍ୟ କରିଲେ ସଫଳତା ନିଶ୍ଚିତ ହାସଲ ହେବ। ଯାହାରଜ୍ୱଳନ୍ତ ଉଦାହରଣ ପାର୍ଥସାରଥୀ ଅଟନ୍ତି ବୋଲି ଉପସ୍ଥିତ ବିଭିନ୍ନ ସଙ୍ଗଠନ ପକ୍ଷରୁ ମତପ୍ରକାଶ କରାଯାଇଥିଲା। ଉପସ୍ଥିତ ସମସ୍ତେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନେଇ ପ୍ରଭୁଙ୍କ ନିକଟରେ କାମନା କରିଥିଲେ। ସେ ଏହିପରି ଆଗକୁ ମଧ୍ୟ ସଫଳତା ହାସଲ କରି ବାରିପଦା ତଥା ଜିଲ୍ଲା ପାଇଁ ଗୌରବ ଆଣନ୍ତୁ ବୋଲି ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଶୃତି ଅନୁଷ୍ଠାନର ସଭାପତି ଡ଼ ପାର୍ଥସାରଥୀ ଜେନା, ମୟୁରଭଞ୍ଜ ସିଟିଜେନ୍ ଫୋରମ୍ ସମ୍ପାଦକ ଶ୍ୟାମ ସୁନ୍ଦର ଦାସ, ମୟୁରଭଞ୍ଜ ସାହିତ୍ୟ ପରିଷଦ ସଭାପତି ପଦ୍ମନାଭ ସାହୁ, ବଳାଙ୍ଗୀ ମହୋତ୍ସବ ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ବାସ୍ତବ ଅନୁଷ୍ଠାନର ଶାନ୍ତନୁ ପାଢ଼ୀ, ମଧୁବନ ଉନ୍ନୟନ ପରିଷଦ ସଭାପତି ରଘୁନାଥ ପଣ୍ଡା, ଦେଉଳସାହି କୁମାର ଉତ୍ସବ ସମିତି କୁମାରେଶ ପଣ୍ଡା, ରୋଟାରୀ କ୍ଲବ ପକ୍ଷରୁ ତିମିରିକାନ୍ତ ଘୋଷ, ବିଶିଷ୍ଟ ଭାଗବତ ପ୍ରଚାରକ ଭାଗବତ ପଣ୍ଡା ସମେତ ବାରିପଦା ସହରର ଅନ୍ୟାନ୍ୟ ସଙ୍ଗଠନ, ୱାର୍ଡ କାଉନ୍‌ସିଲର ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିବା ସହ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ନଗରପାଳ ଶ୍ରୀ ମହାନ୍ତି ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁପର ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟ
# କାରୁଆନାଙ୍କୁ ହରାଇଲେ ଗୁକେଶ

**ୱାରସ**

ବିଶ୍ୱ ଚାମ୍ପିୟନ ଡି. ଗୁକେଶ ଏଠାରେ ଚାଲିଥିବା ସୁପର ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟର ରାପିଡ୍ ପ୍ରତିଯୋଗିତାର ୯ମ ତଥା ଫାଇନାଲ ରାଉଣ୍ଡରେ ଆମେରିକୀୟ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ଗତ କିଛି ମାସ ହେଲା ସଂଘର୍ଷ ଚଳାଇଥିବା ଗୁକେଶ ଫର୍ମକୁ ଫେରିଛନ୍ତି। ରାପିଡ୍ ପରେ ବ୍ଲିଜ ବିଭାଗରେ ଆହୁରି ୧୮ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ଭାରତୀୟ ଖେଳାଳି ମିଳିତ ୪ର୍ଥ ସ୍ଥାନରେ ଅଛନ୍ତି। ୧୯ ବର୍ଷୀୟ ଗୁକେଶ ରାପିଡ ବିଭାଗର ଅନ୍ତିମ ଦିବସରେ ଫ୍ରେଞ୍ଚ ଗ୍ରାଣ୍ଡମାଷ୍ଟର ମାକ୍ସିମି ଭାଚିର-ଲାଗ୍ରେଭ ବିପକ୍ଷ ଗେମ୍ ପରାଜୟ ସହ ଆରମ୍ଭ କରିଥିଲେ। ପରେ ଫାଇନାଲ ରାଉଣ୍ଡ ପୂର୍ବରୁ ସେ ସ୍ଲୋଭେନିଆର ଭ୍ଲାଡିମିର ଫେଡୋସିଭଙ୍କ ବିପକ୍ଷ ଗେମକୁ ଡ୍ର' ରଖିଥିଲେ।

ୱାଇଲ୍ଡ କାର୍ଡ ଆମେରିକାନ ହାନ୍ସ ମୋକ୍ ନିମାନ ସମସ୍ତ କଳ୍ପନାଜଳ୍ପନାକୁ ଏଡାଇ ମୋଟ ୧୩ ପଏଣ୍ଟ ସହ ଏହି ବିଭାଗର ବିଜେତା ହୋଇଥିଲେ। ନିମାନ ନିଜ ଦେଶର ୱେସ୍‌ଲି ସୋଙ୍କୁ ୧ ପଏଣ୍ଟରେ ପଛରେ ପକାଇ ଦେଇଥିଲେ, ଯିଏକି ୧୧ ପଏଣ୍ଟ ଅର୍ଜନ କରିଥିବା ଫେଡୋସିଭଙ୍କ ଆଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଗୁକେଶ, କାରୁଆନା ଓ ପୋଲାଣ୍ଡର ଡୁଡା ଜାନ୍ କ୍ରିଜିଷ୍ଟଜଫ୍ ପ୍ରତ୍ୟେକ ୯ ପଏଣ୍ଟ ସହ ମିଳିତ ୪ର୍ଥ ସ୍ଥାନରେ ରହିଥିଲେ। ବ୍ଲିଜ ପ୍ରତିଯୋଗିତା ଆରମ୍ଭ ହେବାମାତ୍ରେ ୬ଜଣ ଖେଳାଳିଙ୍କ ମଧ୍ୟରେ ଲଢେଇ ହେବ।



## ଚର୍ଚ୍ଚାରେ ହର୍ଷ ଗୋଏଙ୍କାଙ୍କ ସୋସିଆଲ ମିଡିଆ ପୋଷ୍ଟ
# ବିଗିଡ଼ିଛି କ୍ରିକେଟର ସନ୍ତୁଳନ : ଆଇପିଏଲରେ ଦର୍ଶକଙ୍କ ସଂଖ୍ୟା ୨୬% କମିଛି

**ନୂଆଦିଲ୍ଲୀ**

ଚାଲିଛି ଆଇପିଏଲ ୨୦୨୬। କ୍ରିକେଟ ଫ୍ୟାନ୍‌ଙ୍କ ଭିତରେ ଫଟାଫଟ୍ କ୍ରିକେଟକୁ ନେଇ କ୍ରେଜ୍ ବି ଜୋରଦାର। ହେଲେ ଏହି ଷ୍ଟାର ଖେଳାଳି ଓ ତାଙ୍କର ଛକା-ଚୌକା ସଟ୍ ଭିତରେ ଏଭଳି କିଛି ଡାର୍କ ସାଇଟ୍ ରହିଛି, ଯାହାକି ଏବେ ଏହି ଲିଗ୍‌ର ମୂଳଦୁଆକୁ ଏକ ପ୍ରକାର ଦୋହଲାଇ ଦେଇଛି। କାରଣ ବିଶିଷ୍ଟ ଉଦ୍ୟୋଗପତି ଓ ଆରପିଜି ଏଣ୍ଟରପ୍ରାଇଜେସ୍‌ର ଚେୟାରମ୍ୟାନ୍ ହର୍ଷ ଗୋୟଙ୍କା ସୋସିଆଲ ମିଡିଆରେ ଏଭଳି କିଛି କହିଛନ୍ତି, ଯାହାକୁ ନେଇ ବିସିସିଆଇଠାରୁ ନେଇ ଫ୍ରାଞ୍ଚାଇଜ୍ ମାଲିକ୍‌ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଗୋଏଙ୍କା ସୋସିଆଲ ମିଡିଆରେ ଏଭଳି କିଛି ଖୁଲାସା କରିଛନ୍ତି, ଯାହାକି ଖୁବ୍ ଗମ୍ଭୀର। ଯାହାଦ୍ୱାରା ଟିଭିରେ ଆଇପିଏଲ୍ ଦେଖିବାର ସଂଖ୍ୟା ୨୬% ପର୍ଯ୍ୟନ୍ତ ହ୍ରାସ କରିଦେଇଛି। ଏପରିକି କୋଟି କୋଟି ଟଙ୍କାର ଆୟ କରୁଥିବା ଏହି ଟୁର୍ଣ୍ଣାମେଣ୍ଟ ଏବେ ଦର୍ଶକଙ୍କୁ ବି କ'ଣ ବୋର୍ ଲାଗିଲାଣି କି? ଗୋଏଙ୍କା କହିଛନ୍ତି, ପ୍ରତି ରାତିରେ ୨୨୫ ବନାମ ୨୨୫ର ସ୍କୋର ଦେଖିବା ଏବେ କ୍ରିକେଟ୍ ନୁହେଁ, ବଂର ଏକ ବୋରିଂ ଭରା ପ୍ରଦର୍ଶନ ପାଲଟିଛି।

ହର୍ଷ ଗୋଏଙ୍କା କହିଛନ୍ତି, ଆଇପିଏଲ୍ ମନୋରଞ୍ଜନ ନାଁରେ ଖେଳର ଅନିଶ୍ଚିତତାକୁ ଶେଷ କରିଦେଇଛି। ସେ ବିସିସିଆଇକୁ ପରାମର୍ଶ ଦେଇଛନ୍ତି ଯଦି ଏହି ହ୍ରାସ ପାଉଥିବା ଗ୍ରାଫ୍‌କୁ ରୋକିବାର ଅଛି, ତେବେ ସବୁଠାରୁ ପ୍ରଥମେ ଇମ୍ପାକ୍ଟ ପ୍ଲେୟାର ଭଳି ନିୟମକୁ ପୁଣିଥରେ ବିଚାର କରିବାରକୁ ହେବ। କ୍ରିକେଟ୍ ସେତେବେଳେ ରୋମାଞ୍ଚକର ଲାଗେ ଯେତେବେଳେ ବଲ୍ ଏବଂ ବ୍ୟାଟ୍ ଭିତରେ ସମାନ ଭାବରେ ଯୁଦ୍ଧ ଦେଖିବାକୁ ମିଳେ। ବର୍ତ୍ତମାନ ସ୍ଥିତିରେ ବୋଲିଂର ଭୂମିକା ମାତ୍ର କେବଳ ବଲ୍ ଫୋପାଡୁଥିବା ମେସିନ୍ ହୋଇ ଯାଇଛି। ସେଭଳି ଆଇପିଏଲ କେବଳ ଏକ ବ୍ୟାଟିଂର ପ୍ରଦର୍ଶନୀ ପାଲଟିଛି, ଯାହାଫଳରେ ଖେଳରେ ସନ୍ତୁଳନ ସମ୍ପୂର୍ଣ୍ଣ ଭାବରେ ବିଗିଡ଼ି ଯାଇଛି।

ଗୋଏଙ୍କା କେବଳ ଟିଭି ଦର୍ଶକଙ୍କୁ ସମ୍ବୋଧିତ କରିନଥିଲେ, ବରଂ ଷ୍ଟାଡିୟମରେ ପହଞ୍ଚିବା ପାଇଁ ଅଧିକ ଟିକେଟ୍ ଦେଇ ଆସୁଥିବା ପ୍ରଶଂସକଙ୍କ ପାଇଁ ମଧ୍ୟ ସମର୍ଥନ କରିଥିଲେ। ସେ ଖରାପ ଷ୍ଟାଡିୟମ ଅଭିଜ୍ଞତାର ସମାଲୋଚନା କରି କହିଥିଲେ ଯେ ଖରାପ ଶୌଚାଳୟ, ବସିବା ସ୍ଥାନରେ ସମସ୍ୟା, ଖାଦ୍ୟ ନମିଳିବା ଏବଂ ପ୍ରବେଶ ଓ ପ୍ରସ୍ଥାନର ଅସୁବିଧା ଦର୍ଶକଙ୍କୁ ଦୂରେଇ ନେଉଛି। ଏହା ସହ ସେ ପ୍ରଶ୍ନ କରିଛନ୍ତି, ଯଦି ଦର୍ଶକମାନେ ମୌଳିକ ସୁବିଧା ମଧ୍ୟ ପାଆନ୍ତି ନାହିଁ ତେବେ ସେମାନେ କାହିଁକି ସେମାନଙ୍କର ସମୟ ଏବଂ ଟଙ୍କା ନଷ୍ଟ କରିବେ?

ଉଲ୍ଲେଖନୀୟ ଯେ, ଲକ୍ଷ୍ନୌ ସୁପର ଜାଏଣ୍ଟସ୍ର ମାଲିକ ସଞ୍ଜୀବ ଗୋଏଙ୍କା ଭାଇ ହେବା ଦୃଷ୍ଟିରୁ ହର୍ଷ ଗୋଏଙ୍କାଙ୍କ ଏହି କଥା କହିବା ନିହାତି ପକ୍ଷେ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରଥମ ଥର ଯେତେବେଳେ ଖେଳ ଦୁନିଆ ସହିତ ଜଡିତ କୌଣସି ବ୍ୟକ୍ତି ଏତେ ସାହାସର ସହିତ ଆଇପିଏଲର ତ୍ରୁଟି ବିଷୟରେ ମୁହଁ ଖୋଲିଛନ୍ତି। ଗୋଏଙ୍କା ସ୍ପଷ୍ଟ କରିଛନ୍ତି ଯେ ଯଦି ପିଚ୍ ଗୁଣବତ୍ତା, ନିୟମରେ ପରିବର୍ତ୍ତନ ଏବଂ ପ୍ରଶଂସକଙ୍କ ପ୍ରତି ସମ୍ମାନ ଉପରେ ଧ୍ୟାନ ଦିଆଯାଏନି ତେବେ, ଆଇପିଏଲ୍ ନିଜର ବିଶ୍ୱସନୀୟତା ହରାଇପାରେ। ଏବେ ଦେଖିବା ବାକି ଅଛି ଯେ ବିସିସିଆଇ ଏହି ୨୬% ହ୍ରାସକୁ କେବଳ ଏକ ପରିସଂଖ୍ୟାନ ବୋଲି ବିବେଚନା କରିବ ନା ଖେଳର ଉତ୍ସାହକୁ ବଜାୟ ରଖିବା ପାଇଁ ଅଧିକ କଠୋର ପଦକ୍ଷେପ ନେବ।



# ଆଇଏସଏଲ୍ : ଦିଲ୍ଲୀକୁ ୨-୧ ଗୋଲ୍‌ରେ ହରାଇଲା ଓଡ଼ିଶା

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସଏଲ୍)ରେ ଓଡ଼ିଶା ଏଫସି ୨-୧ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ପରାସ୍ତ କରି ବହୁପ୍ରତୀକ୍ଷିତ ବିଜୟ ହାସଲ କରିଛି। ନୂଆଦିଲ୍ଲୀରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପକ୍ଷରୁ ଭିପି ସୁହେର ଚତୁର୍ଥ ମିନିଟ୍‌ରେ ଓ କେ. ଲାଲରିନ୍‌ଫେଲା ୧୩ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ତେବେ ମ୍ୟାଚ୍‌ର ୭୪ତମ ମିନିଟ୍‌ରେ ଦିଲ୍ଲୀର ମାଟିଜା ବାବୋଭିକ୍ ଗୋଟିଏ ଗୋଲ୍ ଦେଇ ବ୍ୟବଧାନକୁ କିଛିଟା ହ୍ରାସ କରିଥିଲେ। ମ୍ୟାଚ୍‌ର ପରବର୍ତ୍ତୀ ସମୟରେ ଦିଲ୍ଲୀ ପକ୍ଷରୁ ଘନ ଘନ ଆକ୍ରମଣ କରାଯାଇଥିଲେ ବି ଆଉ କୌଣସି ଗୋଲ୍ ଦେଇପାରିନଥିଲେ।



ଓଡ଼ିଶା ନିଜର ପୂର୍ବ ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସି ସହ ମ୍ୟାଚ୍ ଡ୍ର କରିଥିଲା। ଏହି ବିଜୟ ସହ ଓଡ଼ିଶା ୧୧ ମ୍ୟାଚ୍‌ରୁ ୨ ବିଜୟ, ୫ ପରାଜୟ ଓ ୪ ଡ୍ର ସହ ୧୦ ପଏଣ୍ଟ ପାଇ ଏକାଦଶ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ ୧୧ ମ୍ୟାଚ୍‌ରୁ ୨ ବିଜୟ, ୫ ପରାଜୟ ଓ ୪ ଡ୍ର ସହ ୧୦ ପଏଣ୍ଟ ପାଇ ଦଶମ ସ୍ଥାନରେ ରହିଛି। ଓଡ଼ିଶା ନିଜର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୧୬ ତାରିଖରେ ପଞ୍ଜାବ ଏଫସି ସହ ଖେଳିବ।

# ଡୋପ୍ ଟେଷ୍ଟ ନ ଦେଇ ଅଡୁଆରେ ଯଶସ୍ୱୀ ଓ ଶେଫାଳି ବର୍ମା : ନୋଟିସ୍ ପଠାଇଲା ନାଡ଼ା




**ନୂଆଦିଲ୍ଲୀ**

ଅଡୁଆରେ ଭାରତୀୟ କ୍ରିକେଟର। ନୋଟିସ୍ ଜାରି କଲା ନାଡ଼ା। ଡୋପ୍ ଟେଷ୍ଟ ଦେଇନଥିବାରୁ ଭାରତୀୟ କ୍ରିକେଟ ଯଶସ୍ୱୀ ଜୈସ୍ୱାଲ ଏବଂ ଶେଫାଳି ବର୍ମାଙ୍କୁ ନ୍ୟାସନାଲ ଆଣ୍ଟି ଡୋପିଂ ଏଜେନ୍ସି ନୋଟିସ୍ ଜାରି କରିଛି। ଜୈସ୍ୱାଲ ବର୍ତ୍ତମାନ ଆଇପିଏଲରେ ରାଜସ୍ଥାନ ପାଇଁ ଖେଳୁଛନ୍ତି। ଶେଫାଳି ବର୍ମା ଦକ୍ଷିଣ ଆଫ୍ରିକାରେ ଅଛନ୍ତି। ଜାତୀୟ ଆଣ୍ଟି-ଏଜେନ୍ସି ୱେୟାରଆବାଉଟ୍ ବିଫଳତା ଆଇନ ଅନୁଯାୟୀ ଉଭୟ ଖେଳାଳିଙ୍କ ବିରୋଧରେ ମିସ୍ ଟେଷ୍ଟ ରେକର୍ଡ କରିଛି। ଏହାର ଅର୍ଥ ସେମାନେ ନିର୍ଦ୍ଧାରିତ ସମୟରେ ପରୀକ୍ଷାରେ ଉପସ୍ଥିତ ହୋଇପାରନଥିଲେ।

ଯଶସ୍ୱୀ ଜୈସ୍ୱାଲ ଏବଂ ଶେଫାଳି ବର୍ମାଙ୍କୁ ସ୍ପଷ୍ଟୀକରଣ ଦେବାକୁ ସୁଯୋଗ ଦିଆଯାଇଛି। ଜଣେ ଖେଳାଳି ଯିଏ ୧୨ ମାସ ମଧ୍ୟରେ ତିନୋଟି ଟେଷ୍ଟରେ ବିଫଳ ହେବା ପରେ ତାଙ୍କୁ ଡୋପିଂ ନିରୋଧୀ ନିୟମର ଉଲ୍ଲଂଘନ ବୋଲି ବିବେଚନା କରାଯାଏ। ଖେଳାଳିଙ୍କୁ ଦୁଇ ବର୍ଷର ବାସନ୍ଦ ମଧ୍ୟ କରାଯାଇପାରେ। ପଞ୍ଜିକୃତ ପରୀକ୍ଷା ପୁଲ୍ (ଆରଟିପି)ରେ ଅନ୍ତର୍ଭୁକ୍ତ ଖେଳାଳିମାନଙ୍କୁ ଡୋପ୍ ପରୀକ୍ଷା ପାଇଁ ଦିନର ସମୟ ଏବଂ ସ୍ଥାନ ପଞ୍ଜୀକରଣ କରିବାକୁ ପଡିବ। ଜଣେ ଡୋପ୍ ନିୟନ୍ତ୍ରଣ ଅଧିକାରୀ ନମୁନା ସଂଗ୍ରହ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟରେ ସେହି ସ୍ଥାନରେ ପହଞ୍ଚନ୍ତି। ନୋଟିସରେ, ଘଇଉଇ ଉଲ୍ଲେଖ କରିଛି ଯେ, ଅଧିକାରୀ ଗତ ବର୍ଷ ଡିସେମ୍ବର ୧୭ ତାରିଖରେ ଯଶସ୍ୱୀ ଜୟସ୍ୱାଲଙ୍କ ଡୋପ୍ ପରୀକ୍ଷା ସଂଗ୍ରହ କରିବାକୁ ପହଞ୍ଚିଥିଲେ, କିନ୍ତୁ ସେ ନିଖୋଜ ଥିଲେ। ସେହିପରି ଶେଫାଳି ବର୍ମାଙ୍କ ନମୁନା ନଭେମ୍ବର ୭ ତାରିଖରେ ସଂଗ୍ରହ କରାଯିବାର ଥିଲା, କିନ୍ତୁ ସେ ମଧ୍ୟ ଉପସ୍ଥିତ ନଥିଲେ। ଉଭୟ କ୍ରିକେଟର ଆରଟିପି ଅଧୀନରେ ଆସୁଛନ୍ତି।

ଏହି ମାମଲାରେ ବର୍ତ୍ତମାନ ସିଧାସଳଖ ଡୋପିଂ ଉଲ୍ଲଂଘନ ବର୍ଗରେ ଆସୁନାହିଁ। ଡୋପିଂ ନିରୋଧୀ ନିୟମ ଅନୁଯାୟୀ, ଯଦି ଜଣେ ଖେଳାଳି ୧୨ ମାସ ମଧ୍ୟର ୩ ଥର ୱେୟାରଆଉଟ୍ସ ବିଫଳତା ପାଇଁ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନଙ୍କୁ ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ ପାଇଁ ଦୋଷୀ ବୋଲି ବିବେଚାନା କରାଯାଇ ପାରିବ। ନାଡା ଏ ବିଷୟରେ ବିସିସିଆଇ ଏବଂ ଆଇସିସିକୁ ମଧ୍ୟ ଜଣାଇ ଦେଇଛି। ଏବେ ଉଭୟ ଖେଳାଳିଙ୍କୁ ସତର୍କ ରହିବାକୁ ପଡ଼ିବ, କାରଣ ଯଦି ସେମାନଙ୍କ ବିରୁଦ୍ଧରେ ଆଉ ଦୁଇଟି ଟେଷ୍ଟ ମିସ୍ ରେକର୍ଡ କରାଯାଏ, ତେବେ ସେମାନେ ବାସନ୍ଦର ଆଶଙ୍କାର ସମ୍ମୁଖୀନ ହେବେ।

# ଅବସର ଫେରାଇ ନେଇପାରନ୍ତି କୋହଲି !



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ବିରାଟ କୋହଲି। ଭାରତ ପାଇଁ ତିନୋଟିଯାକ ଫର୍ମାଟରେ ଅଧିନାୟକତ୍ୱ କରିଥିବା ଏହି ମହାନ ଖେଳାଳି ଏବେ କେବଳ ଅନ୍ତର୍ଜାତୀୟ କ୍ରିକେଟରେ ଦିନିକିଆରେ ଖେଳ ଜାରି ରଖିଛନ୍ତି। ଫିଟ୍‌ନେସ୍ ପରେ ମଧ୍ୟ ଟି-୨୦ ଏବଂ ଟେଷ୍ଟରୁ ଅବସର ଘୋଷଣା କରିଛନ୍ତି ବିରାଟ। ୨୯ ଜୁନ୍ ୨୦୨୪ ମସିହାରେ ଦ୍ୱିତୀୟଥର ଟି-୨୦ ବିଶ୍ୱକପ ଜିତିବା ପରେ ଟି-୨୦ କ୍ରିକେଟକୁ ଅଲବିଦା କରିଥିଲେ କୋହଲି।

ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ଦ୍ୱିତୀୟଥର ପାଇଁ ହାତେଇଥିଲା ଟି-୨୦ ବିଶ୍ୱକପ। ଦକ୍ଷିଣଆଫ୍ରିକାକୁ ହରାଇ ଇତିହାସ ରଚିଥିଲା। ଆଉ ଏହି ଟ୍ରଫି ହାତେଇବା ପରେ ରୋହିତଙ୍କ ସହ ବିରାଟ ମଧ୍ୟ ଟି-୨୦ କ୍ରିକେଟକୁ ଅଲବିଦା କହିଥିଲେ। ମାତ୍ର ପୁଣିଥରେ ବିରାଟ ଟି-୨୦ କ୍ରିକେଟକୁ ଫେରିବେ ବୋଲି ଆଲୋଚନା ହେଉଛି। ସେ ନିଜର ଅବସରକୁ ପ୍ରତ୍ୟାହାର କରିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ କ୍ରିକେଟ ଫେରୁଥିବାବେଳେ କ୍ରିକେଟକୁ ସାମିଲ କରାଯାଇଛି। ଏଥିରେ ଟି-୨୦ ଫର୍ମାଟରେ ମ୍ୟାଚ୍ ଅନୁଷ୍ଠି ହେବ। ୨୦୨୮ ମସିହାରେ ଲସ୍ ଆଞ୍ଜେଲ୍ସରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠି ହେବାକୁ ଯାଉଛି। ଆଉ ବିରାଟ ଏଥିରେ ଖେଳିବେ ବୋଲି ଦାବି କରାଯାଉଛି। କାରଣ ବିରାଟ ପୂର୍ବରୁ କହିଛନ୍ତି କି, ଅଲିମ୍ପିକ୍ସରେ ଖେଳିବା ଆଉ ନିଜ ଦେଶ ପାଇଁ ପ୍ରତିନିଧିତ୍ୱ କରିବା ଗର୍ବର କଥା। ଏଣୁ ପୁଣିଥରେ ନିଜର ଅବସରକୁ ପ୍ରତ୍ୟାହାର କରିବା ସହ ଏହି ଅଲିମ୍ପିକ୍ସରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ମାତ୍ର ଏନେଇ ବରାଟ ନିଜର ପ୍ରତିକ୍ରିୟା ଦେଇନାହାନ୍ତି।

## ୧୧୩ କୋଟି ନିଅ, ଦେଶ ପାଇଁ ଖେଳ
# ପ୍ୟାଟ୍ କମିନ୍ସଙ୍କୁ ରୋକିବାକୁ ଦେଲା ବଡ଼ ଅଫର୍

**ନୂଆଦିଲ୍ଲୀ**



କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କମିନ୍ସଙ୍କୁ ସର୍ବାଧିକ ମୂଲ୍ୟରେ ଆଗାମୀ ୩ ବର୍ଷ ପାଇଁ ଚୁକ୍ତି କରିବାକୁ ପ୍ରସ୍ତାବ ଦିଆଯାଇଛି। କମିନ୍ସ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରାଥମିକତା ଦେବେ ଓ ବାର୍ଷିକ ୪୦ଲକ୍ଷ ଡଲାର ପାଉଣା ନେବେ। ଆଗାମୀ ୩ ବର୍ଷ ପାଇଁ ଏହି ଚୁକ୍ତି କରିବାକୁ କମିନ୍ସଙ୍କୁ ପ୍ରସ୍ତାବ ମିଳିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ୩ ବର୍ଷରେ କମିନ୍ସଙ୍କୁ ମୋଟ୍ ୧୨ମିଲିୟନ ଡଲାର ପାଉଣା ପ୍ରଦାନ କରିବାକୁ କ୍ରିକେଟ୍ ଅଷ୍ଟ୍ରେଲିଆ ନିଷ୍ପତ୍ତି ନେଇଛି। ଭାରତୀୟ ଅର୍ଥରରେ ଏହି ମୂଲ୍ୟ ୧୧୩ କୋଟି ହେବ। କମିନ୍ସ ବର୍ତ୍ତମାନ ଅଷ୍ଟ୍ରେଲିଆ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ରହିଛନ୍ତି। ସିଡ୍‌ନୀ ମର୍ଣ୍ଣିଂ ହେରାଲ୍ଡ ନାମକ ଏକ ଖବରକାଗଜରେ ପ୍ରକାଶ ପାଇଥିବା ସୂଚନା ଅନୁଯାୟୀ ଆଇପିଏଲ୍ ଫ୍ରାଞ୍ଚାଇଜ ପକ୍ଷରୁ କମିନ୍ସଙ୍କୁ ଅଷ୍ଟ୍ରେଲିଆ ପକ୍ଷରୁ କ୍ରିକେଟ୍ ଛାଡ଼ି ଟି-ଟ୍ୱେଣ୍ଟି ଲିଗ୍ ଖେଳିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ଉକ୍ତ ଫ୍ରାଞ୍ଚାଇଜ ତାଙ୍କୁ ବାର୍ଷିକ ୬.୬ ମିଲିୟନ ଡଲାର ଦେବାକୁ ପ୍ରସ୍ତାବ ଦେଇଥିଲା। କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ)ର କ୍ରିକେଟ୍ ମୁଖ୍ୟ ଜେମ୍ସ ଆଲସପ୍ ଖେଳାଳି ସୁରକ୍ଷା ଏବଂ ଉନ୍ନତ ଦରମା ବିଷୟରେ ବିସ୍ତାର ଭାବରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, ଏହି ଖେଳାଳିମାନେ ସେମାନଙ୍କର ଦୀର୍ଘ ଏବଂ ବିଶିଷ୍ଟ ସେବା ମାଧ୍ୟମରେ ଏହି ଅଧିକାର ଅର୍ଜନ କରିଛନ୍ତି। ବଜାର ଚାପ ବହୁତ ବୃଦ୍ଧି ପାଇଛି, ବିଶେଷକରି ଖେଳାଳିମାନଙ୍କ ପାଇଁ ଉଚ୍ଚ ବାଣିଜ୍ୟିକ ମୂଲ୍ୟ। ପ୍ୟାଟ୍ କମିନ୍ସ, ଜୋଶ୍ ହାଜେଲଉଡ୍ ଏବଂ ଟ୍ରାଭିସ୍ ହେଡ୍‌ଙ୍କ ଭଳି ଖେଳାଳିଙ୍କୁ ଅଷ୍ଟ୍ରେଲିୟ କ୍ରିକେଟ୍ ପ୍ରତି ପ୍ରତିବଦ୍ଧ ରଖିବା ବୋର୍ଡର ସର୍ବୋଚ୍ଚ ପ୍ରାଥମିକତା। ଏହା ମଧ୍ୟ ରିପୋର୍ଟ କରାଯାଇଥିଲା ଯେ କମିନ୍ସଙ୍କ ଦରମା ସେ ଖେଳିଥିବା ମ୍ୟାଚ୍ ସଂଖ୍ୟା ଉପରେ ନିର୍ଭର କରିବ ନାହିଁ। ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ସନରାଇଜର୍ସ ହାଇଦ୍ରାବାଦ ବୁଧବାର ପଞ୍ଜାବ କିଙ୍ଗସ୍‌କୁ ୩୩ ରନରେ ପରାସ୍ତ କରି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ହାସଲ କରିଛି।

# ୧୧ କେଜି ଗଞ୍ଜେଇ ଜବତ ୨ ମହିଳା ସମେତ ୩ ଗିରଫ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଜଗଦଲପୁର ଥାନା ପୋଲିସ ଏକ ବଡ଼ ସଫଳତା ହାସଲ କରିଛି। ପାଟ୍ରୋଲିଂ ସମୟରେ ପୋଲିସ ୧୧ କେଜି ୨୫୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଛତିଶଗଡ଼ର ବଲୋଦାବଜାର ଜିଲ୍ଲା ସୋହେଲା ଅଞ୍ଚଳର ଶିବ କୁମାର ଯାଦବ (୪୦), ମନିଷା ଯାଦବ (୩୭) ଓ ଯୁଗେଶ୍ୱରୀ ଯାଦବ (୩୫)। ୧୧ କେଜି ୨୫୦ ଗ୍ରାମ୍ ଗଞ୍ଜେଇ, ଗୋଟିଏ କାର୍ ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରିଥିବା ନେଇ ପୋଲିସ ସୂଚନା ଦେଇଛି।

# ବିମାନରେ ଇ-ସିଗାରେଟ୍ ସେବନ କରି ବିବାଦରେ ଚହଲ

**ନୂଆଦିଲ୍ଲୀ**

ବିମାନରେ ଇ-ସିଗାରେଟ୍ ସେବନ କରି ବିବାଦରେ ଛନ୍ଦି ହୋଇଛନ୍ତି ପଞ୍ଜାବ କିଙ୍ଗ୍ସର ସ୍ପିନର ଯୁଜବେନ୍ଦ୍ର ଚହଲ। ଅର୍ଶଦୀପ ସିଂଙ୍କ ବ୍ଲଗରୁ ଏହା ଜଣାପଡ଼ିଛି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପଞ୍ଜାବ ଦଳ ଇଣ୍ଡିଗୋ ବିମାନରେ ଅହମ୍ମଦାବାଦରୁ ହାଇଦ୍ରାବାଦ ଯାତ୍ରା କରୁଥିଲା। ଚହଲ ବିମାନ ମଧ୍ୟରେ ଇ-ସିଗାରେଟ୍ ସେବନ କରୁଥିବା ଭାଇରାଲ ଭିଡିଓରୁ ଜଣାପଡ଼ିଛି। ଇଣ୍ଡିଗୋର ଅଫିସିଆଲ ଗାଇଡ୍‌ଲାଇନ ଅନୁସାରେ, ବିମାନରେ ଇ-ସିଗାରେଟ ସେବନ ନିଷିଦ୍ଧ ରହିଛି। ପଞ୍ଜାବ କିଙ୍ଗ୍ସ କିମ୍ବା ଚହଲଙ୍କ ପକ୍ଷରୁ ଏ ବିଷୟରେ କିଛି କୁହାଯାଇ ନାହିଁ। ରିୟାନ ପରାଗ ପୂର୍ବରୁ ଡ୍ରେସିଂ ରୁମରେ ଇ-ସିଗାରେଟ୍ ସେବନ କରି ଦଣ୍ଡିତ ହୋଇଥିଲେ। ଏବେ ଚହଲ ବିମାନରେ ଇ-ସିଗାରେଟ୍ ସେବନ କରି ଅଡୁଆରେ ପଡିଛନ୍ତି।

ଭିଡ଼ିଓଟି ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ନିଶ୍ଚିତ ହୋଇନଥିଲେ ମଧ୍ୟ ଘଟଣା କ୍ରିକେଟ ଜଗତରେ ଏକ ନୂଆ ବିତର୍କ ସୃଷ୍ଟି କରିଛି। ଭିଡ଼ିଓରେ ଚହଲ ଏକ ଭେପ୍ ବ୍ୟବହାର କରି ଏହାକୁ କ୍ୟାମେରାରେ ଲୁଚାଇବାକୁ ଚେଷ୍ଟା କରୁଥିବାର ଦେଖିବାକୁ ମିଳିଛି। ଏହି ବିବାଦକୁ ନେଇ ପୂର୍ବ କ୍ରିକେଟର ଲକ୍ଷ୍ମଣ ଶିବରାମକୃଷ୍ଣନ ଏକ କଡ଼ା ବୟାନ ଦେଇଛନ୍ତି। ସେ କହିଛନ୍ତି ଭାରତରେ ଭାପିଂ ନିଷିଦ୍ଧ। ଯିଏ ଏହା କରିଛି ସେ ଜେଲରେ ରହିବା ଉଚିତ୍। ଯଦି ଆଇନକୁ ତିଆରି କରାନଯାଏ ତେବେ ଏହାକୁ ତିଆରି କରିବାର ଅର୍ଥ କ'ଣ?



ସେମାନଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ କାଟି ଦେବା ଏକ ଛୋଟ ଦଣ୍ଡ। ଯଦି ଜଣେ ସାଧାରଣ ନାଗରିକ ସମାନ କାମ କରିଥାନ୍ତେ ତେବେ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଖପ୍ରାଖୋଲ ଅଞ୍ଚଳରେ ଝାଡ଼ା ବାନ୍ତି
# ୮୦ରୁ ଅଧିକ ଆକ୍ରାନ୍ତ, ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ



**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ୍ ରେଙ୍ଗାଲି ପଞ୍ଚାୟତ ବର୍ତ୍ତିଆ ଗାଁରେ ବାହା ଭୋଜି ଖାଇ ୮୦ରୁ ଅଧିକ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଜଣକୁ ଚିକିତ୍ସା ପାଇଁ ପାଟଣାଗଡ଼ ରେଫର ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ ଦୁଇ ଦିନ ତଳେ ଏକ ବିବାହ ଭୋଜି ଖାଇ ଗୁରୁବାର ପ୍ରାୟ ୪୦ ଜଣ ପୁରୁଷ ଏବଂ ମହିଳା ଆକ୍ରାନ୍ତ ହୋଇ ଥିବା ବେଳେ କିଛି ରୋଗୀ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ପରେ ଘରକୁ ପଠେଇ ଦିଆଯାଇଥିଲା। ଶୁକ୍ରବାର ଡାକ୍ତରୀ ଦଳ ଗାଁକୁ ଯାଇ ୪୦ରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରୁଥିବା ଜଣାଯାଇଛି। ଡାକ୍ତରୀ ଦଳ ରେ ଡାକ୍ତର ରଶ୍ମିତା ବେହେରା, ଡାକ୍ତର ଗୀତାଞ୍ଜଳୀ ପାତ୍ର, ଫାର୍ମାସିଷ୍ଟ ନିରାକାର ବାରିକ, ଗଗନ ପଣ୍ଡା, ଏ.ଏନ. ଏମ ଚନ୍ଦ୍ରକାନ୍ତି ବରିହା, କାଦମ୍ବିନୀ ପୁରୋହିତ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିଥିଲେ। ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡାକ୍ତର ସୁରଜ ଦୀପ୍‌ଙ୍କୁ ପଚାରିବାରୁ ବିବାହ ଭୋଜି ଖାଇ ଲୋକେ ଆକ୍ରାନ୍ତ ହୋଇଥିଲେ। କିଛି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିବା ବେଳେ ଆମ ଡାକ୍ତରୀ ଦଳ ଗାଁକୁ ଯାଇ ଦିନସାରା ଚିକିତ୍ସା କରିବାପରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ପ୍ରକାଶ କରିଛନ୍ତି।

# ୫୯ତମ କେରଙ୍ଗ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦ୍‌ଘାଟିତ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଇଦ୍‌ଗାହ ପରିସରରେ ୫୯ତମ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ସଭାପତି ସୈଫୁର ଅହମଦ ପୌରୋହିତ୍ୟ କରିଥିଲେ। ମଦିୟା ମୁସଲିମ୍ ଧ୍ୱଜାରୋହଣ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପବିତ୍ର କୋରାନ ପାଠ ମୌଲାନା ନୁରୁଲ ହକ୍ ଖାନ୍ କରିଥିବା ବେଳେ ଏହାର ଓଡ଼ିଆ ଅନୁବାଦ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ଯୁବ ସଭାପତି ସୋଲେମାନ ଅହମଦ ପଢି ଶୁଣାଇଥିଲେ। ଉର୍ଦ୍ଦୁ ନଜମ ସଂଗୀତ ଇସରାଇଲ ଖାଁ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୁବନେଶ୍ୱରର ମୌଲାନା ହଲିମ ଖାଁ ଈଶ୍ୱଙ୍କ ଅସ୍ତିତ୍ୱ ଓ ପ୍ରାଧନା ଗ୍ରହଣୀୟ ବିଷୟରେ ମତାମତ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧା ଶିଶୁ ମନ୍ଦିର ସ୍କୁଲର ମୁଖ୍ୟ ଆୟୋଜକ ଗିରିଶ କୁମାର ମହାପାତ୍ର ଯୋଗଦେଇ ମାନବର କ୍ରମଗତ ବିକାଶ ଓ ସମୃଦ୍ଧି ବିଷୟରେ ମତାମତ ରଖିଥିଲେ। ଦ୍ୱିତୀୟ ବକ୍ତା ଭାବେ ସୁଙ୍ଗୁଡ଼ାର ମୌଲାନା ମକସୁଦ ଅଲ୍ଲି ଯୋଗଦେଇ ମହାପୁରୁଷ ମୁହମ୍ମଦଙ୍କ ଜୀବନ ଚରିତ୍ରରେ ପରିବାରଙ୍କ ସହ ଉତ୍ତମ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ତୃତୀୟ ବକ୍ତାଭାବେ ମୌଲବି ମିର ସୁବହାନ ଅଲ୍ଲି ଇସଲାମୀୟ ନ୍ୟାୟପାଳିକା ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଆ ନଜମ ସଂଗୀତ ସେକ ଏକରାମ ପରିବେଷଣ କରିଥିଲେ। ଚତୁର୍ଥ ବକ୍ତା ଭାବେ ଭଦ୍ରକ ଓ ଯାଜପୁର ଯୋଗଦେଇ ମୌଲାନା ଇନଚାର୍ଜ ମିର ଅବ୍ଦୁଲ ହଫାଜ ଖିଲାଫତ ବ୍ୟବସ୍ଥା ସହ ଦୃଢ ସମ୍ପର୍କ ସ୍ଥାପନ କରିବା ତଥା ତାଙ୍କର ଆଜ୍ଞାବହ ହୋଇଲେ ହିଁ ଆଧ୍ୟାତ୍ମିକତାରେ ଉନ୍ନତି ହୋଇପାରିବ ବିଷୟରେ ଆଲୋକପାତ କରିଥିଲେ।



# ବିଶ୍ୱବିଦ୍ୟାଳୟରେ 'ପୋଥିଦାନ ମହାପୁଣ୍ୟ' କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ, ଓଡ଼ିଆ ଭାଷା ଓ ପ୍ରାଚୀନ ସାହିତ୍ୟ ସଂରକ୍ଷଣକୁ କେନ୍ଦ୍ର କରି 'ପୋଥିଦାନ ମହାପୁଣ୍ୟ' କାର୍ଯ୍ୟକ୍ରମ ଏକ ଆକର୍ଷଣୀୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତାଳପତ୍ର ଖୋଦିତ ପୋଥି ସଂରକ୍ଷଣ ଓ ଓଡ଼ିଆ ଐତିହ୍ୟର ପୁନରୁଦ୍ଧାର ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ତାଳପତ୍ର ପୋଥି ଓଡ଼ିଆ ଜାତିର ଅମୂଲ୍ୟ ସଂସ୍କୃତିକ ସମ୍ପଦ। ଏହାର ସଂରକ୍ଷଣ ଓ ଗବେଷଣା ମାଧ୍ୟମରେ ଆମ ଭାଷାର ଐତିହ୍ୟକୁ ଆଗାମୀ ପିଢ଼ୀ ପାଖରେ ପହଞ୍ଚାଇବା ଆବଶ୍ୟକ। ବିଶ୍ୱ ବିଦ୍ୟାଳୟ ଏହି ଦୁର୍ଲଭ ପୋଥି ଗୁଡ଼ିକର ସଂରକ୍ଷଣ ଓ ଡିଜିଟାଲ ଆର୍କାଇଭ ପ୍ରସ୍ତୁତି ପାଇଁ ପଦକ୍ଷେପ ନେବ ବୋଲି ସେ କହିଥିଲେ।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନର ସଭାପତି ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ମାତୃଭାଷାର ମୂଳ ସଂସ୍କୃତିକ ଆଧାର ହେଉଛି ଏହି ପୋଥି ପରମ୍ପରା। ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକ ଏହି ପୁରାତନ ଧରୋହର ସୁରକ୍ଷାରେ ସାମିଲ ହେବା ଉଚିତ। ସେ କହିଥିଲେ ଯେ, ଏହି ପୋଥିଗୁଡ଼ିକ କେବଳ ଲେଖା ନୁହେଁ, ଏଗୁଡ଼ିକ ଆମ ଜାତିର ଐତିହାସିକ ସ୍ମୃତିଚିହ୍ନ। ଏଥିସହିତ ସମ୍ପାଦକ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ କହିଥିଲେ ଯେ, ଗ୍ରାମାଞ୍ଚଳରେ ଅବହେଳିତ ଅବସ୍ଥାରେ ରହିଥିବା ଅନେକ ତାଳପତ୍ର ପୋଥିକୁ ଖୋଜି ସଂଗ୍ରହ କରାଯାଉଛି। ଏହାକୁ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିବା ଏକ ସାମାଜିକ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ।

କୁଳସଚିବ କୁଙ୍କୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଏହି ପୋଥିଦାନ କାର୍ଯ୍ୟକ୍ରମ ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣାକୁ ନୂତନ ଦିଗ ଦେବ। ଏପରି ଐତିହ୍ୟ ସଂରକ୍ଷଣ ବିଶ୍ୱବିଦ୍ୟାଳୟ ତଥା ସରକାରଙ୍କ ମିଳିତ ପ୍ରୟାସ ଶିକ୍ଷାଜଗତ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ବୋଲି ସେମାନେ ମତ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନର ସଦସ୍ୟ ମାନଙ୍କ ଦ୍ୱାରା ରଚିତ ଓ ଅଭିନୀତ ନାଟକ 'ପୋଥିଦାନ ମହାପୁଣ୍ୟ' ମଞ୍ଚସ୍ଥ ହୋଇଥିଲା। ନାଟକଟି ମାଧ୍ୟମରେ ପୋଥିର ମୂଲ୍ୟ, ସଂରକ୍ଷଣର ଆବଶ୍ୟକତା ଓ ସାମାଜିକ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ଦ୍ୱାରା ସଂଗୃହୀତ ତାଳପତ୍ର ପୋଥିଗୁଡ଼ିକ ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ମୋଟ ୬୧ଟି ଓ ୮୫ଟି ତାଳପତ୍ର ଖୋଦିତ ପୋଥିକୁ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ଏବଂ ସ୍ରଷ୍ଟା ନାଟ୍ୟାଳୟ, ମାକଲପୁର, ମୋତିଗଞ୍ଜର ସଦସ୍ୟମାନେ ବିଶ୍ୱ ବିଦ୍ୟାଳୟକୁ ହସ୍ତାନ୍ତର କରିଥିଲେ। ସୂଚନାମତେ, ଏହି ପୋଥିଗୁଡ଼ିକ ବାଣିଦା ଗ୍ରାମର ନରେନ୍ଦ୍ରନାଥ ମହାପାତ୍ର, ବିଷ୍ଣୁପୁର ଗ୍ରାମର ଭୋଳାନାଥ ତ୍ରିପାଠୀ ତଥା ଆଖପାଖ ଅଞ୍ଚଳରୁ ସଂଗୃହୀତ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଚାଳନା କରିଥିଲେ ଏବଂ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ।



# ସୁଗମ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବ ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ସମ୍ବଲପୁର-ଝାରସୁଗୁଡ଼ା ରୋଡ ସେକ୍ସନ୍‌ର ନୀରିକ୍ଷଣ କରିଛନ୍ତି। ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଛି।



ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ବ୍ୟବସ୍ଥା, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ମଧ୍ୟ ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥି ମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଏବଂ ଅମୃତ ଷ୍ଟେସନ୍ ଯୋଜନା ଅଧୀନରେ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ। ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି। ମହାପ୍ରବନ୍ଧକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣରେ ଉନ୍ନତି ଆଣିବାକୁ ମହାପ୍ରବନ୍ଧକ ଫୁଙ୍କୱାଲ ପରାମର୍ଶ ଦେଇଥିଲେ। ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ପ୍ରକଳ୍ପ ସମୟସୀମା ଏବଂ ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନାରେ ଭାଗ ନେଇଥିଲେ।

# ଜାତୀୟ ପଞ୍ଚାୟତ ପୁରସ୍କାର ଘୋଷଣା : ୫ ବର୍ଗରେ ଓଡ଼ିଶା ପାଇବ ପୁରସ୍କାର

**ନୂଆଦିଲ୍ଲୀ :**

ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି । ଓଡ଼ିଶା ୫ଟି ବର୍ଗରେ ପାଇବ ପୁରସ୍କାର । ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ପୁରସ୍କାର ବର୍ଗରେ ଗଞ୍ଜାମ ମନୋନୀତ ହୋଇଛି।

ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ଦେଶର ୪୨ଟି ପଞ୍ଚାୟତକୁ ମନୋନୀତ କରାଯାଇଛି । ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ପୁରସ୍କାର ବିତରଣ କରାଯିବ । ୯ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମନୋନୀତ ପଞ୍ଚାୟତଗୁଡ଼ିକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ବିକାଶ ପୁରସ୍କାର ଦିଆଯିବ । ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ୩୪ଟି ପଞ୍ଚାୟତକୁ ତିନୋଟି ବର୍ଗରେ ଏହି ପୁରସ୍କାର ଦିଆଯିବ । ସେହିପରି ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ, ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ଏବଂ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ବର୍ଗରେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପ୍ରଦାନ କରାଯିବ ।

ପୁରସ୍କାର ବିଜେତା ପଞ୍ଚାୟତଗୁଡ଼ିକୁ ପୁରସ୍କାର ରାଶି ସ୍ୱରୂପ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ କରାଯିବ। ଜାତୀୟ ପଞ୍ଚାୟତ ପୁରସ୍କାରରେ କର୍ଣ୍ଣାଟକ ସର୍ବାଧିକ ୬ଟି ପୁରସ୍କାର ପାଇବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ୫ଟି ଲେଖାଏଁ ବର୍ଗରେ ପୁରସ୍କୃତ ହେବେ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ପୋଟଲମପୁର ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ ହେବାକୁ ମନୋନୀତ ହୋଇଛି । ଏହି ପଞ୍ଚାୟତକୁ ତୃତୀୟ ବର୍ଗରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ। ଜଳ ସ୍ୱଚ୍ଛଳତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ ।

ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକର ହାତୀବନ୍ଧ ପଞ୍ଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ମିଳିବ। ଅନ୍ୟପଟେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ ସାମାଜିକ ନ୍ୟାୟ ଏବଂ ସାମାଜିକ ଦୃଷ୍ଟିରୁ ସୁରକ୍ଷିତ ପଞ୍ଚାୟତ ଭାବେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ପଞ୍ଚାୟତକୁ ମଧ୍ୟ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ । ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ବର୍ଗରେ ଗଞ୍ଜାମ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ପୁରସ୍କାର ବାବଦରେ ଗଞ୍ଜାମକୁ ୩ କୋଟି ଟଙ୍କାର ପୁରସ୍କାର ମିଳିବ।

ଦେଶର ଗ୍ରାମାଞ୍ଚଳରେ ସମାବେଶୀ, ଅନ୍ତର୍ଭୁକ୍ତିମୂଳକ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ପଞ୍ଚାୟତି ରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇ ଆସୁଛି । ଏହି ପୁରସ୍କାର ଜରିଆରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତଗୁଡ଼ିକୁ ଜାତୀୟ ସ୍ତରର ମାନ୍ୟତା ଏବଂ ଆର୍ଥିକ ପ୍ରୋତ୍ସାହନ ମିଳିଥାଏ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ...

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଦଳର ଅନେକ ଶୀର୍ଷ ନେତୃତ୍ୱ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗଣତାନ୍ତ୍ରିକ ପ୍ରୋଟୋକଲ୍ ଅନୁଯାୟୀ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା। ଶୁଭେନ୍ଦୁ ଅଧିକାରୀଙ୍କ ସହ ଆଉ ୫ ଜଣ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି: ଦିଲ୍ଲୀପ ଘୋଷ, ଅଗ୍ନିମିତ୍ରା ପଲ୍, ନିଶିଥ ପ୍ରାମାଣିକ, ଶଙ୍କର ଘୋଷ। ଶପଥ ଗ୍ରହଣ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଶୁଭେନ୍ଦୁ ଅଧିକାରୀ ଏକ ଖୋଲା ଜିପ୍‌ରେ ଭବ୍ୟ ଶୋଭାଯାତ୍ରାରେ ବିଗ୍ରେଡ ପଡ଼ିଆରେ ପହଞ୍ଚିଥିଲେ। ଗାଡ଼ିରି ଆଗରେ ପଛରେ ହଜାର ହଜାର ବିଜେପି ସମର୍ଥକ ସାମିଲ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଜାରି ରହିଥିଲା। ଶପଥ ସମାରୋହର ମଞ୍ଚକୁ ଭବ୍ୟ ଏବଂ ଦିବ୍ୟ ଭାବେ ପ୍ରସ୍ତୁତ କରାଯାଇଥିଲା। ଏଥିରେ ମା’ କାଳୀଙ୍କ ମନ୍ଦିର ଶୋଭାପାଇଥିଲା। ସେହିପରି ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟାଗୋରଙ୍କ ଫଟୋ ମଧ୍ୟ ଶୋଭାପାଇଥିଲା। ଶପଥ ଗ୍ରହଣ କରିବା ପୂର୍ବରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଫଟୋଚିତ୍ରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଶୁଭେନ୍ଦୁ ଅଧିକାରୀ ପୁଷ୍ପାଞ୍ଜଳି ଦେଇଥିଲେ। ଏହି ନିର୍ବାଚନରେ ବିଜେପି ୨୯୪ଟି ଆସନ ବିଶିଷ୍ଟ ବିଧାନସଭାରେ ୨୦୭ଟି ଆସନ ଜିତି ପ୍ରଚଣ୍ଡ ବହୁମତ ହାସଲ କରିଛି। ଅନ୍ୟପଟେ ମମତା ବାନାର୍ଜୀଙ୍କ ଟିଏମ୍‌ସି ମାତ୍ର ୮୦ଟି ଆସନରେ ସୀମିତ ରହିଯାଇଛି। ସବୁଠାରୁ ବଡ଼ କଥା ହେଉଛି, ଶୁଭେନ୍ଦୁ ଅଧିକାରୀ ଭବାନୀପୁର ଆସନରେ ସ୍ୱୟଂ ମମତା ବାନାର୍ଜୀଙ୍କୁ ପରାସ୍ତ କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଗତ ୮ ମେ’ରେ ଅମିତ ଶାହ କୋଲକାତା ଗସ୍ତ ସମୟରେ ବିଧାୟକ ଦଳର ବୈଠକରେ ଶୁଭେନ୍ଦୁଙ୍କ ନାମ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରିଥିଲେ। ଏହା ପରେ ଶୁଭେନ୍ଦୁ ରାଜ୍ୟପାଳଙ୍କୁ ଭେଟି ବିଧାୟକମାନଙ୍କ ସମର୍ଥନ ପତ୍ର ପ୍ରଦାନ କରି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ।

## ୧୧ରୁ ଭିତର ରତ୍ନଭଣ୍ଡାର...

ଯାଇ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଅଳଙ୍କାରର ଗଣତି କାର୍ଯ୍ୟ ଶେଷ ହୋଇଛି। ରତ୍ନ ଅଳଙ୍କାର ଗଣତି ମଣତି ସମୟରେ ଶ୍ରୀମନ୍ଦିରର ବଣିଆ ସେବକ, ରତ୍ନ ବିଶାରଦ ଏବଂ ଆରବିଆଇ ଅଧିକାରୀ ଉପସ୍ଥିତ ରହୁଛନ୍ତି। ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ସମସ୍ତ ଗଣତିମଣତି କାର୍ଯ୍ୟ କରାଯିବା ସହ ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି ଏବଂ ଫଟୋଗ୍ରାଫି କରାଯାଉଛି। ଗଣତି ମଣତି ସମୟରେ ଭକ୍ତମାନେ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ଦେଶର ପରବର୍ତ୍ତୀ ସିଡିଏସ୍ ହେବେ...

ବାହିନୀର କମାଣ୍ଡ ହେବେ। କେନ୍ଦ୍ର ସରକାର ଲେଫ୍ଟନାଣ୍ଟ ଜେନେରାଲ ଏନ.ଏସ. ରାଜା ସୁବ୍ରମଣି (ଅବସରପ୍ରାପ୍ତ)ଙ୍କୁ ଦେଶର ପରବର୍ତ୍ତୀ ପ୍ରତିରକ୍ଷା ମୁଖ୍ୟ (ସିଡିଏସ୍) ଭାବରେ ନିଯୁକ୍ତ କରିଛନ୍ତି। ସେ ବର୍ତ୍ତମାନର ସିଡିଏସ୍ ଜେନେରାଲ ଅନିଲ ଚୌହାନଙ୍କ ସ୍ଥାନ ନେବେ, ଯାହାଙ୍କ କାର୍ଯ୍ୟକାଳ ଆସନ୍ତା ୩୦ରେ ଶେଷ ହେଉଛି। କାର୍ଯ୍ୟଭାର ଗ୍ରହଣ କରିବା ପରେ, ଲେଫ୍ଟନାଣ୍ଟ ଜେନେରାଲ ସୁବ୍ରମଣି ସାମରିକ ବ୍ୟାପାର ବିଭାଗର ସଚିବ ଭାବରେ ମଧ୍ୟ କାର୍ଯ୍ୟ କରିବେ।

## ରାଜ୍ୟରେ ୭ଟି ମହିଳା ଫାଷ୍ଟଟ୍ରାକ୍...

ସବୁ ସମୁଦାୟଙ୍କୁ ଅନୁଶୀଳନ କରି ଯୋଜନା ପ୍ରସ୍ତୁତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନୀୟ ଭାଷାରେ ନିଜ ଅଧିକାର ସହ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଯୁବକେନ୍ଦ୍ରିକ ନୀତି ପ୍ରଣୟନ ଉପରେ ସରକାର ବିଚାର କରୁଛନ୍ତି। ଅନ୍ୟ ପକ୍ଷରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ କୋର୍ଟ ସହ ସାଇବର ଅପରାଧକୁ ରୋକିବା ଏବଂ ତୁରନ୍ତ ଦଣ୍ଡବିଧାନ ନିମିତ୍ତ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି। ତେଣୁ କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ୍ ମ୍ୟାପ୍ କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆଇନ ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପରିବର୍ତ୍ତିତ ସାମାଜିକ ପରିସ୍ଥିତି ସହ ଆଇନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ସଂଖ୍ୟାଗତ ହାର, ଅର୍ଥନୈତିକ ଅଭିବୃଦ୍ଧି, ସମାଧାନ ସମାରୋହ ମାଧ୍ୟମରେ ସମସ୍ୟାର ସମାଧାନ ଆଦି ବିଷୟରେ ନିଜର ମତ ରଖିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରୋଡ୍ ନେଟ୍‌ୱାର୍କ, ପର୍ଯ୍ୟଟନ, ଆଇଟି କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ରାଜ୍ୟର ଅଭିବୃଦ୍ଧି ବର୍ଣ୍ଣନା କରିବା ସହ ଜନସାଂଖ୍ୟିକ ପରିବର୍ତ୍ତନ କେବଳ ଜନସଂଖ୍ୟା ନୁହେଁ, ଏହା ପରିବାର, ସାମାଜିକ ସୁରକ୍ଷା, ନ୍ୟାୟ ବ୍ୟବସ୍ଥା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ ଭବିଷ୍ୟତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କହିଲେ ଯେ ଆଜିର ସମାଜରେ ପରିବର୍ତ୍ତିତ ପରିବାର ବ୍ୟବସ୍ଥା, ଦାୟିତ୍ୱ ଓ ସାମାଜିକ ପରିସ୍ଥିତି ଯୋଗୁଁ ଅଦାଲତରେ ମାମଲା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଇନର ବ୍ୟାଖ୍ୟା ପରିବର୍ତ୍ତିତ ପରିସ୍ଥିତି ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ ଏବଂ ସାଧାରଣ ଲୋକ ବୁଝିବା ଭଳି ଆଇନ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ୟୁଏନ୍‌ଏଫ୍‌ପିଏର ଓଡ଼ିଶା ମୁଖ୍ୟ ନଦୀମ୍ ନୁର୍ ଜନସାଂଖ୍ୟିକ ପରିବର୍ତ୍ତନରେ ସାମାଜିକ କାର୍ଯ୍ୟପ୍ରଣାଳୀ ଏବଂ ନ୍ୟାୟ ବ୍ୟବସ୍ଥାରେ ଏହାର ପ୍ରତିଫଳନ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ୟୁଏନ୍‌ଏଫ୍‌ପିଏର ସୂର୍ଯ୍ୟପ୍ରକାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସମେତ ବହୁ ବିଶେଷଜ୍ଞ ଜନସାଂଖ୍ୟିକ ପରିବର୍ତ୍ତନ ନେଇ ଆୟୋଜିତ ବିଭିନ୍ନ ବିଷୟରେ ସେମାନଙ୍କର ସୁଚିନ୍ତିତ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବୃଦ୍ଧାବସ୍ଥା, ପରିବର୍ତ୍ତିତ ପରିବାର ବ୍ୟବସ୍ଥା, କିଶୋର ଅବସ୍ଥା, ସହାୟକ ପ୍ରଜନନ ପ୍ରଯୁକ୍ତି, ଯତ୍ନ, ଦାୟିତ୍ୱ ଓ ପ୍ରତିଷ୍ଠାନଗତ ପ୍ରତିକ୍ରିୟା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

## ଭାଇସ୍ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନ...

୩୧ ତାରିଖରେ କାର୍ଯ୍ୟଭାର ଗ୍ରହଣ କରିବେ। ସେ ବର୍ତ୍ତମାନ ମୁମ୍ବାଇରେ ପଶ୍ଚିମ ନୌସେନା କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ ଇନ୍ ଚିଫ୍ ଭାବରେ କାର୍ଯ୍ୟ କରୁଛନ୍ତି। ଭାଇସ୍ ଆଡମିରାଲ୍ ସ୍ୱାମୀନାଥନ ୨୦୨୮ ଡିସେମ୍ବର ୩୧ ପର୍ଯ୍ୟନ୍ତ ନୌସେନା ମୁଖ୍ୟ ଭାବେ କାର୍ଯ୍ୟ କରିବେ। ଭାରତୀୟ ନୌସେନାର ଜଣେ ଦକ୍ଷ ଅଧିକାରୀ, ଭାଇସ୍ ଆଡମିରାଲ୍ ସ୍ୱାମୀନାଥନଙ୍କୁ ୧୯୮୭ ଜୁଲାଇ ୧ରେ ଫୋର୍ସରେ କମିଶନ କରାଯାଇଥିଲା। ତାଙ୍କର କ୍ୟାରିୟର ମଧ୍ୟରେ ସେ ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧରେ ବିଶେଷଜ୍ଞତା ହାସଲ କରିଛନ୍ତି ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ପରିଚାଳନା ଏବଂ ନେତୃତ୍ୱ ନିଯୁକ୍ତି ହାସଲ କରିଛନ୍ତି।

## ଅଗ୍ନି କ୍ଷେପଣାସ୍ତ୍ରର...

ଟେଲିମେଟ୍ରି ଓ ଟ୍ରାକିଂ ସିଷ୍ଟମ୍ ମାଧ୍ୟମରେ ପରୀକ୍ଷଣ ଆରମ୍ଭରୁ ସମସ୍ତ ୱାରହେଡ୍ ଲକ୍ଷ୍ୟଭେଦ କରିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାକୁ ଟ୍ରାକ୍ କରାଯାଇଥିଲା। ଏହି ପରୀକ୍ଷଣ ପାଇଁ ନିର୍ଦ୍ଧାରିତ ସମସ୍ତ ମିଶନ୍ ଲକ୍ଷ୍ୟ ସଫଳତାର ସହ ପୂରଣ ହୋଇଥିବା ଉଡ଼ାଣ ତଥ୍ୟରୁ ସୂଚନା ମିଳିଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ ଶନିବାର ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏହି ମିଶାଇଲ୍ ବ୍ୟବସ୍ଥାକୁ ଦେଶର ବିଭିନ୍ନ ଶିଳ୍ପ ସଂସ୍ଥାଙ୍କ ସହଯୋଗରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥାନ (ଡିଆରଡିଓ)ର ବିଭିନ୍ନ ପରୀକ୍ଷାଗାର ଦ୍ୱାରା ବିକଶିତ କରାଯାଇଛି। ପରୀକ୍ଷଣ ସମୟରେ ଡିଆରଡିଓର ବରିଷ୍ଠ ବୈଜ୍ଞାନିକ ଓ ଭାରତୀୟ ସେନାର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ସଫଳ ପରୀକ୍ଷଣ ପାଇଁ ଭାରତୀୟ ସେନା ଏବଂ ଏଥିରେ ଜଡ଼ିତ ଶିଳ୍ପ ସଂସ୍ଥାଗୁଡିକୁ ଅଭିନନ୍ଦନ ଜଣାଇଛନ୍ତି। ସମ୍ପ୍ରତି ଭାରତ ପାଇଁ ବଢୁଥିବା ସୁରକ୍ଷା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଏହି ସଫଳତା ଦେଶର ରକ୍ଷା ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ଏବଂ ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି କାମତ ମଧ୍ୟ ସଫଳ ପରୀକ୍ଷାରେ ଜଡ଼ିତ ବୈଜ୍ଞାନିକ ଓ ପ୍ରାୟୋଗିକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ହର୍ମୁଜ ନିକଟରେ କ୍ରସ୍-ଫାୟାରିଂରେ...

ନାବିକ ଥିବା ଏହି ମାଲବାହୀ ଜାହାଜଟି ଆକ୍ରମଣର ଶିକାର ହୋଇ ଏଥିରେ ନିଆଁ ଲାଗିଯାଇଥିଲା। ଆକ୍ରମଣ ସମୟରେ ଅଲତାଫ କେର ଜାହାଜର ଇଞ୍ଜିନ ରୁମ୍ ନିକଟରେ ଉପସ୍ଥିତ ଥିଲେ। ଅନ୍ୟ ଏକ ଜାହାଜ ପ୍ରେମ୍ ସାଗର କ୍ଷତିଗ୍ରସ୍ତ ଜାହାଜ ନିକଟରେ ପହଞ୍ଚି ଅନ୍ୟ ୧୭ ଜଣ ଭାରତୀୟ ନାବିକଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ନାବିକଙ୍କୁ ଦୁବାଇ ନିଆଯାଇଥିଲା। ପାରସ୍ୟ ଉପସାଗର ଓ ଓମାନ ଉପସାଗର ମଝିରେ ଥିବା ହର୍ମୁଜ ପ୍ରଣାଳୀରେ ପୁଣି ଥରେ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଚାରି ଜଣ ଭାରତୀୟ ନାବିକ ଆହତ ହୋଇଥିବାବେଳେ ଦୁବାଇରେ ସେମାନେ ଚିକିତ୍ସିତ ହେଉଛନ୍ତି ଓ ସୁରକ୍ଷିତ ଅଛନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଦୁବାଇସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଅଧିକାରୀ ଉଦ୍ଧାର ହୋଇଥିବା ଭାରତୀୟ ନାବିକଙ୍କୁ ଗତ ରାତିରେ ଭେଟିଥିଲେ। ସୂତ୍ର ଅନୁଯାୟୀ ଭାରତର ବାଣିଜ୍ୟିକ ଦୂତାବାସ ଡଙ୍ଗା ମାଲିକଙ୍କ ସହିତ ଯୋଗାଯୋଗରେ ଅଛନ୍ତି ଓ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ କହିଛନ୍ତି।

## ସମାଧାନ ଆଡ଼କୁ ଯାଉଛି ମହାନଦୀ...

ପାଇଁ ଅଦାଲତ ଯାଇଥିଲେ। ୭ ବର୍ଷ ଭିତରେ ଅଦାଲତି କାର୍ଯ୍ୟ କିଛି ଆଗେଇ ନଥିଲା। ଆପୋଷ ବୁଝାମଣା ପାଇଁ ସମ୍ମତି ଦେଇଥିବାରୁ ଟ୍ରିବ୍ୟୁନାଲଙ୍କୁ ଧନ୍ୟବାଦ ଦେଇଛନ୍ତି ଶ୍ରୀ ଆଚାର୍ଯ୍ୟ।

# ଓସିପି, ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡଙ୍କ ଦ୍ୱାରା ଆମ୍ବୁଲାନ୍ସ ପ୍ରଦାନ




**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍, ତାଲାବିରା ଆଇଆଇ ଏବଂ ଆଇଆଇଆଇ ଓସିପି, ଏହାର ସିଏସ୍‌ଆର୍ ପଦକ୍ଷେପ ଅଧୀନରେ ଶନିବାର ସମ୍ବଲପୁର ଜିଲ୍ଲା ପ୍ରଶାସନକୁ ଗୋଟିଏ ମୌଳିକ ଜୀବନ ସହାୟକ ଆମ୍ବୁଲାନ୍ସ ପ୍ରଦାନ କରିଛି, ଯାହା ସ୍ଥାନୀୟ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଛି। ସମ୍ବଲପୁରରେ ଆୟୋଜିତ ଏକ ଆନୁଷ୍ଠାନିକ ଉତ୍ସବରେ ଧର୍ମେନ୍ଦ୍ର ପ୍ରଧାନ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରୀ, ପଞ୍ଚାୟତିରାଜ, ପାନୀୟ ଜଳ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ ଜଗଦୀଶ ଚନ୍ଦ୍ର ମଜୁମଦାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ପ୍ରକଳ୍ପ ମୁଖ୍ୟ, ତାଲାବିରା ଆଇଆଇ ଏବଂ ଆଇଆଇଆଇ ଓସିପି, ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡଙ୍କ ଦ୍ୱାରା ଆମ୍ବୁଲାନ୍ସକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ବିଧାୟକ ଜୟନାରାୟଣ ମିଶ୍ର ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡର ଏହି ଅଞ୍ଚଳରେ ନିରନ୍ତର ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ବିକାଶ କାର୍ଯ୍ୟକଳାପ ପାଇଁ ପ୍ରଶଂସା କରିଥିଲେ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଗଠନ ଦ୍ୱାରା ସୃଷ୍ଟି ହୋଇଥିବା ସକାରାତ୍ମକ ପ୍ରଭାବକୁ ସ୍ୱୀକାର କରିଥିଲେ। ରଘୁନାଥ ବେହେରା, ସିଜିଏମ/ଭୂମି, ମାନବ ସମ୍ବଳ ଏବଂ ସିଏସଆର ବିଭାଗ ଏବଂ ସମ୍ବଲପୁର ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ସହିତ କାର୍ଯ୍ୟକ୍ରମର ସଫଳ ପରିଚାଳନାକୁ ସମନ୍ୱୟ ଏବଂ ସୁନିଶ୍ଚିତ କରିଥିଲେ।

# ଶୁଭେନ୍ଦୁ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଶୁଭେନ୍ଦୁ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ ଆଶା ବ୍ୟକ୍ତ କରିଛନ୍ତି ଯେ, ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ଉନ୍ନତିର ନୂତନ ଶିଖରକୁ ସ୍ପର୍ଶ କରିବ। ନବୀନ ପଟ୍ଟନାୟକ ରାଜ୍ୟ ସରକାରକୁ ଜନକଲ୍ୟାଣ ଏବଂ ସାମଗ୍ରିକ ବିକାଶ ପାଇଁ ସଫଳତାର ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି।

# ବରିଷ୍ଠ ସିଟୁ ନେତା ବିଷ୍ଣୁ ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବରିଷ୍ଠ ଟ୍ରେଡ୍ ୟୁନିୟନ୍ ନେତା ଏବଂ ସେଂଟର ଫର ଇଂଡିଆନ ଟ୍ରେଡ ୟୁନିୟନ (ସିଟୁ)ର ଅଖିଳ ଭାରତ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କର ଶୁକ୍ରବାର ଭୋର ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ୭୪ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ଦୀର୍ଘଦିନ ଧରି ଡାଇବେଟିସ୍ ସମ୍ବନ୍ଧୀୟ ଜଟିଳତାରେ ପୀଡ଼ିତ ଥିଲେ ଏବଂ ଚିକିତ୍ସାଧୀନ ଥିଲେ। ବିଷ୍ଣୁ ମହାନ୍ତି ଓଡ଼ିଶାର ଶ୍ରମିକ ଆନ୍ଦୋଳନର ଏକ ସଶକ୍ତ ଏବଂ ପ୍ରଭାବଶାଳୀ ଚେହେରା ଥିଲେ। ସେ ଛାତ୍ର ରାଜନୀତିରୁ ନିଜ ସାର୍ବଜନୀନ ଜୀବନ ଆରମ୍ଭ କରିଥିଲେ ଏବଂ ଏସଏଫଆଇ ସହ ସକ୍ରିୟ ଭାବେ ଜଡିତ ଥିଲେ। ଛାତ୍ରଜୀବନରେ ସେ ରାଉରକେଲା ସରକାରୀ କଲେଜ ଛାତ୍ର ସଂଘର ତିନିଥର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଏହା ସହିତ ସେ ରାଉରକେଲା ଲ’ କଲେଜ ଛାତ୍ର ସଂଘର ସଭାପତି ପଦକୁ ମଧ୍ୟ ତିନିଥର ଅଳଙ୍କୃତ କରିଥିଲେ। ପରେ ସେ ସିପିଏମ ର ରାଜ୍ୟ ସଚିବମଣ୍ଡଳର ବରିଷ୍ଠ ସଦସ୍ୟ ହୋଇଥିଲେ। ସେ ଓଡ଼ିଶାରେ ସିଟୁର ରାଜ୍ୟ ସାଧାରଣ ସମ୍ପାଦକ ଏବଂ ଜାତୀୟ ଉପାଧ୍ୟକ୍ଷ ଭାବେ ଦୀର୍ଘ ସମୟ ଧରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଳନ କରିଥିଲେ। ସୁନ୍ଦରଗଡ଼ ସହିତ ରାଜ୍ୟର ବିଭିନ୍ନ ଶ୍ରମିକ ସଂଗଠନରେ ସେ ସଭାପତି ଓ ସାଧାରଣ ସମ୍ପାଦକ ଭାବେ ନେତୃତ୍ୱ ଦେଇଥିଲେ।

# ତାଳଚେର ସାଂସ୍କୃତିକ ପରିଷଦ ପକ୍ଷରୁ ‘ବୈଶାଖୀ ଆସର’



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ତାଳଚେର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ବୁଦ୍ଧମନ୍ଦିର ଠାରେ ବୈଶାଖୀ ଆସର ଅନୁଷ୍ଠିତ ହେଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସଭାରେ ଡକ୍ଟର ଦେବାଶିଷ ମହାପାତ୍ର ମୁଖ୍ୟ ଅତିଥି ଓ ଡକ୍ଟର ଶାନ୍ତନୁ କୁମର ରଥ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ଓ ଅନୁଷ୍ଠାନ ର ଉପସଭାପତି ଭବାନୀ ଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଭବାନୀ ଶଙ୍କର ମିଶ୍ର ପ୍ରଥମେ ଅନୁଷ୍ଠାନ ବିଷୟରେ ସୂଚନା ଦେଇ ପ୍ରତି ମାସରେ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦେଇଥିଲେ। ଏହି ଉପଲକ୍ଷେ ଏକ ବୌଦ୍ଧିକ ଆଲୋଚନା ଧର୍ମ ଓ ସାମ୍ପ୍ରତିକ ସାମାଜିକ ସ୍ଥିତି ଉପରେ ଏହାର ପ୍ରଭାବ ଉପରେ ଦେବାଶିଷ ମହାପାତ୍ର ଓ ମୁଖ୍ୟ ବକ୍ତା ଡକ୍ଟର ଶାନ୍ତନୁ କୁମାର ରଥ ବକ୍ତବ୍ୟ ରଖିଥିଲେ। ସେ ଉପନିଷଦରୁ ଆରମ୍ଭ କରି ବର୍ତ୍ତମାନ ସମୟରେ ତାର ପ୍ରାସଙ୍ଗିକତା ଉପରେ ଖୁବ୍ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ସବିତା ଷଡଙ୍ଗୀ ଓ ମନୋଜ ହୋତା ଭଜନ ଗାନ କରିଥିବା ବେଳେ ମୁକୁନ୍ଦ ଶତପଥୀ ସଂଳାପ ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ସଦସ୍ୟ ସତ୍ୟବ୍ରତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ଅନୁଷ୍ଠାନର ସଦସ୍ୟ ପରିତୋଷ ପାତ୍ର, ଡାକ୍ତର ବସନ୍ତ କୁମାର ମିଶ୍ର, ଡକ୍ଟର ସୌରେନ୍ଦ୍ର କୁମାର ମହାପାତ୍ର, ଦେବୀ ପ୍ରସାଦ ମିଶ୍ର, ସୁବାସ ବର୍ମା, ଗିରିଶ ଚନ୍ଦ୍ର ପ୍ରଧାନ, ପ୍ରେମାନନ୍ଦ ସାହୁ, ତରୁଲତା ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ। ସଦସ୍ୟ ମୁକୁନ୍ଦ ଶତପଥୀ ସଭା ପରିଚାଳନା କରିଥିଲେ।

# ଦିଲ୍ଲୀ ବିଜେପି ଅଫିସ ଉପରେ ଆତଙ୍କବାଦୀ ଆକ୍ରମଣ ଆଲର୍ଟ: ସୁରକ୍ଷା କଡ଼ାକଡ଼ି, ତଦନ୍ତକାରୀ ଏଜେନ୍ସି ସଜାଗ




**ନୂଆଦିଲ୍ଲୀ :**

ଦିଲ୍ଲୀରେ ରାଜ୍ୟ ବିଜେପି କାର୍ଯ୍ୟାଳୟ ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ସତର୍କତା ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି, ଆଖପାଖ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆତଙ୍କବାଦୀମାନେ ଡିଡିୟୁ ମାର୍ଗରେ ଥିବା ଦିଲ୍ଲୀ ବିଜେପି ମୁଖ୍ୟାଳୟ ଏବଂ ନିକଟବର୍ତ୍ତୀ ସରକାରୀ କାର୍ଯ୍ୟାଳୟକୁ ଟାର୍ଗେଟ କରିପାରନ୍ତି । ଖବର ପାଇବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ପୂର୍ଣ୍ଣ ସତର୍କତା ଜାରି କରାଯାଇଛି । ଦିଲ୍ଲୀ ପୋଲିସ ସହିତ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯାଇଛି । ଏଜେନ୍ସି ଦ୍ୱାରା ପ୍ରାପ୍ତ ଇନପୁଟ୍ ରୁ ଜଣାପଡିଛି ଯେ ଆତଙ୍କବାଦୀ ସଂଗଠନଗୁଡ଼ିକ ଦିଲ୍ଲୀ ବିଜେପି କାର୍ଯ୍ୟାଳୟ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିପାରନ୍ତି । ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି, ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ସମଗ୍ର ଅଞ୍ଚଳରେ ପ୍ରଚୁର ପରିମାଣରେ ପୋଲିସଙ୍କୁ ମୁତୟନ କରାଯାଇଛି । ଏହି ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନଗୁଡ଼ିକ କାର୍ ବୋମା, ଗୁଳି ବିନିମୟ, ଆଇଇଡି ପ୍ଲାଣ୍ଟେସନ୍ ଏବଂ ଆତ୍ମଘାତୀ ବିସ୍ଫୋରଣ ଭଳି ରଣନୀତି ଗ୍ରହଣ କରିପାରନ୍ତି । ସତର୍କତା ପରେ, ତଦନ୍ତକାରୀ ଏଜେନ୍ସିଗୁଡ଼ିକ ନିରନ୍ତର ସତର୍କତା ବଜାୟ ରଖିଛନ୍ତି । ଲୋକଙ୍କୁ ସୁରକ୍ଷିତ ଭାବରେ ରହିବାକୁ ମଧ୍ୟ ଅନୁରୋଧ କରାଯାଇଛି ।ଦିଲ୍ଲୀ ପୋଲିସ ଏବଂ ସ୍ଥାନୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଦ୍ୱାରା ଜାରି କରାଯାଇଥିବା ସତର୍କ ସୂଚନା ପରେ, କାର୍ଯ୍ୟାଳୟ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି । ଅଞ୍ଚଳର ବାସିନ୍ଦାମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଶାସନ ବାସିନ୍ଦାମାନଙ୍କୁ ଘର ଭିତରେ ରହିବା ଏବଂ ସୁରକ୍ଷିତ ସ୍ଥାନରେ ରଖିବାକୁ ଅପିଲ୍ କରିଛି ।

# ଓଡ଼ିଶା ପୋଲିସ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ବିଫଳ : କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଆଜି ସର୍ବନିମ୍ନ ସ୍ତରକୁ ଚାଲି ଯାଇଛି। ସାରା ରାଜ୍ୟ ଆଜି ଅପରାଧ ପ୍ରବଣ ହୋଇପଡିଛି । ଅପରାଧୀ ମାନେ ନିର୍ଭୟରେ ଗୋଟିଏ ପରେ ଗୋଟିଏ ଅତି ନୃଶଂସ ବର୍ବର ଓ ଅତି ଅମାନବୀୟ ହତ୍ୟା ଘଟଣା ଘଟାଉଛନ୍ତି କିନ୍ତୁ ରାଜ୍ୟ ପୋଲିସ ଓ ରାଜ୍ୟ ସରକାର ଅପରାଧୀଙ୍କୁ ନିୟନ୍ତ୍ରଣ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ ଅଭିଯୋଗ କରିଛନ୍ତି । ସାଧାରଣ ଲୋକ ଭୟରେ ବାହାରକୁ ଯିବାକୁ ଚାହୁଁନାହାନ୍ତି। ପୁଲିସ କମିଶନରଙ୍କ ନାକନିଶ ତଳେ ଜଘନ୍ୟ ଅପରାଧ ଘଟୁଛି କିନ୍ତୁ ଅପରାଧ ଘଟୁଥିବା ସ୍ଥାନରେ ପୋଲିସ ର ଦେଖାମିଳୁନାହିଁ। ଏହା ଅତ୍ୟନ୍ତ ଉଦବେଗ ର ବିଷୟ। ଏଥିପାଇଁ ଏ ଅପାରଗ ସରକାର ସଂପୂର୍ଣ୍ଣ ଦାୟୀ ସେ କହିଛନ୍ତି।

ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ଏ ରାଜ୍ୟର ପୋଲିସ ପ୍ରଶାସନରପ୍ରାଥମିକ ଦାୟିତ୍ୱ ଜନସାଧାରଣଙ୍କୁ ସୁରକ୍ଷା ଦେବା କିନ୍ତୁ ଆଜି ପୋଲିସ ପ୍ରଶାସନ ଅପରାଧୀ ଓ ଅପରାଧୀତତ୍ୱ ମାନଙ୍କୁ ସୁରକ୍ଷା ଦେବାରେ ବ୍ୟସ୍ତ। ଗତ ତିନିଦିନ ତଳେ ବାଲିଅନ୍ତାରେ ପୋଲିସ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଯେଉଁଭଳି ଭାବରେ ପିଟି ପିଟି ମା’ ଏଭଳି ଭିଡ ହିଂସାରେ ସାରା ରାଜ୍ୟରେ ବହୁ ନିରିହ ଜୀବନ ଗଲାଣି । ବାଲେଶ୍ୱର ଜିଲ୍ଲାରେ ଗୋଚାଲାଣ କାରବାର ଆରୋପ ଲଗାଇ ଜଣେ ମୁସଲିମ ଯୁବକଙ୍କୁ ପିଟି ପିଟି ମାରିଦିଆଗଲା, ମୟୁରଭଞ୍ଜ ଜିଲ୍ଲା ଢେଙ୍କାନା. ଗଞ୍ଜାମ, ପୁରୀ ଜିଲ୍ଲାର କଣାସ ଓ ସମ୍ବଲପୁର ଭଳି ଅନେକ ଜିଲ୍ଲାରେ ଏଭଳି ଘଟଣା ଘଟୁଛି ଓ ଲୋକଙ୍କୁ ମାରିଦିଆଯାଉଛି। ୨୦୨୪ ଏନସିଆରବି ରିର୍ପୋଟର ତଥ୍ୟ ଅନୁସାରେ ଓଡିଶା ଆଜି ଭାରତବର୍ଷର ପ୍ରଥମ ରାଜ୍ୟ ଯେଉଁଠି ସଂଗଠିତ ଅପରାଧ ମହିଳା ମାନଙ୍କପ୍ରତି ହେଉଛି ଯଥା ଦୁଷ୍କର୍ମ ଗଣଦୁଷ୍କର୍ମ, ହତ୍ୟ ଓ ଅପହରଣ । ରାଜ୍ୟରେ ଏକ ଲକ୍ଷ ମହିଳାଙ୍କ ମଧ୍ୟର ୧୬୧. ୬ ଜଣଙ୍କ ଉପରେ ଏଭଳି ଅପରାଧ ଘଟୁଛି ବୋଲି ଏହି ରିର୍ପୋଟରୁ ପ୍ରକାଶ । ଅନ୍ୟ ରାଜ୍ୟକୁ ନାବାଳିକା ଓ ମହିଳା ଚାଲାଣ ରେ ଓଡିଶା ସାରା ଦେଶରେ ପ୍ରଥମ ରାଜ୍ୟର ମାନ୍ୟତା ପାଇଛି । ଏପରିକି ବିହାର ରେ ମହିଳା ଙ୍କ ଉପରେ ଘଟୁଥିବା ଅପରାଧଠାରୁ ଓଡିଶା ରେ ୨ଗୁଣା ଅଧିକ ଅପରାଧ ଘଟିଛି ।

ମୁଖପାତ୍ର ଶ୍ରୀ କୃଷ୍ଣଚନ୍ଦ୍ର ପତି କହିଲେ ଦୀର୍ଘ ଦିନ ଧରି ପୋଲିସ କର୍ମଚାରୀଙ୍କ ବଦଳି ହେଉନାହାନ୍ତି। କମିସନରେଟ ପୋଲିସର ସ୍ଲୋଗାନ ଉଇଡେୟାର ଉଇ କେୟାର କୁଆଡେ ଗଲା ? ରାଜ୍ୟ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିବା ସହିତ ଡିଜି ଙ୍କ ଇସ୍ତଫା ଦାବି କରିଛି। ଅପରାଧୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ରାଜ୍ୟ କଂଗ୍ରେସ ଦାବୀ କରିଛି ।

ଭୁବନେଶ୍ୱର, ୧୦ ମଇ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରଥଖଳା ହାଲ୍‌ଚାଲ୍ : ଭଉଁରୀ ଉତ୍ସବରେ ରଥର ଚକ-ଅଖ ଡେରା ନୀତି ସମ୍ପନ୍ନ

**ପୁରୀ, ୯/୦୫**
**ନ୍ୟୁଜ ବ୍ୟୁରୋ**

ଶନିବାର ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ । ଏହି ଅବସରରେ ତିନି ରଥର ଛଅଟି ନାହାକ ଚକ ସହ ତିନୋଟି ଅଖ ସଂଯୋଗର ଶୁଭ ଅନୁକୂଳ କରାଯାଇଛି । ଶ୍ରୀମନ୍ଦିରରୁ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ଆଜ୍ଞାମାଳ ଅଣାଯିବା ପରେ ବିଶ୍ୱକର୍ମା ଓ ଭୋଇ ସେବକଙ୍କ ସହାୟତାରେ ଏହି ଚକ ଅଖ ସଂଯୋଗ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ପ୍ରତ୍ୟେକ ରଥର ୨ଟି ଲେଖାଏଁ ଚକରେ ଗୋଟିଏ ଲେଖାଏଁ ଅଖ ସଂଯୋଗ କରାଯାଇଥିବା ବେଳେ ଆଗକୁ ସମୁଦାୟ ୪୨ଟି ଚକ ଓ ୨୧ଟି ଅଖର କାର୍ଯ୍ୟ ଆରମ୍ଭ କରାଯିବ। ଆରମ୍ଭ ହୋଇଛି ରଥ ନିର୍ମାଣର ଆଉ ଏକ ପର୍ଯ୍ୟାୟ କାର୍ଯ୍ୟ। ଅକ୍ଷୟ ତୃତୀୟା ଅବସରରେ ରଥ ନିର୍ମାଣ ଅନୁକୂଳ କରାଯାଇଥିବା ବେଳେ ଶନିବାର ପବିତ୍ର ଭଉଁରୀରେ ତିନି ରଥର ଚକ ଓ ଅଖ ସଂଯୋଗର ଅନୁକୂଳ



କରାଯାଇଛି। ପରମ୍ପରା ଅନୁଯାୟୀ ଶନିବାର ଭଉଁରୀ ଅବସରରେ ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପୂଜାପଣ୍ଡା ସେବକ ମାନେ ତିନିରଥ ପାଇଁ ଆଜ୍ଞାମାଳ ଆଣି ରଥଖଳାରେ ପହଞ୍ଚିଥିଲେ । ବିଶ୍ୱକର୍ମା ମହାରଣାମାନେ ନିର୍ମାଣ କରିଥିବା ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଚକ ସହ ଅଖର ସଂଯୋଗ କରିଥିଲେ ଭୋଇ ସେବକ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଉପସ୍ଥିତିରେ ଏହି ଅନୁକୂଳ କାର୍ଯ୍ୟ ବେଶ୍ ସୁରୁଖୁରୁରେ ସଂପନ୍ନ ହୋଇଥିଲା । ମହାପ୍ରଭୁଙ୍କ ରଥ ନିର୍ମାଣ ଓ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଚଳିତ ବର୍ଷ ଭକ୍ତଙ୍କ ଗହଣରେ ଶୃଙ୍ଖଳିତ ଭାବେ ହେବା ନେଇ ମହାପ୍ରଭୁଙ୍କ ପାଖରେ ସଭିଏଁ ପ୍ରାର୍ଥନା କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ଭଉଁରୀ ତିଥିରେ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଠାରୁ ଆଜ୍ଞା ମାଳ ଆସିବା ପରେ ଚକ ଅଖ ଡେରା ନୀତି ଅନୁଷ୍ଠିତ ହୋଇଯାଇଛି । ସବୁ ସେବକଙ୍କ ସହଯୋଗରେ ଏହା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି । ଆଗାମୀ ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ଅଛି। ଆମେ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଛୁ ସବୁ କିଛି କାର୍ଯ୍ୟ ଶୃଙ୍ଖଳିତ ଭାବେ ହେଉ। ଏଥିପାଇଁ ଆମେ ସବୁ ସେବକଙ୍କ ସହଯୋଗ କାମନା କରୁଛୁ। ସବୁ ଭକ୍ତଙ୍କ କଲ୍ୟାଣ ହେଉ ବୋଲି ଆମେ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଛୁ। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ମହାପ୍ରଭୁଙ୍କ ଆଶୀର୍ବାଦରୁ ଶନିବାର ରଥ ଚକ ଅଖ ସଂଯୋଗ କରାଯାଇଛି। ସବୁ ସେବକଙ୍କ ସହଯୋଗରେ ଏହି କାର୍ଯ୍ୟ ସୁରୁଖୁରୁରେ ସମାପନ ହୋଇଛି । ଆମର ବୈଷୟିକ ଟିମ୍ ପ୍ରତ୍ୟେକ ଦିନ ରଥ ଖଳାକୁ ଆସି ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି । ସବୁ କିଛି କାର୍ଯ୍ୟ ସଠିକ୍ ସମୟରେ ଶେଷ ହେବ ବୋଲି ଆଶା କରାଯାଉଛି ।'

# ମହାପ୍ରଭୁଙ୍କ ଭଉଁରୀ ଯାତ ସମ୍ପନ୍ନ

**ପୁରୀ ୦୯।୦୫**
**ନ୍ୟୁଜ ବ୍ୟୁରୋ**

ଶନିବାର ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ବିଶେଷ ଆକର୍ଷଣ ଭଁଉରୀ ମହୋତ୍ସବ । ପାରମ୍ପରିକ ବାଦ୍ୟ ତଥା ଭଜନ କୀର୍ତ୍ତନର ପଟୁଆରରେ ବଡ଼ଦାଣ୍ଡରେ ଉଭାହୋଇଛନ୍ତି ଚନ୍ଦନ ଦଶ ଠାକୁର। ହଜାର ହଜାର ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ଗହଣରେ ନରେନ୍ଦ୍ର ଚକଡ଼ାରେ ପହଞ୍ଚିଥିଲେ ଚନ୍ଦନ ଠାକୁର। ଶ୍ରୀରାମକୃଷ୍ଣ ଓ ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ପଞ୍ଚମହାଦେବ ନରେନ୍ଦ୍ର ଜଳରେ ନନ୍ଦା ଓ ଭଦ୍ରାରେ ଅଧିଷ୍ଠିତ ହୋଇ ୨୧ ଘେରା ନୌବିହାର କରିଥିଲେ ।

ଠାକୁରଙ୍କ ଏହି ଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନୀତି



ଧାର୍ଯ୍ୟ ହୋଇଥିଲା । ଅପରାହ୍ଣ ୧ଟାରେ ଯାତ ଭୋଗ ସରିବା ପରେ ୨ଟାରେ ଚନ୍ଦନକୁ ଠାକୁରେ ବିଜେ ହୋଇଥିଲେ। ନରେନ୍ଦ୍ର ଅଭିମୁଖେ ଠାକୁରଙ୍କ ବିମାନ ଉଠିବା ସମୟ ରହିଥିଲା ୨ଟା ୩୦ । ଏହି ଅବସରରେ ଠାକୁରଙ୍କ ଜଳଲାଗି, ଦିଅଁ ଚନ୍ଦନ କୁଣ୍ଡକୁ ବିଜେ, ଚନ୍ଦନ କୁଣ୍ଡରୁ ବାହାରିବା, ବେଶ, ଶୀତଳ ଭୋଗ, ମାଣ୍ଡୁଅ ଭୋଗ, ବିଡ଼ିଆ ମଣୋହୀ, ବନ୍ଦାପନା ଆଦି ନୀତି ହୋଇଛି । ପରେ ମଦନମୋହନ, ଲକ୍ଷ୍ମୀ ସରସ୍ୱତୀ ଓ ରାମକୃଷ୍ଣ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପଞ୍ଚମହାଦେବ ନିଜ ନିଜ ଆସ୍ଥାନକୁ ଫେରିଯାଇଥିଲେ। ଏହି ଧାର୍ମିକ ସମାବେଶରେ ସାଧୁସନ୍ଥଙ୍କ ସହ ଶ୍ରଦ୍ଧାଳୁବୃନ୍ଦ ଠାକୁରଙ୍କ ସାନ୍ନିଧ ଲଭିଥିଲେ।

# ମଞ୍ଚରେ ଚଢ଼ି ଆଲିଙ୍ଗନ କଲେ, ମାଖନଲାଲଙ୍କ ଆଶୀର୍ବାଦ ନେଲେ ପ୍ରଧାନମନ୍ତ୍ରୀ

**କୋଲକାତା, ୯/ ୫**

ପଶ୍ଚିମବଙ୍ଗ ପାଇଁ ଶନିବାର ସତେ ଯେପରି ଶୁଭ ଏବଂ ଉତ୍ସବର ଦିନ ଥିଲା। କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ବିଜେପି ସରକାରଙ୍କ ମହାନ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମିଲ ହୋଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ସମୟରେ ଏକ ଆକର୍ଷଣୀୟ ଘଟଣା ସାମ୍ନାକୁ ଆସିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଞ୍ଚ ଉପରେ ପହଞ୍ଚିବା ମାତ୍ରେ ପ୍ରଥମେ ଜଣେ ବୃଦ୍ଧଙ୍କୁ ଆଲିଙ୍ଗନ କରିଥିଲେ। ତା'ପରେ ତାଙ୍କ ପାଦ ଛୁଇଁଥିଲେ। ତା'ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ନେହରେ ଆଲିଙ୍ଗନ କରିଥିଲେ। ଏହି ସମୟରେ ବୃଦ୍ଧଙ୍କ ଆଖି ଓଦା ହୋଇଗଲା। ସେଠାରେ ଉପସ୍ଥିତ ନେତାଙ୍କ ଆଖି ବି ଛଳଛଳ ହୋଇଗଲା। ପ୍ରଧାନମନ୍ତ୍ରୀ ମଞ୍ଚ ଉପରେ ପଶ୍ଚିମବଙ୍ଗରେ ବିଜେପିର ସବୁଠାରୁ ବରିଷ୍ଠ କର୍ମୀଙ୍କ ମଧ୍ୟରୁ ଜଣେ ମାଖନଲାଲ ସରକାରଙ୍କ ଆଶୀର୍ବାଦ ଲୋଡ଼ିଥିବା ଜଣାପଡ଼ିଛି। ୯୮ ବର୍ଷୀୟ ମାଖନଲାଲ ସରକାରଙ୍କୁ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଜାତୀୟତାବାଦୀ ଆନ୍ଦୋଳନରେ ସାମିଲ ଥିବା ପ୍ରାରମ୍ଭିକ ତୃଣମୂଳସ୍ତରର କର୍ମୀଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ୧୯୫୨ ମସିହାରେ ସେ କାଶ୍ମୀରରେ ତ୍ରିରଙ୍ଗା ଉତ୍ତୋଳନ ଆନ୍ଦୋଳନରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସହିତ ଯୋଗ ଦେଇଥିଲେ। ଏହି ସମୟରେ ତାଙ୍କୁ ଗିରଫ ମଧ କରାଯାଇଥିଲା। ୧୯୮୦ ମସିହାରେ ବିଜେପି ଗଠନ ହେବା ପରେ, ତାଙ୍କୁ ପଶ୍ଚିମ ଦିନାଜପୁର, ଜଳପାଇଗୁଡ଼ି ଏବଂ ଦାର୍ଜିଲିଂ ଜିଲ୍ଲା ପାଇଁ ସଂଗଠନ ସଂଯୋଜକ ନିଯୁକ୍ତ କରାଯାଇଥିଲା। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସେ ଦଳରେ ପ୍ରାୟ ୧୦ ହଜାର ନୂଆ ସଦସ୍ୟଙ୍କୁ ଯୋଡିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୧୯୮୧ ମସିହାରୁ ସେ ଲଗାତାର ସାତ ବର୍ଷ ପାଇଁ ଜିଲ୍ଲା ସଭାପତି ଭାବରେ କାର୍ଯ୍ୟ କରିଥିଲେ। ଏହାକୁ ସେତେବେଳେ ଏକ ଅସାଧାରଣ ସଫଳତା ବୋଲି ବିବେଚନା କରାଯାଉଥିଲା, କାରଣ ବିଜେପି ନେତାମାନେ ସାଧାରଣତଃ ଦୁଇ ବର୍ଷରୁ ଅଧିକ ସମୟ ପାଇଁ କୌଣସି ସାଂଗଠନିକ ପଦବୀରେ ନଥିଲେ। ଏଭଳି ଭେଟେରାନ ନେତାଙ୍କୁ ମଞ୍ଚରେ ପ୍ରଣାମ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପଶ୍ଚିମବଙ୍ଗ ବିଜେପି ମୁଖ୍ୟ ସମିକ୍ ଭଟ୍ଟାଚାର୍ଯ୍ୟ କହିଛନ୍ତି, ମାଖନ ଲାଲ ସରକାର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଶ୍ୟାମା ପ୍ରସାଦ କାଶ୍ମୀର ଗସ୍ତରେ ଯାଇଥିବାବେଳେ ସେତେବେଳେ ମାଖନ ଲାଲ ସରକାର ମଧ ତାଙ୍କ ସହିତ ଥିଲେ। କାଶ୍ମୀରରେ ଭାରତୀୟ ତ୍ରିରଙ୍ଗା ଉଡ଼ାଇବାକୁ ନେଇ ହୋଇଥିବା ଆନ୍ଦୋଳନ ସମୟରେ ଶ୍ୟାମାପ୍ରସାଦ ଓ ମାଖନଲାଲଙ୍କୁ ଗିରଫ କରି ଜେଲ୍ ପଠାଯାଇଥିଲା। ଶ୍ୟାମା ପ୍ରସାଦଙ୍କର କାଶ୍ମୀର ଜେଲରେ ସନ୍ଦେହଜନକ ସ୍ଥିତିରେ ମୃତ୍ୟୁ ହୋଇଥିଲା। ସେତେବେଳେ ମାଖନଲାଲ ତାଙ୍କ ନିକଟରେ ଥିଲେ। ସେ ଶ୍ୟାମା ପ୍ରସାଦଙ୍କ ଶେଷ ଯାତ୍ରାର ସାଥୀ ଥିଲେ। କଂଗ୍ରେସ ଶାସନ କାଳରେ ମାଖନଲାଲଙ୍କୁ ଦେଶଭକ୍ତି ଗୀତ ଗାଇବାକୁ ନେଇ ଦିଲ୍ଲୀ ପୁଲିସ ଗିରଫ କରିଥିଲା। କୋର୍ଟରେ ତାଙ୍କୁ କ୍ଷମା ମାଗିବାକୁ କୁହାଯାଇଥିଲା। କିନ୍ତୁ ସେ କ୍ଷମା ପ୍ରାର୍ଥନା କରିବାକୁ ମନା କରିଦେବା ସହିତ ପୁଣି ଥରେ ସେହି ଗୀତ ଗାଇଥିଲେ। କୋର୍ଟ ତାଙ୍କ ସାହସରେ ପ୍ରଭାବିତ ହୋଇ ତାଙ୍କୁ ଘରକୁ ଫେରିବାକୁ ପ୍ରଥମ ଶ୍ରେଣୀ ଟ୍ରେନ୍ ଟିକଟ ଓ ୧୦୦ ଟଙ୍କା ଦେଇଥିଲେ। ୯୭-୯୮ ବର୍ଷରେ ମଧ ମାଖନଲାଲ ତୃଣମୂଳ ସ୍ତରରେ ବିଜେପିର ଜଣେ ସମର୍ପିତ କାର୍ଯ୍ୟକର୍ତ୍ତା ଭାବେ ପରିଗଣିତ ହୁଅନ୍ତି।



# ହାଇକୋର୍ଟଙ୍କ ଆଭିମୁଖ୍ୟ ଉପରେ ସୁପ୍ରିମକୋର୍ଟଙ୍କ ଅସନ୍ତୋଷ

## ୨୨ ବର୍ଷ ପରେ କଏଦୀଙ୍କୁ ମିଳିଲା ଜାମିନ



କଟକ, ୯/୦୫ ନ୍ୟୁଜ ବ୍ୟୁରୋ

ଓଡ଼ିଶା ହାଇକୋର୍ଟଙ୍କ ଏକ ପୁରୁଣା ଅପିଲ୍ ଆଦେଶକୁ ସୁପ୍ରିମକୋର୍ଟ ଅତ୍ୟନ୍ତ ବିବ୍ରତକର ବୋଲି କହିବା ସହ ଦୀର୍ଘ ୨୨ ବର୍ଷ ଧରି ଜେଲ୍ ଦଣ୍ଡ ଭୋଗୁଥିବା ଜଣେ କଏଦୀଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ କେବଳ ବିଳମ୍ବ ଆଧାରରେ ଅପିଲ ଖାରଜ କରିବା ଠିକ ହୋଇ ନ ଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ଅର୍ଜୁନ ଜାନୀ ଓରଫ ଟୁନଟୁନଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲାର ଅର୍ଜୁନ ଜାନୀଙ୍କୁ ୨୦୦୪ ମସିହାରେ ଏକ ହତ୍ୟା ମାମଲାରେ ଗିରଫ କରାଯାଇଥିଲା। ୨୦୦୬ ଅଗଷ୍ଟ ୨୫ ତାରିଖରେ ନବରଙ୍ଗପୁର ନିମ୍ନ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ସେବେଠାରୁ ସେ କୋରାପୁଟ ସର୍କଲ ଜେଲ୍‌ରେ ବନ୍ଦୀ ଅଛନ୍ତି। ଅର୍ଜୁନ ଜାନି ଜେଲ୍‌ରୁ ନିଜର ଦଣ୍ଡାଦେଶ ବିରୋଧରେ ଓଡ଼ିଶା ହାଇକୋର୍ଟରେ ଅପିଲ୍ କରିଥିଲେ, କିନ୍ତୁ ଏଥିରେ ୩୧୫୭ ଦିନ ବିଳମ୍ବ ହୋଇଥିଲା। ୨୦୧୬ ମସିହାରେ ହାଇକୋର୍ଟ କୌଣସି ଯଥାର୍ଥ କାରଣ ନାହିଁ କହି ଏହି ଆବେଦନକୁ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟ ଏହାକୁ ଏକ 'ବିବ୍ରତକର' ଆଦେଶ ବୋଲି ଅଭିହିତ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଜଣେ କଏଦୀ ଜେଲ୍‌ରୁ ଅପିଲ୍ କରୁଥିବା ବେଳେ ହାଇକୋର୍ଟ ଏକ ସହାନୁଭୂତିପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ୍ ଥିଲା। ଅନ୍ୟପକ୍ଷରେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ ଦାଖଲ ଆଚରଣପତ୍ରରେ କୁହାଯାଇଛି ଯେ କଏଦୀଙ୍କ ଆଚରଣ ସନ୍ତୋଷଜନକ ରହିଛି । ଏହାକୁ ଆଧାର କରି ସୁପ୍ରିମକୋର୍ଟ ବିଶେଷ କ୍ଷମତା ବ୍ୟବହାର କରି ଅର୍ଜୁନଙ୍କୁ ୧୦,୦୦୦ ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ଜାମିନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ କୋରାପୁଟ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଅର୍ଜୁନଙ୍କୁ ତାଙ୍କର ଦଣ୍ଡ କୋହଳ ପାଇଁ ଆବେଦନ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବେ।

# ବରମୁଣ୍ଡାରେ ମର୍ମନ୍ତୁଦ ଦୁର୍ଘଟଣା
## ୨ ବାଇକକୁ ପିଟିଲା ଟ୍ରକ, ୩ ମୃତ

**ଭୁବନେଶ୍ୱର, ୯।୫ ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବରମୁଣ୍ଡା କାଳିମନ୍ଦିର ପାଖ ଓଭରବ୍ରିଜରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁଇଟି ବାଇକରେ ୪ ଜଣ ରସୁଲଗଡ଼ ପଟୁ ଖଣ୍ଡଗିରି ଆଡ଼କୁ ଯାଉଥିଲେ। ସମସ୍ତେ ହେଲମେଟ ପିନ୍ଧିଥିଲେ ମଧ ୨ ବାଇକକୁ ପିଟିଥିଲା ଟ୍ରକ୍ । ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ଯୁବତୀ ଅଛନ୍ତି। ଜଣେ ଆହତ ହୋଇଛନ୍ତି । ଘଟଣା ସ୍ଥଳରେ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି। ଦୁର୍ଘଟଣା ପରେ ଓଭରବ୍ରିଜରେ ଟ୍ରାଫିକ ଜାମ୍ ହୋଇଥିଲା। ଟ୍ରାଫିକ ପୋଲିସ ଏବଂ ଆଇଆରବି ଫୋର୍ସ ପହଞ୍ଚି ଭିଡ ନିୟନ୍ତ୍ରଣ କରିଥିଲେ। ମୃତ ୩ ଯୁବକଙ୍କ ପରିଚୟ ମିଳିପାରିନି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୯/୦୫/୨୦୨୬
୮,୪୫,୩୮୧/- ଟଙ୍କା
ସୁନା:-୦୦ଗ୍ରାମ୍‌୩୨୦ ମିଲିଗ୍ରାମ
ରୂପା:-୦୮ଗ୍ରାମ୍‌୪୦୦ ମିଲିଗ୍ରାମ

# ୨୯ ସହରାଞ୍ଚଳରେ ଶତପ୍ରତିଶତ ପାଇପ୍ ଜଳ ସଂଯୋଗ ସୁନିଶ୍ଚିତ

## ସ୍ୱେରେଜ୍ ଭିତ୍ତିଭୂମି ବିକାଶ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ

**ଭୁବନେଶ୍ୱର, ୯।୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଜଳ ନିଗମ ସହରାଞ୍ଚଳ ନାଗରିକ ସେବା କ୍ଷେତ୍ରରେ ଏକ ଐତିହାସିକ ସଫଳତା ହାସଲ କରିଛି। ନିଗମ ନିଜ ଅଧୀନରେ ଥିବା ସମସ୍ତ ୨୯ଟି ସହରାଞ୍ଚଳରେ ଶତପ୍ରତିଶତ ଘରୋଇ ପାଇପ୍ ଜଳ ସଂଯୋଗ ସୁନିଶ୍ଚିତ କରି ସାର୍ବଜନୀନ ଜଳ ଯୋଗାଣ ଲକ୍ଷ୍ୟ ପୂରଣ କରିଛି। ଏହି ସଫଳତା ସହ ରାଜ୍ୟର ସହରାଞ୍ଚଳ ଜଳ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ସୁଦୃଢ଼ କରିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ୱାଟକୋର ଏହି ସଫଳତା ସହିତ ଆଗାମୀ ଜଳ ଓ ସ୍ୱେରେଜ୍ ଭିତ୍ତିଭୂମି ବିକାଶ ରୋଡମ୍ୟାପ୍ ଉପରେ ଆଲୋଚନା କରାଯାଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ୱାଟକୋ ପ୍ରାୟ ୭,୬୩,୦୮୨ଟି ଘରୋଇ ସଂଯୋଗ ମାଧ୍ୟମରେ ୪.୯୧ ନିୟୁତରୁ ଅଧିକ ସହରବାସୀଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଆସୁଛି। "ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍" ଅଭିଯାନ ଏହି ପ୍ରୟାସକୁ ଅଧିକ ଗତିଶୀଳ କରିଛି। ବର୍ତ୍ତମାନ ୧୧ଟି ସହରାଞ୍ଚଳରେ ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଚାଲିଥିବାବେଳେ, ଅନ୍ୟ ୧୭ଟି ସହରରେ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର ଭାବେ ଅଗ୍ରସର ହେଉଛି। ୱାଟକୋର ବର୍ତ୍ତମାନ ମୋଟ ଜଳ ଯୋଗାଣ କ୍ଷମତା ୯୮୮.୮୯ ଏମ୍ ଏଲ୍ ଡିରେ ପହଞ୍ଚିଥିବାବେଳେ ସହରାଞ୍ଚଳର ବର୍ତ୍ତମାନ ଚାହିଦା ୭୦୦.୬୭ ଏମ୍‌ଏଲ୍‌ଡି ରହିଛି। ଏହି ଅତିରିକ୍ତ କ୍ଷମତା ଆଗାମୀ ଦିନରେ ରାଜ୍ୟର ଦୀର୍ଘମିଆଦି ଜଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ୨୦୨୫-୨୬ ଆର୍ଥିକ ବର୍ଷରେ ୱାଟକୋ ନିଜର ୯୧୨ କୋଟି ଟଙ୍କାର ବଜେଟକୁ ଶତପ୍ରତିଶତ ବ୍ୟୟ କରିଥିବା ସହିତ ଅମୃତ ଏବଂ ଓଏମବିଏଡିସି ପରି ଯୋଜନା ମାଧ୍ୟମରେ ଅତିରିକ୍ତ ୫୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ କରି ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ଏହି ଧାରାକୁ ଜାରି ରଖି ୨୦୨୬-୨୭ ପାଇଁ ୯୨୦ କୋଟି ଟଙ୍କାର ଏକ ମହତ୍ୱାକାଂକ୍ଷୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି, ଯେଉଁଥିରେ ସ୍ୱେରେଜ୍ ଭିତ୍ତିଭୂମି ବିକାଶ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଗତ ଏକ ବର୍ଷ ମଧ୍ୟରେ ୱାଟକୋ ୩ଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ ଓ ୫୮ଟି ଉଚ୍ଚକ୍ଷମତା ସମ୍ପନ୍ନ ଜଳାଶୟ ନିର୍ମାଣ କରିଛି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୨,୬୫୮.୪୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅବସ୍ଥାରେ ରହିଛି। ଏଥିରେ ଭୁବନେଶ୍ୱର ପାଇଁ ୧୩୦ ଏମ୍‌ଏଲ୍‌ଡି କ୍ଷମତା ବିଶିଷ୍ଟ ବୃହତ୍ ଜଳ ବିଶୋଧନ ପ୍ଲାଣ୍ଟ ଏବଂ ସହରର ବସ୍ତି ଓ ଅଣ-ବସ୍ତି ଅଞ୍ଚଳରେ ସ୍ୱେରେଜ୍ ନେଟ୍‌ୱାର୍କ ସମ୍ପ୍ରସାରଣ ପରି ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଛି। ଆଗାମୀ ପର୍ଯ୍ୟାୟରେ ୱାଟକୋ ୬,୧୨୯ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବୃହତ୍ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ସେଥିରେ ସମ୍ବଲପୁର ପାଇଁ ୧,୬୮୨ କୋଟି ଟଙ୍କା ଓ ବାରିପଦା ପାଇଁ ୮୩୦.୯୭ କୋଟି ଟଙ୍କାର ସ୍ୱେରେଜ୍ ପ୍ରକଳ୍ପ ବିଶେଷ ଗୁରୁତ୍ୱ ବହନ କରୁଛି। ଡିଜିଟାଲ୍ ଓ ସ୍ମାର୍ଟ ଜଳ ପରିଚାଳନାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଭୁବନେଶ୍ୱର, ପୁରୀ, କଟକ, ରାଉରକେଲା ଓ ବ୍ରହ୍ମପୁରରେ ୫୦ ହଜାର ସ୍ମାର୍ଟ ୱାଟର ମିଟର ସ୍ଥାପନ କାର୍ଯ୍ୟ ଚାଲିଛି। ଏହାଦ୍ୱାରା ବିଲିଂ ବ୍ୟବସ୍ଥା, ଜଳ ବ୍ୟବହାର ନିରୀକ୍ଷଣ ଓ ସମ୍ବଳ ପରିଚାଳନାରେ ଆଧୁନିକତା ଆସିବ। ଜଳର ଗୁଣବତ୍ତା ଓ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ୱାଟକୋ ରାଜ୍ୟରେ ୧୪ଟି ଆଧୁନିକ ପରୀକ୍ଷାଗାର ପରିଚାଳନା କରୁଛି। ଏହା ସହ ଆଇଆଇଟି ଭୁବନେଶ୍ୱର ସହ ବୈଷୟିକ ସହଯୋଗ ମାଧ୍ୟମରେ ଜଳ ପରିଚାଳନାରେ ନୂତନ ପ୍ରଯୁକ୍ତିର ପ୍ରୟୋଗକୁ ମଧ ଗୁରୁତ୍ୱ ଦିଆଯାଉଛି। ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି କହିଛନ୍ତି ଯେ, ଆଧୁନିକ ପ୍ରଯୁକ୍ତି, ଦୃଢ଼ ଭିତ୍ତିଭୂମି ଏବଂ ସୁସ୍ଥିର ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳରେ ବିଶ୍ୱସ୍ତରୀୟ ନାଗରିକ ସେବା ପ୍ରଦାନ ପାଇଁ ୱାଟକୋ ନିରନ୍ତର କାର୍ଯ୍ୟ କରୁଛି।



# ଅରାଜକତା ଆଡ଼କୁ ଗତି କରୁଛି ଓଡ଼ିଶା: ବିଜେଡି

**ଭୁବନେଶ୍ୱର, ୦୯ /୦୫ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଦିନକୁ ଦିନ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି । ଗତ ୧୦ ଦିନର ଘଟଣାକୁ ଅନୁଧ୍ୟାନ କଲେ, ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ୟୁପି, ବିହାରକୁ ଟପିଗଲାଣି କହି ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜେଡି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ଗତ ୧୦ ଦିନ ଭିତରେ ରାଜ୍ୟରେ ଘଟିଥିବା ହତ୍ୟା ଓ ହିଂସାକାଣ୍ଡ ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ, ରାଜ୍ୟରେ ସତେ ଯେମିତି ଆଇନର ଶାସନ ନଥିବା ଭଳି ସାଧାରଣ ଜନତା ଅନୁଭବ କରୁଛନ୍ତି । ଢେଙ୍କାନାଳରେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ, ହିଞ୍ଜିଳିରେ ୩ ବର୍ଷର ଝିଅ ସାମ୍ନାରେ ତାର ଗର୍ଭବତୀ ମାଆକୁ ହତ୍ୟା, କଣାସରେ ଯୁବକଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା ଉଦ୍ୟମ, ନିକଟରେ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟ ସ୍ୱାଇଁଙ୍କୁ ହତ୍ୟା ଘଟଣା ସୂଚାଉଛି, ଏହି ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଡ଼ ସାମନ୍ତସିଂହାର ଆହୁରି କହିଥିଲେ ଯେ, ଶୁକ୍ରବାର ମାତ୍ର ୨୦ ହଜାର ଟଙ୍କା ପାଇଁ ସେହି ବାଲିଅନ୍ତା ଅଂଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ଏ ସମସ୍ତ ଅପରାଧରେ ସଂଶ୍ଳିଷ୍ଟ ଥିବା ମୁଖ୍ୟ ଆସାମୀ ମାନଙ୍କୁ ଏ ପର୍ଯ୍ୟନ୍ତ ପୋଲିସ୍ ଗିରଫ କରିବାରେ ବିଫଳ ହୋଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହି ଅପରାଧୀମାନେ ସରକାରଙ୍କ ରାଜନୈତିକ ସୁରକ୍ଷା ବଳୟ ଭିତରେ ରହୁଛନ୍ତି। ଯେଉଁ ରାଜ୍ୟ ଶାନ୍ତିପ୍ରିୟ ରାଜ୍ୟ ଭାବେ ସମଗ୍ର ଭାରତବର୍ଷରେ ସୁନାମ ଅର୍ଜନ କରିଥିଲା, ବିଜେପି କ୍ଷମତାକୁ ଆସିବା ପରେ ସେହି ରାଜ୍ୟ ଅଶାନ୍ତରେ ପରିଣତ ହେବା ସହିତ ଆନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି । ଆମେରିକା ଭଳି ରାଷ୍ଟ୍ର ତାଙ୍କ ନାଗରିକ ମାନଙ୍କୁ ଆଡ଼ଭାଇଜରୀ ଜାରି କରି ଓଡ଼ିଶାକୁ ନ ଯିବା ପାଇଁ ମନା କରୁଛନ୍ତି ଜଗତସିଂହପୁର ଜିଲ୍ଲା ବିଜେଡି ସଭାନେତ୍ରୀ ଶ୍ରୀମତୀ ଲୋରା ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ବଢ଼ିଚାଲିଥିବା ହିଂସା ଓ ନାରୀ ନିର୍ଯାତନା ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଗୃହ ବିଭାଗ ଦାୟିତ୍ୱରେ ଥିବା ଖୋଦ୍ ମୁଖ୍ୟମନ୍ତ୍ରୀ ଯଦି ଆଇନ ଶୃଙ୍ଖଳା ସମ୍ଭାଳି ପାରୁନାହାନ୍ତି, ତାହେଲେ ତୁରନ୍ତ ସେହି ବିଭାଗ ଅନ୍ୟ କାହାକୁ ହସ୍ତାନ୍ତର କରନ୍ତୁ । ଭାରତୀୟ ଜନତା ପାର୍ଟି ସରକାରଙ୍କ ଅପାରଗତାକୁ ଲୁଚାଇବା ପାଇଁ ରାଜନୈତିକ ବୟାନବାଜି ବନ୍ଦ କରନ୍ତୁ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବର୍ଷାଦିନେ ବନ୍ଦ ହେବ ଖୋଲାତଡା : ନମାନିଲେ ଦୁଇଗୁଣା ଜରିମାନା ଆଦାୟ କରିବ ବିଏମ୍‌ସି

**ଭୁବନେଶ୍ୱର ୦୯/୦୫**
**ନ୍ୟୁଜ ବ୍ୟୁରୋ**

ବର୍ଷାଦିନେ ଖୋଲାତଡା ବନ୍ଦ ହେବ । ଯଦି କୌଣସି ସଂସ୍ଥା ଏହାକୁ ଅଣଦେଖା କରନ୍ତି ତାହାଲେ ଦୁଇଗୁଣା ଜରିମାନା ଆଦାୟ ହେବ । ଆବଶ୍ୟକ ପଡିଲେ ଜମା ଟଙ୍କା ଫେରସ୍ତ କରାଯିବନି ।

ମୌସୁମୀ ଆସିବା ପୂର୍ବରୁ ବିଏମ୍‌ସିରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଏହା ସହ ଡ୍ରେନ ସଫା ତ୍ୱରାନ୍ୱିତ କରିବା ସହ ୨୪ ଘଣ୍ଟା ଭିତରେ ରାସ୍ତାରେ ଗଦା କରାଯାଇଥିବା ପଙ୍କ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଋତୁ ପାଇଁ ପ୍ରସ୍ତୁତ ହେଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) । ଏନେଇ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ବୈଠକ ବସିଥିଲା । ଏଥିରେ କମିଶନର ଚଞ୍ଚଳ ରାଣା ଏବଂ ସବୁ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

ବର୍ଷାଋତୁ ଆରମ୍ଭ ହେବା ପୂର୍ବରୁ ସମସ୍ତ ଡ୍ରେନର ପଙ୍କୋଦ୍ଧାର କାର୍ଯ୍ୟ ଶେଷ କରିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି । ତା' ପୂର୍ବରୁ ରାସ୍ତା ଓ ଡ୍ରେନକୁ ମାଡ଼ି ଆସିଥିବା ଗଛର ଡାଳଗୁଡ଼ିକୁ କାଟିବା ପାଇଁ କୁହାଯାଇଛି । ଏଥିରେ ବିଏମସିକୁ ଅଗ୍ନିଶମ ବାହିନୀ




ସହଯୋଗ କରିବ । ଖାସ୍ କରି ୱାଟକୋ ପଙ୍କୋଦ୍ଧାର କରୁଥିଲେ ମଧ ସେଗୁଡିକୁ ରାସ୍ତା ଉପରୁ ଉଠାଉ ନଥିବା କର୍ପୋରେଟରମାନେ ଅଭିଯୋଗ କରିଥିଲେ ।

ସେହିପରି ଡ୍ରେନର ସୁରକ୍ଷା ଦୃଷ୍ଟିରୁ ଡ୍ରେନ ନିକଟରେ ଗଛ ଲଗାଇବାକୁ ବିଏମସି ପକ୍ଷରୁ କଟକଣା ଜାରି କରାଯାଇଛି। କୌଣସି ଘର ମାଲିକ ଯଦି ଡ୍ରେନ କଡରେ ଗଛ ଲଗାଇଥିବେ ତେବେ ସେମାନଙ୍କୁ ନୋଟିସ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠାରେ ଡ୍ରେନ ଭାଙ୍ଗିଯାଇଛି ସେଗୁଡିକୁ ତୁରନ୍ତ ମରାମତି କରିବା, ସ୍ଲାବ ପଡି ନଥିବା ସ୍ଥାନରେ ବର୍ଷା ଋତୁ ପୂର୍ବରୁ ସ୍ଲାବ ପକାଇବା ଏବଂ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ସ୍ଥାନଗୁଡିକରେ ବ୍ୟାରିକେଡ କରିବାକୁ କମିଶନର ଶ୍ରୀ ରାଣା ନିର୍ଦ୍ଦେଶ ଦେଇଛନ୍ତି । ପାଣି ଜମିବାର ସମ୍ଭାବନା ଥିବା ଅଞ୍ଚଳରେ ଏବେ ୱାଟ୍‌କୋ, ଟିପିଡିଓସିଏଲ୍ କିମ୍ବା ଅନ୍ୟ କୌଣସି ବିଭାଗ ଖୋଳାଖୋଳି କାର୍ଯ୍ୟ ନ କରିବାକୁ କମିଶନର କହିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା, ରିଜିଓନାଲ କମିଶନର ଆସନୀ ଏ.ଏଲ୍, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର ଏବଂ ସବୁ ୱାର୍ଡର କର୍ପୋରେଟର ମାନେ ଯୋଗ ଦେଇଥିଲେ ।